R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୮
ତିଥି: ଅଷ୍ଟମୀ
୧୦ ଫେବୃଆରୀ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 128
10 February 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur







# ଏସ୍‌ଆଇଆର ପ୍ରକ୍ରିୟାରେ ବାଧା ସୃଷ୍ଟି କରନି



ନୂଆଦିଲ୍ଲୀ, ୯ ।୧ : ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର) ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକକୁ ସହ୍ୟ କରାଯିବନାହିଁ। ତେବେ ଏ କ୍ଷେତ୍ରରେ ଥିବା ବାଧାଗୁଡ଼ିକୁ ଆମେ ହଟାଇବାକୁ ଚେଷ୍ଟା କରୁଛୁ। ଏହାଛଡା ପଶ୍ଚିମବଙ୍ଗରେ ଏସ୍‌ଆଇଆର ତଥ୍ୟକୁ ଚୂଡାନ୍ତ କରିବା ପାଇଁ ଥିବା ଅବଧିକୁ ଆଉ ସପ୍ତାହେ ସୁପ୍ରିମ୍‌କୋର୍ଟ ବୃଦ୍ଧି କରିବା ସହ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।

ଆଜି ସୁପ୍ରିମ୍‌କୋର୍ଟରେ ପଶ୍ଚିମବଙ୍ଗର ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ହୋଇଥିବା ଆବେଦନ ଉପରେ ଶୁଣାଣି କରାଯାଇଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍, ଜଷ୍ଟିସ୍ ଜୟମାଲା ମାଗ୍‌ଚୀ ଓ ଏନ୍‌ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ସେମାନେ କହିଥିଲେ ଯେ ଆମେ ବାଧାକୁ ଦୂର କରିବୁ। ମାତ୍ର ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରତିବନ୍ଧକକୁ ସହ୍ୟ କରାଯିବନାହିଁ। ନିର୍ବାଚନ କମିଶନଙ୍କ ପକ୍ଷରୁ ପକ୍ଷ ରଖି ଆଇନ୍‌ଜୀବୀ ଡିଏସ୍ ନାଇଡୁ କହିଥିଲେ ଯେ ଯେଉଁ ଇଆର୍‌ଓମାନଙ୍କୁ ନିଯୁକ୍ତି ଦିଆଯାଇଛି ତାହା ଚିନ୍ତାଜନକ।ଇସିଆଇ ପକ୍ଷରୁ ୩୦୦ ଗ୍ରୁପ୍ ବି ଅଫିସରଙ୍କୁ ଇଆର୍‌ଓ ଭାବେ ନିଯୁକ୍ତି ଦେବାପାଇଁ କୁହାଯାଇଥିଲା। ମାତ୍ର ୬୪ ଅଭିଜ୍ଞତା ସମ୍ପନ୍ନ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି ଓ ଅନ୍ୟ ଅଧିକାରୀମାନଙ୍କୁ ସମାନୁପାତିକ ବେତନ ଆଧାରରେ ନିଯୁକ୍ତି ମିଳିଛି। ଏପରିକି ଇଞ୍ଜିନିୟରମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏସ୍‌ଆଇଆର ଅଧିନରେ ସେମାନେ ନ୍ୟାୟିକ ନିର୍ଣ୍ଣୟ ସମ୍ଭାଳିବା ଭଳି ଉପଯୁକ୍ତ ନୁହଁନ୍ତି ବୋଲି କହିଥିଲେ। ସେହିଭଳି ମାଇକ୍ରୋ ଅବ୍‌ଜରଭରଙ୍କର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ତାଙ୍କୁ ମଧ୍ୟ ଯାଞ୍ଚ କରାଯାଇ ନିଯୁକ୍ତି କରାଯାଉ। ପଶ୍ଚିମବଙ୍ଗରେ ଯେଉଁ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି ସେଥିରେ ୭.୦୮ କୋଟି ଅଛନ୍ତି। ସେମାନଙ୍କ ମଧ୍ୟରୁ ୬.୭୫ କୋଟିଙ୍କୁ ଚିହ୍ନଟ କରାଯାଇଛି ଓ ୩୨ ଲକ୍ଷ ଜଣାପଡ଼ିନାହାନ୍ତି। ତେବେ ୧.୩୬ କୋଟି ଭୋଟରଙ୍କ ମଧ୍ୟରେ ତାର୍କିକ ଅସଂଗତି ତାଲିକା ରହିଛି। ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ପକ୍ଷ ରଖି ଆଇନ୍‌ଜୀବୀ ଅଭିଶେଖ୍ ମନୁସିଂହଭି କହିଥିଲେ ଯେ ଅନ୍ୟ (୯ ପୃଷ୍ଠାରେ)

# ତ୍ରିକୋଣୀୟ ପ୍ରେମରୁ ହତ୍ୟା

## ରାଜଧାନୀରେ ଚାଞ୍ଚଲ୍ୟ

ଭୁବନେଶ୍ୱର, ୯ ।୨ (ସବ୍ୟୁ) : ତ୍ରିକୋଣୀୟ ପ୍ରେମରୁ ଜଣେ ଯୁବକଙ୍କୁ ରବିବାର ବିଳମ୍ବିତ ରାତିରେ (ଚକେଲେଟ୍ ଡେ') ତ୍ରିକୋଣୀୟ ପ୍ରେମରୁ ହତ୍ୟା କରାଯାଇଛି । ଶିଶୁ ଭବନ ଛକ ଓଭରବ୍ରିଜ୍ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଧରାଇ ଦେଇଛି । ପ୍ରେମିକ-ପ୍ରେମିକାଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଟକ ରଖିଛି । ହତ୍ୟାକାଣ୍ଡର ତଦନ୍ତ ପାଇଁ ତିନୋଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ସତ୍ୟବ୍ରତ ପ୍ରଧାନ ଓରଫ ବାବୁନାଙ୍କ ଘର ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ । ସେ ଭୁବନେଶ୍ୱରରେ ମାଉସୀଙ୍କ ଘରେ ରହି ଡ୍ରାଇଭର ଭାବେ କାମ କରନ୍ତି। ନିଳାଦ୍ରୀବିହାର ସେକଟର-୨ରେ ରହୁଥିବା ପାର୍ଲର ମାଲିକ ଲିଜାଙ୍କ କାର୍ ଚଳାଉଥିଲେ ବାବୁନା । (୯ ପୃଷ୍ଠାରେ)

# ଅଭିଯୋଗ ଶୁଣାଣି ଏବେ ନିୟମିତ ପ୍ରଶାସନିକ ପ୍ରକ୍ରିୟା



ଭୁବନେଶ୍ୱର, ୯ ।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଆଜି ଥିଲା ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ପ୍ରତ୍ୟେକ ଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପ୍ରକୋଷ୍ଠ ବାହାରେ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପିଡୀତ ଥିବା ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସିଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥି ସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ସୁଦୂର ପାଟଣାଗଡରୁ ଆସିଥିବା ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପିଡୀତା ତିଲୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହିତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡ଼ିତ (ପୃଷ୍ଠାରେ)




## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
## ସଂଗ୍ରାମୀ ଉମା ଚରଣ ପଟ୍ଟନାୟକ

ଉମା ଚରଣ ପଟ୍ଟନାୟକ ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରତିଷ୍ଠିତ ରାଜନେତା ତଥା ପ୍ରତିରକ୍ଷା ବିଶେଷଜ୍ଞ ଭାବେ ସୁପରିଚିତ ଥିଲେ। ତାଙ୍କ ଜନ୍ମ ୧୯୦୨ ମସିହା ୧୯ ଅକ୍ଟୋବରରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ନିକଟସ୍ଥ ଅଶୋକା ଗ୍ରାମରେ ହୋଇଥିଲା। ଜଣେ ମେଧାବୀ ଛାତ୍ର ଭାବରେ ସେ ଆଇନ ଶିକ୍ଷା ସମାପ୍ତ କରି ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ମାତୃଭୂମିର ସେବା ପାଇଁ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ଏବଂ ଅନେକ ଥର କାରାବରଣ ମଧ୍ୟ କରିଥିଲେ । ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଓ ଦ୍ୱିତୀୟ ଲୋକସଭାକୁ ନିର୍ବାଚିତ ହୋଇ ସେ ସଂସଦରେ ଭାରତର ସାମରିକ ଶକ୍ତି ଏବଂ ପ୍ରତିରକ୍ଷା ନୀତି ଉପରେ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ। ସେ ବିଧାୟକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ବ୍ୟକ୍ତିଗତ ଜୀବନରେ ସେ ସରଳ, ନୀତିନିଷ୍ଠ ଏବଂ ଜନହିତୈଷୀ ଥିଲେ। କେବଳ ରାଜନୀତି ନୁହେଁ ବରଂ ସମାଜସେବା ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ୧୯୬୧ ଫେବୃଆରୀ ୧୦ରେ ଏହି ମହାନ ରାଜନେତାଙ୍କର ଦେହାନ୍ତ ହୋଇଥିଲା।

## ସୁପର ଫୁଡ୍ ମାଣ୍ଡିଆ

ମାଣ୍ଡିଆ ଏକ ଅତି ପୁଷ୍ଟିକର ଶସ୍ୟ, ଯାହାକୁ ଆଜିକାଲି "ସୁପରଫୁଡ୍" ଭାବରେ ଗଣନା କରାଯାଉଛି । ଓଡ଼ିଶାରେ ଏହା ପାରମ୍ପରିକ ଭାବେ ବହୁ ପୂର୍ବରୁ ବ୍ୟବହୃତ ହୋଇଆସୁଛି। ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ମାଣ୍ଡିଆର ଅନେକ କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଜାଣିବା ମାଣ୍ଡିଆରେ କଣ ରହିଛି ପୋଷଣ ।



**କ୍ୟାଲସିୟମରେ ଭରପୂର:** ଅନ୍ୟ ସମସ୍ତ ଶସ୍ୟ ତୁଳନାରେ ମାଣ୍ଡିଆରେ କ୍ୟାଲସିୟମର ମାତ୍ରା ସବୁଠାରୁ ଅଧିକ ଥାଏ। ଏହା ହାଡ ଏବଂ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ। ବଢୁଥିବା ପିଲା, ଗର୍ଭବତୀ ମହିଳା ଏବଂ ବୟସ୍କ ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ, କାରଣ ଏହା 'ଅଷ୍ଟିଓପୋରୋସିସ୍' ଭଳି ସମସ୍ୟାରୁ ରକ୍ଷା କରେ।

**ମଧୁମେହ ନିୟନ୍ତ୍ରଣ:** ମାଣ୍ଡିଆର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ ଏବଂ ଏଥିରେ ପ୍ରଚୁର ପରିମାଣର ପଲିଫେନୋଲ୍ ଏବଂ ଡାଏଟାରୀ ଫାଇବର ଥାଏ। ଏହା ରକ୍ତରେ ଶର୍କରା ବା ସୁଗାରର ମାତ୍ରାକୁ ହଠାତ୍ ବଢିବାକୁ ଦିଏ ନାହିଁ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ଚାଉଳ କିମ୍ବା ଗହମ ଅପେକ୍ଷା ମାଣ୍ଡିଆ ଖାଇବା ଅଧିକ ଲାଭଦାୟକ। ତେବେ ଏହାକୁ ଖାଦ୍ୟଭାବେ ଗ୍ରହଣ କରିବା ଆଗରୁ ଡାକ୍ତରଙ୍କ ପରାମର୍ଶ ନେଇପାରିବେ ।

**ଓଜନ ହ୍ରାସରେ ସହାୟକ :** ଏଥିରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୁରା ରଖିବାରେ ସାହାଯ୍ୟ କରେ, ଯାହାଦ୍ୱାରା ବାରମ୍ବାର ଭୋକ ଲାଗେ ନାହିଁ। ଏଥିରେ ଥିବା 'ଟ୍ରିପ୍ଟୋଫାନ୍' ନାମକ ଆମିନୋ ଏସିଡ୍ ଭୋକକୁ ନିୟନ୍ତ୍ରଣ କରେ ଏବଂ ଶରୀରର ଚର୍ବି କମାଇବାରେ ସାହାଯ୍ୟ କରେ।

**ରକ୍ତହୀନତା ଦୂର କରେ:** ମାଣ୍ଡିଆ ପ୍ରାକୃତିକ ଲୌହସାରର ଏକ ଉତ୍ତମ ଉତ୍ସ । ଯେଉଁମାନଙ୍କ ଶରୀରରେ ରକ୍ତର ଅଭାବ ଥାଏ, ସେମାନେ ନିୟମିତ ମାଣ୍ଡିଆ ଖାଇଲେ ରକ୍ତରେ ହେମୋଗ୍ଲୋବିନ୍ ମାତ୍ରା ବଢିଥାଏ। ଏହା ଶରୀରରେ ଶକ୍ତି ସଞ୍ଚାର କରିବା ସହ ଦୁର୍ବଳତା ଦୂର କରେ।

**ହଜମ ପ୍ରକ୍ରିୟାରେ ଉନ୍ନତି:** ମାଣ୍ଡିଆରେ ଥିବା ଉଚ୍ଚ ପରିମାଣର ଫାଇବର କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବାରେ ଏବଂ ହଜମ ପ୍ରକ୍ରିୟାକୁ ସୁସ୍ଥ କରିବାରେ ବହୁତ ସାହାଯ୍ୟ କରେ। ଏହା ପେଟକୁ ଥଣ୍ଡା ରଖେ ଏବଂ ଅନ୍ତନଳୀର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର।

## ସୋସିଆଲ କୋଟ୍ସ



ମୋ ଜେଜେମା'ଙ୍କର ମୋତେ ଅଭିନେତା କରିବାରେ ବେଶି ଭୂମିକା ରହିଛି । ତାଙ୍କଠାରୁ ପ୍ରେରଣା ପାଇଁ ମୁଁ ଅଭିନୟ ଦୁନିଆକୁ ଆସିଥିଲି ।

ଇମରାନ ହାସମି, ଅଭିନେତା



ଆନିମଲ ଫିଲ୍ମରେ ଅଭିନୟ ପରେ ତ୍ରିପ୍ତିଙ୍କର ଲାଇଫ୍‌ରେ ଖୁବ ପରିବର୍ତ୍ତନ ଆସିଛି । ଲୋକ ତାଙ୍କୁ ଆଗରୁ ଜମା ଚିହ୍ନ ନଥିଲେ ହେଲେ ଏବେ ତାଙ୍କର କ୍ରେଜ ଦେଖିବାକୁ ମିଳିଛି ।

ସିଦ୍ଧାନ୍ତ ଚର୍ତୁବେଦୀ, ଅଭିନେତା



କ୍ୟାରିୟରରେ ଆଗକୁ ଯିବା ପାଇଁ ଅନେକ ପରିଶ୍ରମ କରିଛି । ଜୁନିଅର ଆର୍ଟିଷ୍ଟରୁ ନିଜର କ୍ୟାରିୟର ଆରମ୍ଭ କରିଥିଲି । ଆଗକୁ ଆହୁରି କିଛି କରିବାର ଅଛି ।


ରବି ଦୁବେ, ଅଭିନେତା

## ଫିଲ୍ମ ଦେଖିବାରୁ ଫାଶୀ !

ନିକଟରେ ଏକ ରିପୋର୍ଟ ଅନୁସାରେ ଉତ୍ତର କୋରିଆରେ ଡ୍ରାମା ସିରିଜ ଓ ଗୀତ ଶୁଣିବାରୁ ଏଠିକାର ଅଧିବାସୀଙ୍କୁ ଫାଶୀଦଣ୍ଡ ମିଳୁଛି । ଏଠାରେ ମନୋରଞ୍ଜନ ପାଇଁ ଖୁବ ଶକ୍ତ ନିୟମ ପ୍ରଣୟନ କରାଯାଇଛି । ସୂଚନା ଅନୁସାରେ ୨୦୨୦ରେ ଏଥିପାଇଁ ଏକ ନିୟମ ତିଆରି କରାଯାଇଥିଲା । ଯେଉଁ ନିୟମରେ ଫିଲ୍ମ, ଡ୍ରାମା ଓ ମ୍ୟୁଜିକ ଭିଡିଓକୁ ଖରାପ ବୋଲି ଦର୍ଶା ଯାଇଛି । ସେଠିକାର ସରକାରଙ୍କ ମତରେ ଲୋକମାନେ ଏହି ସବୁ ମନୋରଞ୍ଜନଧର୍ମୀ ଭିଡିଓ ଦେଖିଲେ ସରକାରଙ୍କ ବିଚାରଧାରାରୁ ବିମୁଖହେବେ, ତେଣୁ ଏଥିପାଇଁ ଶକ୍ତ ନିୟମ ଜାରି କରାଯାଇଛି । ଏଠାରେ ଫିଲ୍ମ, ଡ୍ରାମା ଓ ମ୍ୟୁଜିକ ଶୁଣିଲେ ୫ ରୁ ୧୫ ବର୍ଷର ଶ୍ରମିକର ଦଣ୍ଡ ମିଳିଥାଏ । ଯଦି କିଏ ଖୁବ ଅଧିକମାତ୍ରାରେ କଣ୍ଟେଣ୍ଟ କିମ୍ବା ଫିଲ୍ମ ଖୁବ ଅଧିକ ଲୋକଙ୍କୁ ଦେଖାଉଥିବାବେଳେ ଧରା ପଡନ୍ତି ତାଙ୍କୁ ସିଧା ଫାୟାରିଂର ନିର୍ଦ୍ଦେଶ ରହିଛି । ସେହିଭଳି ପିଲାଙ୍କୁ ଡରାଇବା ପାଇଁ ମଧ୍ୟ ଏଠାରେ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଇଥାଏ । ଏହି ସବୁ ନିୟମ ସାଧାରଣ ଲୋକଙ୍କର ଶୋଷଣ କରିବାକୁ ପ୍ରସ୍ତୁତ କରାଯାଇଛି ବୋଲି ସାଧାରଣରେ ଆଲୋଚନା କରାଯାଇଛି ।



ବିଶ୍ୱର ଦ୍ରୁତତମ ହ୍ୟୁମାନଏଡ୍ ରୋବଟ୍ ଇତିହାସ ରଚିଛି, ଯାହା ସେକେଣ୍ଡ ପ୍ରତି ରଖିଛି । ଏହି ରୋବଟ୍ ଏବଂ ଟେକ୍ ଉଦ୍ୟୋଗୀ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ୫ ମିଟର ଛୁଇଁଥିଲା, ସେତେବେଳେ ୱାଙ୍ଗ ନିଜର ଗତି ବଢ଼ାଇ ସେକେଣ୍ଡ ପ୍ରତି ୧୦ ବିଶ୍ୱର ଦ୍ରୁତତମ ରୋବଟ୍‌ର ମାନ୍ୟତା ଏହା ଏକ ଟେକ୍ ଫାର୍ମର ମିଳିତ ସହଯୋଗରେ ଉସେନ୍ ବୋଲ୍ଟଙ୍କ ନାମରେ ରଖାଯାଇଛି । କିଲୋଗ୍ରାମ ହୋଇଥିବା ବେଳେ ଏହାର ଏବଂ ଗତି ନିୟନ୍ତ୍ରଣ ପ୍ରଣାଳୀର ଅପଗ୍ରେଡ୍ ସେମାନଙ୍କ ପ୍ରଶିକ୍ଷଣ ସମୟରେ ଆସୁଥିବା ସହଯୋଗୀ' ଭାବେ କାର୍ଯ୍ୟ କରିବ ବୋଲି



ଭାବେ ଚୀନ୍ ଏବେ 'ବୋଲ୍ଟ'କୁ ଉନ୍ମୋଚିତ କରି ନୂତନ ୧୦ ମିଟର ବେଗରେ ଦୌଡ଼ିବାର ଅସାଧାରଣ କ୍ଷମତା ୱାଙ୍ଗ ହଙ୍ଗଟାଓଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେଡମିଲରେ ଯେତେବେଳେ ଟ୍ରେଡମିଲର ବେଗ ସେକେଣ୍ଡ ପ୍ରତି ସନ୍ତୁଳନ ହରାଇଥିଲେ, କିନ୍ତୁ ଅନ୍ୟପଟେ 'ବୋଲ୍ଟ' ମିଟର ବେଗରେ ଦୌଡି ପାରିଥିଲା । ଯାହାପରେ ହାସଲ କରିଥିଲା। ଜେଜିଆଙ୍ଗ ବିଶ୍ୱବିଦ୍ୟାଳୟ ଏବଂ ନିର୍ମିତ ଏହି ରୋବଟ୍‌ର ନାମ ବିଶ୍ୱ ପ୍ରସିଦ୍ଧ ଦୌଡ଼ାଳି ଯାହାର ଉଚ୍ଚତା ୧.୭୫ ମିଟର ଏବଂ ଓଜନ ୭୫ ଶରୀର ମଧ୍ୟରେ ଅତ୍ୟାଧୁନିକ ବିସ୍ଫୋରକ ଶକ୍ତି କରାଯାଇଛି । ଏହା ଭବିଷ୍ୟତରେ କ୍ରୀଡ଼ାବିତମାନଙ୍କୁ ବାଧାବିଘ୍ନ ଦୂର କରିବାରେ ଏକ 'ବୁଦ୍ଧିମାନ ଇଞ୍ଜିନିୟରମାନେ ଆଶା ପ୍ରକଟ କରିଛନ୍ତି।



## ଗଞ୍ଜାକୁ ନୋଟିସ

ଇଂଲଣ୍ଡରେ ଗୋଟିଏ କୁକୁଡାକୁ ଚୁପ କରାଇବା ପାଇଁ ନୋଟିସ ପଠାଯାଇଥିବା ଘଟଣା ସାମନାକୁ ଆସିଛି । ଏହାକୁ ଅସାମାଜିକ ବ୍ୟବହାର ପାଇଁ ଏହି ନୋଟିସ ପଠାଯାଇଥିବା ଜଣା ପଡିଛି । ସୂଚନା ଅନୁସାରେ ଗୋଟିଏ କୁକୁଡା ସମ୍ପର୍କରେ ଜଣେ ବ୍ୟକ୍ତି ଅଭିଯୋଗ ଆଣିଥିଲେ କି ଉକ୍ତ କୁକୁଡାଟି ତାଙ୍କ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରୁଛି । ତାର ଶବ୍ଦରେ ତାଙ୍କୁ ନିଦ ଆସୁନାହିଁ ଯାହାର ପ୍ରଭାବ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଛି । କୁକୁଡାଟି ପ୍ରତ୍ୟେକଦିନ ୪.୩୦ରେ ରାବିବାରୁ ତାଙ୍କ ନିଦରେ ବାଧା ଉପୁଜୁଛି । ତେବେ ଏହି ମାମଲାର ଶୁଣାଣି କରି ଉକ୍ତ କୁକୁଡାକୁ ଦିନ ୮ଟା ପର୍ଯ୍ୟନ୍ତ ଚୁପ କରାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏପଟେ କୁକୁଡାର ସପୋର୍ଟରେ ଅନେକ ଗ୍ରାମବାସୀ ବାହାରିଥିବା ଦେଖିବାକୁ ମିଳିଛି । ସମସ୍ତେ କୁକୁଡାକୁ ସମର୍ଥନ କରିବା ସହିତ କୁକୁଡାର ଶବ୍ଦ ତାଙ୍କ ଗ୍ରାମର ପ୍ରତୀକ ଅଟେ ।



## ଇତିହାସ

୧୮୧୭ - ଅଷ୍ଟ୍ରିଆ, ବ୍ରିଟେନ୍ ରୁଷ ଆଦି ଦେଶ ଫ୍ରାନ୍ସରୁ ସେନା ହଟାଇବା ପାଇଁ ଘୋଷଣା କଲେ ।
୧୮୨୮ - ଦକ୍ଷିଣ ଆମେରିକୀୟ କ୍ରାନ୍ତିକାରୀ ସାଇମନ୍ ବୋଲିବାର କଲମ୍ବିଆର ଶାସକ ହେଲେ ।
୧୮୭୯ - ଆମେରିକାର କାଲିଫର୍ଣ୍ଣିଆ ଥିଏଟରରେ ପ୍ରଥମଥର ପାଇଁ ଆଲୋକ ପାଇଁ ବିଜୁଳିର ବ୍ୟବହାର କରାଗଲା ।
୧୯୧୨ - ବ୍ରିଟେନ୍‌ର କିଙ୍ଗ ଜର୍ଜ ପଞ୍ଚମ ଓ କୁଇନ୍ ରାଣୀ ଭାରତରୁ ସ୍ୱରାଷ୍ଟ୍ର ଫେରିଲେ ।
୧୯୨୧ - ମହାତ୍ମା ଗାନ୍ଧିଙ୍କ ଦ୍ୱାରା କାଶୀ ବିଦ୍ୟାପୀଠର ଉଦ୍‌ଘାଟନ ।
୧୯୨୧ - ଡ୍ୟୁକ୍ ଅଫ୍ କନ୍ନାଟ ଇଣ୍ଡିଆ ଗେଟ୍‌ର ମୂଳଦୁଆ ପକାଇଲେ ।
୧୯୩୧ - ନୂଆଦିଲ୍ଲୀ ଭାରତର ରାଜଧାନୀ ହେଲା ।
୧୯୩୩ - ଜର୍ମାନୀର ଏକଛତ୍ରବାଦୀ ଶାସକ ହିଟଲର ମାର୍କ୍ସବାଦ ସମାପ୍ତ ନେଇ ଘୋଷଣା କଲେ ।
୧୯୪୭ - ନେଦରଲାଣ୍ଡ୍ସ ରେଡିଓୟୁନିୟନର ସ୍ଥାପନା କରାଗଲା ।
୧୯୯୨ - ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଖୋଲାଗଲା ।
୨୦୦୯ - ପ୍ରସିଦ୍ଧ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଭୀମସେନ ଯୋଶୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଗଲା ।

## ରୋମାଣ୍ଟିକ କମେଡିରେ ରଶ୍ମିକା

ଶାହିଦ କପୁର ଏବଂ ରଶ୍ମିକା ମାନ୍ଦନା ସେମାନଙ୍କର ଆଗାମୀ ଚଳଚ୍ଚିତ୍ର 'କକଟେଲ ୨'କୁ ନେଇ ବେଶ ଚର୍ଚ୍ଚାରେ ଅଛନ୍ତି, ଯାହାର ସୁଟିଂ ନିକଟରେ ଶେଷ ହୋଇଛି ଏବଂ ଏଥିରେ କ୍ରିତି ସନନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ତେବେ ଏହି ସମୟରେ ଏକ ନୂତନ ରିପୋର୍ଟ ଅନୁଯାୟୀ ଏହି ଦୁଇ କଳାକାର ଅନ୍ୟ ଏକ ଚଳଚ୍ଚିତ୍ର ପାଇଁ ମଧ୍ୟ ଏକାଠି ହେବାକୁ ଯାଉଛନ୍ତି । 'ବଧାଇ ହୋ' ଏବଂ 'ମୈଦାନ' ଭଳି ସଫଳ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅମିତ ରବିନ୍ଦ୍ରନାଥ ଶର୍ମାଙ୍କର ଏହି ନୂତନ ରୋମାଣ୍ଟିକ କମେଡି ଚଳଚ୍ଚିତ୍ରର ନିର୍ମାଣ ସୁନୀର ଖେତ୍ରପାଲ ଏବଂ ଜିଓ ଷ୍ଟୁଡିଓଜ୍ ମିଳିତ ଭାବେ କରୁଥିବାବେଳେ ଏହାର ସୁଟିଂ ଚଳିତ ବର୍ଷ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରୁ ଆରମ୍ଭ ହେବ। ଯେଉଁଥିପାଇଁ ଶାହିଦ ନିଜର ଆଗାମୀ ଚଳଚ୍ଚିତ୍ର 'ଓ ରୋମିଓ'ର ପ୍ରଚାର ଶେଷ କରି ଏବଂ 'ଫର୍ଜି' ସିଜନ ୨ ପାଇଁ ପ୍ରସ୍ତୁତି ସହ ଏହି ପ୍ରୋଜେକ୍ଟରେ ଯୋଗ ଦେବେ। ଶାହିଦଙ୍କ ଶେଷ ଚଳଚ୍ଚିତ୍ର 'ତେରି ବାତୋଁ ମେଁ ଏସା ଉଲଝା ଜିୟା' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିବା ବେଳେ ରଶ୍ମିକା ନିକଟରେ 'ଆନିମଲ' ଚଳଚ୍ଚିତ୍ରରେ ଗୀତାଞ୍ଜଳି ଭୂମିକାରେ ନିଜର ଚମତ୍କାର ଅଭିନୟ ପାଇଁ ଦେଶବ୍ୟାପୀ ପ୍ରଶଂସା ସାଉଁଟିଛନ୍ତି । ନିକଟରେ ସେ ପୁଷ୍ପା-୨ କୁ ନେଇ ମଧ୍ୟ ଖୁବ ଉତ୍ସାହିତ ଅଛନ୍ତି, ତେଣୁ ଏହି ଦୁଇ ପ୍ରତିଭାଶାଳୀ କଳାକାରଙ୍କୁ ଏକାଠି ପରଦାରେ ଦେଖିବା ଦର୍ଶକଙ୍କ ପାଇଁ ନିଶ୍ଚିତ ଭାବେ ଏକ ନୂଆ ଅନୁଭୂତି ହେବ ।



**ମେଷ-** ଅଯଥା ଚିନ୍ତା, ବ୍ୟବସାୟରେ ବାଧା, ସ୍ୱାସ୍ଥ୍ୟ ସମସ୍ୟା, ବିଶିଷ୍ଟ କାର୍ଯ୍ୟଲାଭ, ବନ୍ଧୁଲାଭ, କର୍ମକ୍ଷେତ୍ରେ ସାମାନ୍ୟ ଲାଭ, ଆଶା ବିଫଳ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ବୃଷ-** ଧନସମ୍ପତ୍ତି ବୃଦ୍ଧି, ଆଶା ସଫଳ, ସମ୍ମାନପ୍ରାପ୍ତି, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ଦାମ୍ପତ୍ୟ ସୁଖ, ଦ୍ରବ୍ୟଲାଭ, ପାରିବାରିକ ସମସ୍ୟା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ବିଷ୍ଣୁ ଭଗବାନ ।

**ମିଥୁନ-** ସମ୍ପତ୍ତିଲାଭ, ସମସ୍ୟା ସମାଧାନ, ନୂତନ କାର୍ଯ୍ୟରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ସନ୍ତାନ ସମସ୍ୟା, ବନ୍ଧୁଲାଭ, ଖୁସି ଖବର, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

**କର୍କଟ-** ଶରୀର ଅସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲା, ଲୋକସମ୍ପର୍କରେ ଉନ୍ନତି, ଗାଡ଼ିଚାଳନାରେ ସାବଧାନ, ଦ୍ରବ୍ୟ ନଷ୍ଟ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୭, ଆରାଧନା- ମା ବିମଳା ।

**ସିଂହ-** ଆର୍ଥିକ ଉନ୍ନତି, ବନ୍ଧୁଲାଭ, ସନ୍ତାନ ସମସ୍ୟା, ଗୃହେ ଉତ୍ସବ, ଦୂରଯାତ୍ରା, ଶରୀର ସୁସ୍ଥ, ଆଶା ସଫଳ, କର୍ମକ୍ଷେତ୍ରେ ଲାଭ, ବିପଦମୁକ୍ତ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା-** ନୂତନ କାର୍ଯ୍ୟାରମ୍ଭ, ସମସ୍ୟା ସମାଧାନ, ଆଶା ସଫଳ, ଦ୍ରବ୍ୟପ୍ରାପ୍ତି, ବନ୍ଧୁ ଲାଭ, ଅର୍ଥ ସମସ୍ୟା, ସୁମିଷ୍ଟ ଭୋଜନ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା-** ଖୁସି ଖବର, ଦାମ୍ପତ୍ୟ ସୁଖ, ବନ୍ଧୁଲାଭ, ଅର୍ଥ ସମସ୍ୟା, ସମ୍ପତ୍ତି ସମସ୍ୟା, ବ୍ୟବସାୟରେ ଉନ୍ନତି, ଶରୀର ସୁସ୍ଥ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା-** ସମ୍ପତ୍ତି ଲାଭ, ଖୁସି ଖବର, ଅର୍ଥପ୍ରାପ୍ତି, ବିଦେଶ ଭ୍ରମଣ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ମାନସିକ ଶାନ୍ତି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୩, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ଧନୁ-** ମାନସିକ ଅଶାନ୍ତି, କାର୍ଯ୍ୟ ଅସଫଳ, ଶରୀର ଅସୁସ୍ଥ, ସୁସମ୍ପର୍କ, ଅତିଥିଚର୍ଚ୍ଚା, ବ୍ୟବସାୟରେ ବିଦ୍ରୋହ, ଦାମ୍ପତ୍ୟ ସୁଖ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ରାଧାବଲ୍ଲଭ ।

**ମକର-** ଧନଲାଭ, ସମ୍ମାନପ୍ରାପ୍ତି, ଆଶା ସଫଳ, ଶରୀର ସୁସ୍ଥ, ନୂତନ କାର୍ଯ୍ୟ ଲାଭ, ଶତ୍ରୁ ସମସ୍ୟା, ଦୂରଯାତ୍ରା, ଦ୍ରବ୍ୟଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୧୦ ଆରାଧନା- ମା ଦକ୍ଷିଣକାଳୀ ।

**କୁମ୍ଭ-** ବ୍ୟବସାୟିକ ଲାଭ, ସମ୍ମାନରେ ବାଧା, ଶରୀର ଅସୁସ୍ଥ, ଶତ୍ରୁ ସମସ୍ୟା, ମୋକଦ୍ଦମାରେ କଷ୍ଟ, ଦ୍ରବ୍ୟ ଲାଭ, ମାନସିକ କଷ୍ଟ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା ମଙ୍ଗଳା ।

**ମୀନ-** କର୍ମକ୍ଷେତ୍ରେ ଲାଭ, ଯାନ୍ତ୍ରିକ ତ୍ରୁଟି, ମାମଲା ସମାଧାନ, ଦେବକାର୍ଯ୍ୟ ସଫଳ, ପାରିବାରିକ ଖୁସି, ଶତ୍ରୁନାଶ, ନୂତନ ନିଯୁକ୍ତି, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦି, ସଂଖ୍ୟା-୫, ଆରାଧନା- ମା ମଙ୍ଗଳା ।

ଫାଲଗୁନ କୃଷ୍ଣପକ୍ଷ, ନବମୀ
୧୦.୨.୨୦୨୬ ମଙ୍ଗଳବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮








ଭୁବନେଶ୍ୱରର ୭ ନମ୍ବର ସ୍ଥିତ ରାଜ୍ୟ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

### ରାଜସ୍ୱ ବିଭାଗରେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତାକୁ ଗୁରୁତ୍ୱ

## ପାନ, ସିଗାରେଟ୍, ମାଦକ ଦ୍ରବ୍ୟ ସେବନ କଲେ କାର୍ଯ୍ୟାନୁଷ୍ଠାନ, ସମସ୍ତ ତହସିଲକୁ ଚିଠି

ଭୁବନେଶ୍ୱର(ସବ୍ୟୁ): ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ସହ ଏହାକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ସଚ୍ଛୋଟତା, ବୃତ୍ତିଗତ ନିଷ୍ଠା ତଥା ସମ୍ବେଦନଶୀଳତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ନାଗରିକଙ୍କ ଅଭିଯୋଗର ତ୍ୱରିତ ସମାଧାନ, ଉତ୍ତମ ଶାସନ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଲୋକ ସେବାରେ ଶିଷ୍ଟାଚାର ଓ ଶୃଙ୍ଖଳାର ପାଳନ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସମେତ ସମସ୍ତ ସରକାରୀ ଜମିର ସୁରକ୍ଷା, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ଗୁରୁତ୍ୱ ଦେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡଃ ପାଢ଼ୀ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗର ରାଜ୍ୟ ମୁଖ୍ୟାଳୟ, ଜିଲ୍ଲା ଏବଂ ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏଭଳି ଚିଠି ପଠାଇଛନ୍ତି । ଏହା ସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ କଳା ପ୍ରତି ସମ୍ମାନ ଜଣାଇ ସପ୍ତାହର ଗୋଟିଏ ଦିନ (ଶୁକ୍ରବାର) ହସ୍ତତନ୍ତ ପୋଷାକ ପିନ୍ଧିବା ନିମନ୍ତେ ସେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଛନ୍ତି । ସଚ୍ଛୋଟ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବା ସହ ଦୁର୍ନୀତି ଏବଂ ଏହାର ପୃଷ୍ଠପୋଷକ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନ କରି ଅଚାନକ୍ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀ ଏବଂ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତିର ମୂଲ୍ୟାଙ୍କନ କରିବା ନିମନ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ପାଢ଼ୀ ତତ୍ପରତା ପ୍ରକାଶ କରିଛନ୍ତି ।

## ଓଡ଼ିଶାରେ ଫେବୃଆରୀରେ କୃମିନାଶ ଓ ଭିଟାମିନ ଏ ଅଭିଯାନ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଶିଶୁ ପୁଷ୍ଟିସାରକୁ ସୁଦୃଢ଼ କରିବା, ରକ୍ତହୀନତା ନିରାକରଣ କରିବା ଏବଂ ଅନ୍ତନଳୀର କୃମି ସଂକ୍ରମଣକୁ ରୋକିବା ପାଇଁ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଓ ୟୁନିସେଫ୍ ସହାୟତାରେ, ୧୦ ତାରିଖରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ । ଏହା ସହିତ ଫେବୃଆରୀ ମାସ ସାରା ରାଜ୍ୟରେ ଭିଟାମିନ୍ ଏ ସପ୍ଲିମେଣ୍ଟେସନ୍ କାର୍ଯ୍ୟକ୍ରମ ଚାଲିବ ଓ ସମାନ୍ତରାଳ ଭାବରେ ଏକ ସମନ୍ୱିତ ଜନସ୍ୱାସ୍ଥ୍ୟ ରଣକୌଶଳର ଅଂଶଭାବରେ ଲିମ୍ଫାଟିକ ଫାଇଲେରିଆସିସ୍- ସମୂହ ଔଷଧ ସେବନ (ଏଲ୍ଏଫ୍ -ଏମଡିଏ) କାର୍ଯ୍ୟକ୍ରମ କିଛି ବଛାବଛା ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ। ଏଲଏଫ୍ – ଏମ୍ଡି ଏ ପ୍ରୟାସରେ ସଂକ୍ରମଣକୁ ଦୂର କରିବା ଏବଂ ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ କରିବାକୁ ଗୋଷ୍ଠୀସ୍ତରରେ ଫାଇଲେରିଆ ନିରୋଧି ଔଷଧସେବନ ଅନ୍ତର୍ଭୁକ୍ତ। ଏନ୍ତିଡି କାର୍ଯ୍ୟକ୍ରମରେ ସମସ୍ତ ୩୦ ଜିଲ୍ଲାରେ ୧ ରୁ ୧୯ ବର୍ଷ ବୟସର ୧.୫୯ କୋଟିରୁ ଅଧିକ ପିଲା ଏବଂ ଗର୍ଭଧାରଣ ବୟସ (୨୦ ରୁ ୨୪ ବର୍ଷ) ର ୧୯ ଲକ୍ଷରୁ ଅଧିକ ମହିଳାଙ୍କୁ ଆଲବେଣ୍ଡାଯୋଲ ସେବନ କରିବାକୁ ଦିଆଯିବ। ଦ୍ୱିବାର୍ଷିକ ଭିଟାମିନ-ଏ-ସପ୍ଲିମେଣ୍ଟ (ଭିଏଏସ) କାର୍ଯ୍ୟକ୍ରମ ୯ରୁ ୬୦ ମାସବୟସର ୩୨ ଲକ୍ଷ ଶିଶୁଙ୍କୁ ପରିସର ଭୁକ୍ତ କରାଯିବ, ଯାହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହିତଶିଶୁ ମୃତ୍ୟୁହାର ଓ ରୋଗା କ୍ରାନ୍ତ ହାର ହ୍ରାସ କରିବ। ଡ଼ା.ଶକ୍ତି ପ୍ରସାଦ ମିଶ୍ର, ଡାଇରେକ୍ଟର, ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର, କହିଥିଲେ, "ଜାତୀୟ କୃମି ନାସ ଦିବସ ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ପଦକ୍ଷେପ ଯାହା ଶିଶୁଙ୍କୁ ପରଜୀବୀ ସଂକ୍ରମଣରୁ ସୁରକ୍ଷା ଦେବା ସହିତ ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରିଥାଏ ।

DSPL-10001/34/2526

ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ
୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬
'ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା'

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି

OIPR: 10001/10003/2/25-26/0017

କୁଷ୍ଠ ରୋଗର ଲକ୍ଷଣ




କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DSPL- 10001/35/2526

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଜାତୀୟ କୃମିନାଶକ ଦିବସ
୧୦ ଫେବୃଆରୀ ୨୦୨୬




କୃମି ମୁକ୍ତ ଶିଶୁ ହେଉଛନ୍ତି
ରୋଗ ମୁକ୍ତ ଶିଶୁ

ଆପଣ ଜାଣନ୍ତି କି ଯେଉଁମାନେ କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ସେମାନେ
- ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା କ୍ଳାନ୍ତ ଅନୁଭବ କରନ୍ତି।
- ତାଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୁଏ।

OIPR: 10001/10003/2/25-26/0018

କୃମି ନିୟନ୍ତ୍ରଣର ଉପାୟ ଅତି ସହଜ



୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ତଥା ପିଲାମାନଙ୍କୁ ଅଙ୍ଗନୱାଡ଼ି ଓ ବିଦ୍ୟାଳୟରେ ବିନାମୂଲ୍ୟରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉନଥିବା ପିଲାମାନେ ଏବଂ ପ୍ରଜନନକ୍ଷମ ମହିଳାମାନେ (୨୦ରୁ ୨୪ ବର୍ଷ ବୟସ) ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଖାଇବେ।

ଏହି ଦିନ ଗର୍ଭବତୀ ଓ ପ୍ରସୂତି ମହିଳା କୃମିନାଶକ ଔଷଧ ଖାଇବେ ନାହିଁ।

ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୭ ଫେବୃଆରୀ ୨୦୨୬ ଦିନ ଔଷଧ ଦିଆଯିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

# ସବୁ ନିର୍ମାଣ ପ୍ରକଳ୍ପର ନିର୍ମାଣ-ପୂର୍ବ କାର୍ଯ୍ୟକଳାପ ଏବଂ ଆନୁଷଙ୍ଗିକ ପ୍ରକ୍ରିୟା ଶୀଘ୍ର ଶେଷ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ଓଡ଼ିଶାର ବିକାଶ ନେଇ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଆମ କାର୍ଯ୍ୟର ଗତିକୁ ବଢ଼ାଇବାକୁ ପଡ଼ିବ । ଏଥି ସହିତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇଥିବା ସଂକଳ୍ପକୁ କାର୍ଯ୍ୟକାରୀ କରିବାକୁ ହେଲେ ସବୁ ରାସ୍ତାଘାଟ ଓ ଭିତ୍ତିଭୂମି ପ୍ରକଳ୍ପକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ । ଏଥି ଲାଗି ଆଧୁନିକ ସଫ୍ଟୱେର ଓ ଜ୍ଞାନକୌଶଳକୁ ଉପଯୋଗ କରି ନିଜର ଦକ୍ଷତାର ପରିଚୟ ଦେବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ଅପରାହ୍ନରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର



ସାମଗ୍ରିକ ବିକାଶ ହୋଇପାରିବ ନାହିଁ । ଏଥି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ । ବିଶେଷ କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ିକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ।

ସେହିପରି ରାଜ୍ୟର ସବୁକୋଣକୁ ସଂଯୋଗ ହୋଇଥିବା ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ କରିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଜୟଦେବ ବିହାର-ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ ରୋଡ୍, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଲୁଚରଣ-ଫୁଲନଖରା ରୋଡ୍, ପଳାଶୁଣି ଠାରୁ ଗ୍ୟାରେଜ୍ ଛକ, ଆଚାର୍ଯ୍ୟ ବିହାର-କଳିଙ୍ଗ ହସ୍‌ପିଟାଲ୍ ରୋଡ୍, କାଇମାଟିଆ ଛକରୁ ଗୋଠପାଟଣା ରାସ୍ତା, ଗୋହିରିଆରୁ ଛତାବର ଭାୟା-ମଦନପୁର, ଏମ୍ସ ରାସ୍ତା ଆଦିର ନିର୍ମାଣ, ପ୍ରଶସ୍ତିକରଣ ଏବଂ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା ।

ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତିକରଣ, ପିପିଲି-କୋଣାର୍କ ରାସ୍ତାର ନୂଆ ଆଲାଇନ୍‌ମେଣ୍ଟ, କଟକ-କନ୍ଦରପୁର ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍) ଇଂ ଧ୍ୟାନଚାନ୍ଦ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ନେଇ ସମୀକ୍ଷା

# ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ସମ୍ପନ୍ନ ସହ ଜାଗର ଯାତ୍ରାକୁ ସଫଳ କରିବା ନେଇ ବିଭିନ୍ନ ବିଭାଗ, ନିଯୋଗ ଏବଂ ସେବାୟତ ପ୍ରତିନିଧିଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସମୟ ଅନୁସାରେ ନୀତିକାନ୍ତି ସମ୍ପନ୍ନ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁକୁ ସୁଚାରୁ ରୂପେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଜାଗର ଅବସରରେ ନକଲି ପାସଧାରୀ ସେବାୟତ ଓ ଅନ୍ୟ ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ, ଜାଗର ଯାତ୍ରା ଭଳି ମହୋତ୍ସବ କେବଳ ଜଣଙ୍କ ଉଦ୍ୟମରେ କେବେ ବି ସମ୍ଭବ ନୁହେଁ । ଏଥିପାଇଁ ସେବାୟତସମୂହ, ନିଯୋଗ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ମହାନଗର ନିଗମ, ଅଗ୍ନିଶମ ସେବା, ଏପରିକି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ



ଭୂମିକା ରହିଛି । ଏହି ଅବସରରେ ଜାଗର ସମୟରେ ମନ୍ଦିର ପରିସର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ବାରିକେଟିଂ, ପାର୍କିଂ, ପରିମଳ, ପାନୀୟ ଜଳ ବ୍ୟବସ୍ଥା, ଭକ୍ତଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଛାୟାକରଣ ଓ ପବନ ଚଳାଚଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଭିଡ଼ ଓ ଟ୍ରାଫିକ୍ ପରିଚାଳନା, ମନ୍ଦିର ତଥା ଆଖପାଖ ଅଞ୍ଚଳର ସାଜସଜ୍ଜା, କଣ୍ଟ୍ରୋଲ ରୁମ୍, ସିସିଟିଭି ବ୍ୟବସ୍ଥା ଏବଂ ଗଣମାଧ୍ୟମ ଜରିଆରେ ସୁଚାରୁ ରୂପେ ଏହାର ପ୍ରସାରଣ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଦେବୋତ୍ତର କମିଶନର ଲଳାଟେନ୍ଦୁ ଜେନା, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଏମ୍ଏ ଓଡ଼ିଶା ଶାଖାର ପ୍ଲାଟିନମ୍ ଜୁବୁଲି ପାଳିତ

କଟକ,(ସ୍ୱପ୍ର): ଆଇଏମଏ ଓଡ଼ିଶା ଶାଖା ୭୫ ବର୍ଷ ପୂର୍ତ୍ତି ପ୍ଲାଟିନମ୍ ଜୁବୁଲି ପାଳିତ ହୋଇଯାଇଛି । ସ୍ଥାନୀୟ ଆଇଏମଏ ହଲ ପରିସରରେ ଆୟୋଜିତ ୩ ଦିନିଆ ପ୍ଲାଟିନମ୍ ଜୁବୁଲିକୁ ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଆଇଏମଏର ପୂର୍ବତନ ଜାତୀୟ ସଭାପତି ଡ. ଦିଲ୍ଲୀପ ଭାନୁସାଲି ଯୋଗଦେଇ ଆଇଏମଏ ଓଡ଼ିଶା ଶାଖାର ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଏକ ମୁଖପତ୍ର ଏବଂ ନ୍ୟୁଜ ବୁଲେଟିନ୍ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉତ୍ସବରେ ଡାକ୍ତରୀ ବିଦ୍ୟାରେ ପାରଦର୍ଶିତା ଲାଭ କରିଥିବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଫେସର ଅକ୍ଷୟ ବିଶୋଇ, ପ୍ରଫେସର ହୃଦାନନ୍ଦ ମିଶ୍ର, ଡକ୍ଟର ମହେନ୍ଦ୍ର ତ୍ରିପାଠୀ, ପ୍ରଫେସର ଗଙ୍ଗାଧର ସାହୁ, ଡକ୍ଟର ସୁବ୍ରତ ଜେନା, ଡକ୍ଟର ଶ୍ରୀଜୟ ପଟ୍ଟନାୟକ ପ୍ରମୁଖ ଘରୋଇ ଡାକ୍ତରଙ୍କୁ ସୁରକ୍ଷା ଏବଂ ବିଭିନ୍ନ ଜିଲ୍ଲାରେ ଆଇଏମଏ କାର୍ଯ୍ୟାଳୟ ପାଇଁ ଜାଗା ଦେବାକୁ ମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ । ଏହି ୩ ଦିନିଆ ସମ୍ମିଳନୀରେ ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗ ଦେଇଥିଲେ । ଏଥିରେ ପ୍ରଫେସର ଜୟନ୍ତ ପଣ୍ଡା, ଡକ୍ଟର ଏସଏସ୍ ଖଣ୍ଡେୱାଲା, ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଡ. ଜନ୍ମେଜୟ




ମହାପାତ୍ର, ଡ. ସମ୍ରାଟ କର, ପ୍ରଫେସର ଏସଏନ ରାଉତରାୟ, ଡ. ଗୀତାଞ୍ଜଳୀ କର, ଡ. ପ୍ରସନ୍ନ ସାହୁ, ପ୍ରଫେସର ଦେବପ୍ରସାଦ ମହାନ୍ତି, ଡ. ଦୀପକ ଦାସ, ଡ. ଜୟଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ଏହି ୩ ଦିନିଆ ସମ୍ମିଳନୀକୁ ପରିଚାଳନା କରିଥିଲେ । ଏଥିରେ ଅନ୍ୟ ଦିନମାନଙ୍କରେ ଆୟୋଜିତ କର୍ମଶାଳାକୁ ପ୍ରଫେସର ଏମଡି ଉଦଘାଟନ କରିଥିଲା ବେଳେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ଡ.ବିଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

# କିଟ୍‌ରେ ଓଡ଼ିଶା ଅର୍ଥନୈତିକ ସଂଘର ୫୮ତମ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): କିଟ୍ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ କମର୍ସ ଓ ଓଡ଼ିଶା ଅର୍ଥନୈତିକ ସଂଘ (ଓଇଏ) ମିଳିତ ସହଯୋଗରେ ଓଇଏର ୫୮ତମ ବାର୍ଷିକ ସମ୍ମିଳନୀ ଓ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି । ଫେବୃଆରୀ ୭ ଓ ୮ ତାରିଖ ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା "ଭାରତ ଓ ବିଶ୍ୱ ବାଣିଜ୍ୟ: ସାମଗ୍ରୀ ଚୁକ୍ତିନାମା ଓ ନୀତି' । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖ୍ୟାତି ସଂପନ୍ନ ଅର୍ଥନୀତି ବିଶାରଦ ପ୍ରଫେସର ଦୀପକ ନାୟାର ଯୋଗଦେଇ ନିଯୁକ୍ତି ବଢ଼ିଲେ ହିଁ ଅର୍ଥନୀତିର ଅଭିବୃଦ୍ଧି ହେବ ହେବ ବୋଲି କହିଥିଲେ । ବିକାଶଶୀଳ ଦେଶଗୁଡ଼ିକରେ ନିଯୁକ୍ତି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନିଯୁକ୍ତି ଦୃଷ୍ଟିକୋଣରୁ ସାମଗ୍ରିକ ଅର୍ଥନୈତିକ ନୀତିଗୁଡ଼ିକର ପୁନର୍ବିଚାର କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ କହିଲେ, କିଟ୍ ଓ କିସ୍



ଭଳି ଅନୁଷ୍ଠାନ ସଶକ୍ତ ଅର୍ଥନୀତିର ଉତ୍ତମ ଉଦାହରଣ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁକାନ୍ତ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଇକନୋମିକ୍ ଆସୋସିଏସନର ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କା, ସଂପାଦକ ଡ ହିମାଂଶୁ ଶେଖର ରାଉତ ଓ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ ଶାଶ୍ୱତ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ ଅର୍ଥନୀତି ତଥା ବିଷୟବସ୍ତୁ ଉପରେ ଅଧିକ ଆଲୋଚନା କରିଥିଲେ । ଏହି ଅବସରରେ ଅନ୍ତର୍ଭୁକ୍ତି ବିକାଶ, ସ୍ଥାୟିତ୍ୱ ଓ ନୀତିଗତ ପ୍ରାସଙ୍ଗିକତାକୁ ଆଗକୁ ବଢ଼ାଇବାରେ ଅର୍ଥନୀତିର କେନ୍ଦ୍ରୀୟ ଭୂମିକା ଉପରେ ବିଭିନ୍ନ ଅଧିବେଶନରେ ଆଲୋଚକମାନେ ଆଲୋଚନା କରିଥିଲେ । ଓଇଏ ସଭାପତି ପ୍ରଫେସର ଜଗନ୍ନାଥ ଲେଙ୍କାଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଫେସର ହିମାଂଶୁ ଶେଖର ରାଉତଏହି ସମ୍ମିଳନୀର ପରିଚାଳନା କରିଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, କୋଲକାତା ପ୍ରଫେସର ଦେବାଶିଷ ମିଶ୍ର ନିଲାମ ଡିଜାଇନର ଅର୍ଥନୀତି ବିଷୟରେ ଆଲୋକପାତ କରିଥିଲେ । ପ୍ରୋତ୍ସାହନ, ସୂଚନା ଓ ରଣନୈତିକ ଆଚରଣ ଦ୍ୱାରା ବଜାର କିପରି ଆକୃତି ପାଇଥାଏ ତା ଉପରେ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ଯୋଗଦେଇଥିବା ଓଡ଼ିଶା ତଥା ଭାରତର ବିଭିନ୍ନ କୋଣରୁ ୩ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ବିକାଶ, ସ୍ଥିରତା ତଥା ଭବିଷ୍ୟତର ଅର୍ଥନୈତିକ ମାର୍ଗ ଉପରେ ଏକ ଭିନ୍ନ ଚିନ୍ତାଧାରା ପ୍ରଦାନ କରିଥିଲା ।

# ପ୍ରତି ବିଷୟରେ ୟୁ-ଟର୍ଣ୍ଣ କରୁଛି ସରକାର

ଭୁବନେଶ୍ୱର,(ସବ୍ୟୁ): ସରକାର ବିଭିନ୍ନ ଯୋଜନା ଏବଂ ନିୟମ ଘୋଷଣାକରି କିଭଳି ପଛଘୁଞ୍ଚା ଦେଉଛନ୍ତି ଏବଂ ଏତଦ୍ୱାରା ଜନତାଙ୍କୁ ଭ୍ରମିତ କରି ବିଶ୍ୱାସଘାତକତା କରୁଛନ୍ତି ଏହି ବିଷୟକୁ ନେଇ ସୋମବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ମୋହନ ସରକାରଙ୍କୁ ଏକ ଭୟଗ୍ରସ୍ତ ୟୁ-ଟର୍ନର ସରକାର ରୂପେ ଅଭିହିତ କରି କହିଛନ୍ତି ଯେ, ରନିଭଣ୍ଡାର ସାର୍ବଜନୀନ କରିବା, ଶ୍ରୀ ମନ୍ଦିର ଚାରି ଦ୍ୱାର ଖୋଲା ହେବ, ଗୁଟଖା ବ୍ୟାନ କିନ୍ତୁ କୌଣସି ଗୋଟିଏ ମଧ୍ୟ ପାଳନ କଲେ ନାହିଁ । କଣ୍ଟ୍ରାକ୍ଚ୍ୟୁଆଲ ବ୍ୟବସ୍ଥାର ସମାପ୍ତି କରାଯିବ ଘୋଷଣା କରିଥିଲେ ଓଲଟା ୯୦୦ ଟଙ୍କା ପିଲାଙ୍କଠାରୁ ଚାନ୍ଦା ଆଦାୟ କଲେ । ବେଳା ଭୂମିରେ ମଦ ବିକ୍ରୀକୁ ଅନୁମତି ଦେଲେ । ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ପେଟ୍ରୋଲ ମନା କହିଥିଲେ କିନ୍ତୁ ତାହା ମଧ୍ୟ କରିପାରିଲେ ନାହିଁ । ବିଧାୟକଙ୍କ ଦରମା ବୃଦ୍ଧି କଲେ କିନ୍ତୁ ଜନତାଙ୍କ ମଧ୍ୟରେ ଏଭଳି ଅସନ୍ତୋଷ ଦେଖାଗଲା ଯା ଫଳରେ ବାଧ ହୋଇ ଏଥିରୁ ମଧ୍ୟ ଓହରି ଗଲେ । ବାତିଲ କରି ରେକର୍ଡ ସୃଷ୍ଟି କରିଛନ୍ତି ସରକାର । ୩୦୦ୟୁନିଟ ବିଜୁଳି ମାଗଣା ଦେବାକୁ କହି ଦେଲେନି ଓଲଟା ସ୍ମାର୍ଟ ମିଟର ନାମରେ ଟାଟା କମ୍ପାନୀ ପାଇଁ ୭୫୦ କୋଟି ଟଙ୍କାର ବ୍ୟବସ୍ଥା କରିଲେ । ଆଗୁଆ ପଞ୍ଚାୟତ ନିର୍ବାଚନକୁ ସଚିବ ମନା କଲେ । ଯଦି ସଚିବ ମନା କରି




ବିରୋଧୀରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କରିବୁ ବୋଲି କହିଥିଲେ କିନ୍ତୁ ସରକାରକୁ ଆସିବା ପରେ କୁଆଡେ ଲୁଚି ଗଲେ ।୧୯ ମାସରେ ୧୯ ପରୀକ୍ଷା ଦେଉଛନ୍ତି ତେବେ ସରକାର ଚଳାଉଛି କିଏ । ସୁଭଦ୍ରା ଟଙ୍କା, ପ୍ରତି ପଞ୍ଚାୟତରୁ ୧୦୦ ଜଣଙ୍କୁ ନିଯୁକ୍ତି । ୨୪/୭୨ ଘଣ୍ଟାରେ ଅର୍ଡିନାନ୍ସ ପାସ କରି ଚିଟଫଣ୍ଡ ପଇସା ଫେରସ୍ତ କରିବୁ କହିଥିଲେ । ଏବେ କହୁଛନ୍ତି, ଫାଇଲ ହଜି ଯାଇଛି ୫ ଏସସି ଏସଟି ଜମି ବିକ୍ରୀ ଆଇନ, ଚାଲାଣ ଥିଲେ ପ୍ରଦୂଷଣ ସାର୍ଟିଫିକେଟ ମନା, ଜାନୁୟାରୀ ୧ରୁ ଶ୍ରୀ ମନ୍ଦିରରେ ଧାଡି ଦର୍ଶନ, ମୁଖ୍ୟମନ୍ତ୍ରୀଙ୍କ ମାଗଣା ଅଭଡ଼ା ବଣ୍ଟନ ଯୋଜନା ସବୁକୁ ଗାଲୁଆଙ୍କ ଭଳିଆ ଲାଗୁ କଲେନାହିଁ ଏବଂ ମନା କରିଦେଲେ । ଏସବୁ ପ୍ରଶ୍ନ ପଚାରିବା ସହ ଶ୍ରୀମତୀ ସାହୁ ସରକାରଙ୍କୁ ଏକ ଭୟାଳୁ, ଅଯୋଗ୍ୟ ସରକାର ବୋଲି ସମାଲୋଚନା କରିଛନ୍ତି । ଅନ୍ୟତମ ମୁଖପାତ୍ର ଡ.ମନିଷା ଦାସ ପଟ୍ଟନାୟକ "ରିଲ୍ସ ସରକାର' ବୋଲି କହିଥିଲେ । ଏହା ଏକ ବାସ୍ତବତାର ସରକାର ନୁହେଁ ବରଂ 'ରିଲ୍ସ ସରକାର'ଛ ଏହି ସରକାରର କୌଣସି କାମ, ନୀତି କିମ୍ବା ଘୋଷଣାରେ ଗମ୍ଭୀରତା ଓ ବାସ୍ତବତା ନାହିଁ ।

### କଣ୍ଟାବାଞ୍ଜି ନିର୍ବାଚନୀ ମାମଲା, ନଥିପତ୍ର ଦାଖଲ କରିବେ ଜିଲ୍ଲାପାଳ

କଟକ,(ସବ୍ୟୁ) : କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ମାମଲାରେ ହାଇକୋର୍ଟ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ନିର୍ବାଚନ ସମ୍ପର୍କୀୟ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । କଣ୍ଟାବାଞ୍ଜିର ଜଣେ ଭୋଟର ଗିରିରାଜ ସିଂ ମାଝୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏହି ଆଦେଶ ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ୧୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । କଣ୍ଟାବାଞ୍ଜି ବିଧାନସଭା ଆସନରୁ ବିଜେପିରୁ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ ବାଗ୍ ବିଜୟଲାଭ କରିଥିଲେ । ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହରାଇ ଏହି ବିଜୟଲାଭ କରିଥିଲେ । କିନ୍ତୁ ନିର୍ବାଚନ ପୂର୍ବରୁ ସେ ଯେଉଁ ତଥ୍ୟ ଦାଖଲ କରିଥିଲେ ସେଥିରେ ସେ କେତେକ ତଥ୍ୟ ଲୁଚାଇଥିଲେ ବୋଲି ଅଭିଯୋଗ କରି ଆବେଦନକାରୀ ହାଇକୋର୍ଟକୁ ଆସିଥିଲେ ।

# ନାବାଳିକା ବଳାତ୍କାର ମାମଲା : ଆସାମୀକୁ ୨୦ ବର୍ଷ ଜେଲ୍

କଟକ,(ସବ୍ୟୁ): ଜଣେ ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଅଭିଯୁକ୍ତ ସୋମନାଥ ସାଠୁଆ (୨୪) କୁ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୨୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଅଦାଲତ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଆସାମୀ ଅତିରିକ୍ତ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏହାଛଡ଼ା ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଅଦାଲତ, କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫ ଅଗଷ୍ଟ ୨୭ ସନ୍ଧ୍ୟା ସମୟରେ ଅଭିଯୁକ୍ତ ମୋବାଇଲ୍ ଦେଖାଇବା ନାଁରେ ଜଣେ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ବଳାତ୍କାର କରିଥିଲା । ଘଟଣା କାହାରି ଆଗରେ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା । ଏ ସଂକ୍ରାନ୍ତରେ ପୀଡ଼ିତା ଜଣକ ନିଜ ପରିବାର ସଦସ୍ୟଙ୍କୁ ଜଣାଇବା ପରେ ଅଗଷ୍ଟ ୨୮ରେ ପୀଡ଼ିତାଙ୍କ ପିତା ନିଶ୍ଚିନ୍ତକୋଇଲି ଥାନାରେ ଏତଲା ଦେଇଥିଲେ । ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲା । ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଦାଲତ ସୋମନାଥକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପିପି କୃଷ୍ଣଚନ୍ଦ୍ର ମହାପାତ୍ର ପରିଚାଳନା କରୁଥିଲେ ।

## ଇଡ୍‌କୋର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କଲେ

# ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ

ଭୁବନେଶ୍ୱର, (ସବ୍ୟୁ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଆଇଏଏସ୍,



ଆଜି ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଅଧ୍ୟକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ । ଏହି ଆଲୋଚନାରେ ସଂସ୍ଥାର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଏବଂ ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକ ସମୟରେ ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ । ସେ କହିଥିଲେ ଯେ, ରାଜ୍ୟରେ ଜମି ବିକାଶ ଏବଂ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଳ୍ପ ଭିତ୍ତିଭୂମି ସହିତ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଶିଳ୍ପାଞ୍ଚଳ ଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଏବଂ ସ୍ଥାୟୀ ଭିତ୍ତିଭୂମି ସହିତ ସୁନିୟୋଜିତ ଶିଳ୍ପ ଟାଉନସିପ୍ ଗଠନ କରାଯିବା ଆବଶ୍ୟକ । ଏହାଦ୍ୱାରା ରାଜ୍ୟର ସନ୍ତୁଳିତ ଓ ସମନ୍ୱିତ ବିକାଶ ସମ୍ଭବ ହୋଇପାରିବ । ଇଡ୍‌କୋ ଟିମ୍‌ର କାର୍ଯ୍ୟକୁ ପ୍ରଶଂସା କରିବା ସହ ଓଡ଼ିଶାର ଶିଳ୍ପ ବିକାଶ ଓ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ବୃତ୍ତିଗତ ମନୋଭାବ ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ଗଳାକଟା ଅବସ୍ଥାରେ ଯୁବକଙ୍କୁ ହତ୍ୟା ଘଟଣା

# ଦେଢବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଜଟଣୀ, (ସବ୍ୟୁ): ଗତ ୨୦୨୪ ମସିହା ଅଗଷ୍ଟ ୧୪ ତାରିଖରେ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ରଙ୍ଗଣୀ ସାହି ନିକଟରେ ଥିବା ଏକ ଗୋଷ୍ଠୀ ହଲ ମଧ୍ୟରେ ଗଳାକଟା ଅବସ୍ଥାରେ ପ୍ରଫୁଲ୍ଲ ବାରିକ ନାମକ ଜଣେ ଯୁବକଙ୍କୁ ବିଭତ୍ସ ହତ୍ୟା ଘଟଣାରେ ଅଭିଯୋଗକାରୀ ପ୍ରସନ୍ନ ବାରିକଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଦେଢବର୍ଷ ପରେ ଫେରାର ଅଭିଯୁକ୍ତ ଶିବ ପ୍ରସାଦ ପ୍ରଧାନ(୪୮)ଙ୍କୁ ପୂର୍ବ କେଶ ନମ୍ବର ୩୨୨/୨୪ ଆଧାରରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ ସୂଚନା ଦେଇଛନ୍ତି କ୍ଷ ଉଲ୍ଲେଖଯୋଗ୍ୟ ଯେ ମୃତକ ପ୍ରଫୁଲ୍ଲ ବାରିକ ହେଉଛନ୍ତି ଅଭିଯୋଗକାରୀଙ୍କ ସାନ ଭାଇ । ଗତ ତା.୧୪.୦୮.୨୦୨୪ ମଧ୍ୟାହ୍ନ ୧୨.୩୦ ରୁ ୧.୦୦ ମଧ୍ୟରେ, ତାଙ୍କର ଜଣେ ପରିଚିତଙ୍କ ନିକଟରୁ ତାଙ୍କ ନିକଟକୁ ଏକ ଫୋନ୍ ଆସିଥିଲା, ଯେ କିଛି ଅଜଣା ବ୍ୟକ୍ତି ତାଙ୍କ ଛୋଟ ଭାଇ ପ୍ରଫୁଲ୍ଲ ବାରିକଙ୍କ ଗଳା କାଟି ହତ୍ୟା କରିଛନ୍ତି ଏବଂ ମୃତଦେହ କୁଦିଆରି ରଙ୍ଗଣୀ ସାହିର କମ୍ୟୁନିଟି ହଲ୍‌ରେ ପଡ଼ିରହିଛି । ଏହି ସୂଚନା ପାଇ ତତ୍କାଳୀନ ଥାନାଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ ତୁରନ୍ତ ଘଟଣା ସ୍ଥଳକୁ ଯାଇ ତାଙ୍କ ଭାଇଙ୍କ ମୃତଦେହ ଗଳାକଟା ଅବସ୍ଥାରେ ପଡ଼ିରହିଥିବା ଦେଖିଥିଲେ । ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ ଯେ ମୃତକ ପ୍ରଫୁଲ୍ଲ ବାରିକ ଜଣେ ଦିନ ମଜୁରିଆ ଥିଲେ ଏବଂ ସେ ଆଖପାଖ ଅଞ୍ଚଳରେ ସିମେଣ୍ଟ ଓ ରଙ୍ଗ କାମ କରି ଗୁଜୁରାଣ ମେଣ୍ଟାଉଥିଲେ । ମୃତକ ଅଧିକାଂଶ ସମୟରେ ଅଭିଯୁକ୍ତ ଶିବ ପ୍ରସାଦ ପ୍ରଧାନଙ୍କ ସହିତ ମିଶି କାମ କରୁଥିଲେ । ଘଟଣାର କିଛି ଦିନ ପୂର୍ବରୁ ମୃତକ ରଙ୍ଗ କାମର ଏକ ଠିକା ପାଇଥିଲେ ଏବଂ ସେହି କାମ ପାଇଁ ଅଭିଯୁକ୍ତ ସିବ ପ୍ରସାଦ ପ୍ରଧାନଙ୍କୁ ନିଯୁକ୍ତ କରିଥିଲେ । ଦୁହେଁ ମିଶି ସେହି କାମ ସମାପ୍ତ କରିଥିଲେ । କାମ ସମାପ୍ତ ହେବା ପରେ ଘର ମାଲିକଙ୍କ ଠାରୁ ସମ୍ପୂର୍ଣ୍ଣ ଟଙ୍କା ଅଭିଯୁକ୍ତ ଶିବ ପ୍ରସାଦ ପ୍ରଧାନ ନେଇଥିଲେ, କିନ୍ତୁ ମୃତକ ପ୍ରଫୁଲ୍ଲ ବାରିକଙ୍କୁ ତାଙ୍କ ଅଂଶର ଟଙ୍କା ଦେଇନଥିଲେ । ଏହି କାରଣରୁ ଘଟଣା ଘଟିଥିବା କୁହାଯାଉଛି ।

# ଧର୍ମପ୍ରାଣା ବ୍ରଜେଶ୍ୱରୀ ଧଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ସ୍ମୃତିଚାରଣ

ସିଂହପୁର, (ସବ୍ୟୁ): ବିଂଝାରପୁର ବ୍ଲକ ଗୁହାଳି ପଞ୍ଚାୟତର ବିଶିଷ୍ଟ ସମାଜସେବୀ, ଅବସରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଧର୍ମପ୍ରାଣା ମହିଳା ବ୍ରଜେଶ୍ୱରୀ ଧଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ମୃତିଚରଣ ସଭା ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଚନ୍ଦ୍ରଶେଖର ଧଳ ଓ ଶିବସୁନ୍ଦର ଧଳଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଲା । ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସାହିତ୍ୟିକ ଜଗନ୍ନାଥ ଧଳ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୌତମ ରାୟ, ମୁଖ୍ୟ ବକ୍ତା ବିଡ଼ିଓ ହିତାଂଶୁ ସାମଲ, ଅଧ୍ୟାପକ ଜ୍ଞାନରଞ୍ଜନ ଧଳ, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ବେହେରା, ସମାଜସେବୀ ତଥା ଭାରତ ବର୍ଷର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଖାଇବା ତେଲ ଫ୍ରିଡମର ଓଡ଼ିଶା ହେଡ୍ ଅମୀୟ କୁମାର ଧଳ, ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ ଧଳଙ୍କ



ସ୍ମୃତି ଚାରଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ । ପ୍ରଥମେ ଅତିଥିମାନେ ସ୍ୱର୍ଗୀୟ ଧଳଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ରଥ, ନିର୍ମଳ ଚନ୍ଦ୍ର ମହାନ୍ତି, ଦିଲ୍ଲୀପ ଦାସ, ଯୁମରସିଂ ଧଳ, ଅଧିକାରୀ କରୁଣାକର ଦାଶ, ପିତାମ୍ବର ମଲ୍ଲିକ, ହୃଷିକେଶ ଜେନା, ହରମୋହନ ଧଳ, ଅଚିନ୍ତ ମହାନ୍ତି, ଦାମୋଦର ନାୟକ, ପଦ୍ମଲୋଚନ ମହାଳିକ, ଗୋବିନ୍ଦ ଚନ୍ଦ୍ର ଧଳ, ପ୍ରବୋଧ ଦାସ, ପ୍ରଫୁଲ୍ଲ କୁମାର ଧଳ, ପ୍ରଫୁଲ୍ଲ ଦାଶଙ୍କ ସମେତ ବିଂଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ଦଶରଥପୁର, ଯାଜପୁର ଓ ବରୀ ବ୍ଲକର ବହୁଲୋକ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# କୋର୍ଟରେ ହାଜର ହେଲେ ମଦନ

ବ୍ରହ୍ମପୁର, (ସବ୍ୟୁ): ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ଗଞ୍ଜାମ ଜିଲ୍ଲା ଦୌରାଜଜ୍ କୋର୍ଟରେ ହାଜର ହୋଇଛନ୍ତି ବିଜେଡି ନେତା ମଦନ ଦଳାଇ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ୍ ଥିବାରୁ ହ୍ୱିଲ୍ ଚେୟାରରେ ତାଙ୍କୁ କୋର୍ଟକୁ ଅଣାଯାଇଥିଲା । ଅନ୍ୟ ୧୫ଜଣ ଅଭିଯୁକ୍ତ ଭିସି ଜରିଆରେ କୋର୍ଟରେ ହାଜର ହୋଇଥିଲେ । ସୋମବାର ମାମଲାର କମିଟମେଣ୍ଟ୍ ହୋଇଥିଲା । ଏହାପରେ ଏହି ମାମଲାକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା । ଆସନ୍ତା ୧୭ତାରିଖରେ ମାମଲାର



ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ସେହିଦିନ କିଛି ଜାମିନ୍ ଆବେଦନ ଶୁଣାଣି ହେବା ସହିତ ଚାର୍ଜେଫ୍ରେମ୍ ହେବ ବୋଲି ଜଣାପଡ଼ିଛି । ଏହା ସହିତ କୋର୍ଟ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର୍ ମଳୟ ବିଷୋୟୀ ଓ ବିଜେଡି ନେତା ମଦନଙ୍କ ମେଡିକାଲ ରିପୋର୍ଟ ମାଗିଥିବା ପ୍ରତିପକ୍ଷଙ୍କ ଓକିଲ ଚକ୍ରପାଣି ନାହାକ କହିଛନ୍ତି । ପ୍ରକାଶ ଥାଉ କି ଗତ ୨ତାରିଖରେ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ସମେତ ୧୫ଜଣ ଜିଲ୍ଲାଜଜ୍ କୋର୍ଟରେ ହାଜର ହୋଇଥିଲେ । ମଦନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ୍ ଥିବାରୁ ସେ ହାଜର ହୋଇ ପାରି ନଥିଲେ । ଆଜି ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଅକେଫାବର ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସଙ୍କୁ ବୈକୁ=ନଗର ଛକ ଠାରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୁଲିସ ମୋଟ ୧୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ପଲିଫେଷ୍ଟରେ ଚମକିଲେ ଡ୍ରିମ୍ସ

# ୧୭ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ

କଟକ, (ସ୍ୱପ୍ର) : ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଭୁବନାନନ୍ଦ ସ୍କୁଲ ଅଫ ଇଂଜିନିୟରି ଠାରେ ଆୟୋଜିତ୍ ପଲିଫେଷ୍ଟ-୨୦୨୫-୨୬ ଯୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଡ୍ରିମ୍ସ ପଲିଟେକ୍‌ନିକର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି । ୧୭ଟି ବିଭାଗରେ ଡ୍ରିମ୍ସ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାଲାଗି ଯୋଗ୍ୟବିବେଚିତ ହୋଇଛନ୍ତି । ବିଭିନ୍ନ ଖେଳକୁଦ ସହ ଓଡିଆ ଓ ଇଂଗ୍ରାଜୀ ବକ୍ତୃତା, ନାଟକ, ଏକକ ଅଭିନୟ ଇତ୍ୟାଦି ବିଭାଗରେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଶିକ୍ଷାନୁଷ୍ଠାନର ଗୋର୍ୟରବ ବୃଦ୍ଧି କରିଛି । ଏହି ଅବସରରେ ସୋମବାର ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ




ରାଜ୍ୟସ୍ତରରେ ସେମାନେ ଶ୍ରେଷ୍ଠତା ବଜାୟ ରଖିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଯୋନ୍ ସ୍ତରୀୟ ପ୍ରତିଯୋଗିତାରେ କଟକ ସମେତ ଅନୁଗୋଳ, ଡେଙ୍କାନାଳ, ଜଗତସିଂହପୁର ଓ କେନ୍ଦ୍ରପଡା ପ୍ରଭୃତି ଜିଲାରୁ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ ।

# ବନ୍ୟପ୍ରାଣୀ ଶିକାର ମାମଲାରେ ୪ ଅଭିଯୁକ୍ତଙ୍କୁ ୩ବର୍ଷ ଲେଖାଏଁ ଜେଲଦଣ୍ଡ

ବାରିପଦା, (ସବ୍ୟୁ) : ଏକ ବନ୍ୟପ୍ରାଣୀ ଶିକାର ମାମଲାର ବିଚାର କରି ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ କୋର୍ଟର ବିଚାରପତି ଦେବାଶିଷ ମହାନ୍ତି ଅଭିଯୁକ୍ତ ବିଜୟ ହାଁସଦାଃ, ମଙ୍ଗଳ ସୋରେନ, ବିରସା ମୁର୍ମୁ ଓ ଯୋଗେଶ୍ୱର ନାୟକଙ୍କୁ ୩ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୯ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ବ୍ରଜେନ୍ଦ୍ର କୁମାର ମହାନ୍ତି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ୨୦୨୫ ମସିହା ଜାନୁଆରୀ ୨୨ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ଦେଉଳୀ ବନଖଣ୍ଡ ଅଧୀନରେ ହାତୀଦାନ୍ତ ଚାଲାଣ ସମୟରେ ବନବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଉଲ୍ଲଂଘନ ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଏହି ମାମଲାରେ ଅଭିଯୁକ୍ତ ବିଜୟ ହାଁସଦାଃ ଏବଂ ମଙ୍ଗଳ ସୋରେନ ଝାଡ଼ଖଣ୍ଡ ରାଜ୍ୟର ଚାକୁଳିଆ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଅଞ୍ଚଳର ଅଟନ୍ତି । ଅଦାଲତରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ର ଧାରା ୯, ୩୯, ୪୪, ୪୮, ୪୯, ୫୨ ଏବଂ ୫୭ ଅନୁଯାୟୀ ଚାର୍ଜଫ୍ରେମ କରାଯାଇଥିଲା ।

## କେନ୍ଦ୍ରୀୟ ବଜେଟ-୨୦୨୬

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମହିଳା ସମାବେଶ


ବାରିପଦା, (ସବ୍ୟୁ) : ଭାରତୀୟ ଜନତା ମହିଳା ମୋର୍ଚ୍ଚା, ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାନତି ଶ୍ରୀନିବାସନ ଆMIଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ସୋନାଲି ବିଜୟଲକ୍ଷ୍ମୀ ମହାନ୍ତଙ୍କ ନେତୃତ୍ୱରେ କେନ୍ଦ୍ରୀୟ ବଜେଟ୍ ୨୦୨୬ ମହିଳା ସମାବେଶ ବାରିପଦା ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ରାଜ୍ୟ ସଭାନେତ୍ରୀ ଡଃ ଐଶ୍ୱରିୟା




ବିଶ୍ୱାଳଙ୍କ ସହିତ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଜ୍ୟ ମହିଳାମୋର୍ଚ୍ଚା ସଂଯୋଜିକା ରନିପ୍ରଭା ପଣ୍ଡା, କୌଶଲ୍ୟା ନାୟକ, ଦୁଇ ସାଙ୍ଗଠନିକ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି, ଜୁରିଲାଲ ମହାନ୍ତ, ଜିଲ୍ଲାର ମହିଳାମୋର୍ଚ୍ଚା ସଭାନେତ୍ରୀ ସୋରାଜିନୀ କିସ୍କୁ, ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟା ତଥା ଉଦଳା ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା ଓ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥି ଏବଂ ଏସ୍‌ଏଚ୍‌ଜି ମହିଳାନେତୃମଣ୍ଡଳୀ ଯୋଗଦାନ କରିଥିଲେ । ସମସ୍ତେ ବଜେଟ ବିଷୟରେ ନିଜ ନିଜର ମତ ପ୍ରକାଶ କରିବା ସହିତ ଏହି ବଜେଟ୍ କିପରି ମହିଳା, ଛାତ୍ରୀ, ମଧ୍ୟବିତ୍ତ ଓ କୃଷକଙ୍କୁ ଅଧିକ ଲାଭାନ୍ୱିତ କରିବ ଏହି ବିଷୟରେ ଆଲୋଚନା କରାଯାଇଥିଲା ।

# ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ କାତି ଓ ଲୁହା ରଡ଼ ଆକ୍ରମଣ କରିଥିବା ଘଟଣାରେ ଫେରାର ଥିବା ଅଭିଯୁକ୍ତକୁ ଆଜି ଗୋଳନ୍ଥରା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଘଲଟି ଗ୍ରାମର ଶଙ୍କର ପ୍ରସାଦ ଗୌଡ଼ ଓରଫ ଶଙ୍କର ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ ସହ ଗ୍ରାମର ଅନ୍ୟ ଗୋଷ୍ଠୀର ସହ ମନ୍ଦିର କମିଟି ଓ ପୂର୍ବ ଶତ୍ରୁତା ଲାଗି ରହିଥିଲା । ଗତ ମାସ ୧୮ ତାରିଖ ଭାବଗ୍ରାହୀ କନିଷି ହାଟ ତୁଲୁ ରୋଡ଼କୁ ପାଇପ କାମ କରିବାକୁ ଯାଉଥିବା ବେଳେ ତୁଲୁ ରାସ୍ତା ନିକଟରେ ସେହି ଗ୍ରାମର ଭାବଗ୍ରାହୀଙ୍କୁ ଅଟକାଇ ଚାରିରୁ ଊର୍ଦ୍ଧ୍ୱର୍ ଜଣ ଏକ କାତିରେ ଓ ଲୁହା ରଡ଼ରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ । ଭାବଗ୍ରାହୀ ସ୍ଥାନୀୟ ମେଡିକାଲରେ ଭର୍ତି କରିଥିଲେ । ଏନେଇ ତାଙ୍କ ବାପା ସନାତନ ଗୌଡ଼ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୩୦/୨୬ ପ୍ରକାରେ ହତ୍ୟା ଉଦ୍ୟମ ରୁଜୁ କରିଥିବା ବେଳେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲା । ଶଙ୍କର ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଥିବା ଖବର ପାଇଁ ଗୋଳନ୍ଥରା ଥାନା ପୋଲିସ ଏକ ଟିମ ସେଠାରେ ଚଢାଉ କରି ଶଙ୍କର ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।ଅନ୍ୟ ପଟେ ଗିରଫ ଶଙ୍କର ନାଁରେ ବ୍ରହ୍ମପୁର ପୋଲିସ ଜିଲାର ଗୋଳନ୍ଥରା, ବୈଦ୍ୟନାଥପୁର, ବ୍ରହ୍ମପୁର ଟାଉନ, ବ୍ରହ୍ମପୁର ସଦର ଥାନାରେ ୧୩ ଟି ମାମଲା ରହିଥିବା ବେଳେ ପୂର୍ବରୁ ଏହି ଘଟଣାରେ ତିନି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ପୋଲିସ ପ୍ରେସ ରିଲିଜରେ ସୂଚନା ଦେଇଛି ।



## କପିଳାସ ଜାଗରମେଳାରେ ବର୍ଷକୁ ବର୍ଷ ହ୍ରାସପାଉଛି ଭକ୍ତଙ୍କ ସଂଖ୍ୟା !

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସ ଜାଗର ଯାତ୍ରାରେ ବର୍ଷକୁ ବର୍ଷ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସଂଖ୍ୟା ହ୍ରାସ ପାଉଥିବାର ଜଣାପଡିଛି। କ୍ରମାଗତ ଅବ୍ୟବ୍ୟସ୍ଥା ଏବଂ ପ୍ରଶାସନିକ ଅପାରଗତା ଯୋଗୁ ଭକ୍ତମାନେ ଜାଗରଯାତ୍ରାରେ କପିଳାସ ପୀଠକୁ ଆସୁନଥିବାର ଜଣାପଡିଛି। ଚଳିତ ବର୍ଷ ଯାଗର ପ୍ରସ୍ତୁତି ବୈଠକରେ ପ୍ରତିବର୍ଷ କେଉଁ କାରଣରୁ ଶ୍ରଦ୍ଧାଳୁ ଭକ୍ତଙ୍କର ସଂଖ୍ୟା କମି କମି ଯାଉଛି ତାହାର ସମୀକ୍ଷା କରାନଯାଇନାହିଁ। ଯାତ୍ରୀମାନେ ଅଧିକ ସଂଖ୍ୟାରେ ପୀଠ ଉପରକୁ ଯାଇପାରିବେ ସେଥିପାଇଁ କୌଣସି ବ୍ୟବସ୍ଥା ମଧ ଗ୍ରହଣ କରାଯାଇନାହିଁ। କିନ୍ତୁ ପୀଠ ଉପରକୁ ସକାଳ ୬ଘଣ୍ଟାଠାରୁ ସମସ୍ତ ଯାନବାହାନ ପୀଠ ଉପରକୁ ଯିବା ବାରଣ କରାଯାଇଛି। କେବଳ ହାତଗଣତି ସେବାୟତ ଓ ସାମ୍ବାଦିକଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ଉପରେ କଟକଣା ରହିଛି । ସରକାରୀ ଗାଡ଼ି ଗୁଡ଼ିକ କ୍ଷେତ୍ରରେ ଏହି ନିୟମ ନଥିବାରୁ ସାଧାରଣରେ ତିବ୍ର ଅସନ୍ତୋଷ ପରିଲକ୍ଷିତ ହୋଇଛି। ଜାଗର ଯାତ୍ରା ସମୟରେ ପାଣି, ବିଜୁଳି ,ସ୍ୱାସ୍ଥ୍ୟ , ପୋଲିସ, ଦେବୋତ୍ତୋର ଓ ଅଗ୍ନିଶମ ବିଭାଗକୁ ଛାଡ଼ିଦେଲେ ଅନ୍ୟ ବିଭାଗର କାର୍ଯ୍ୟ ପୀଠରେ କିଛି ନଥିଲାବେଳେ ଅନ୍ୟ ବିଭାଗୀୟ ଗାଡ଼ିଗୁଡ଼ିକ ପୀଠ ଉପରକୁ ଯାଇ ରାସ୍ତା ଜାମ କରୁଥିବା ଯୋଗୁଁ ହିଲ ଟପ ଗାଡ଼ି ଗୁଡ଼ିକ ଯାତାୟତରେ ବାଧାପ୍ରାପ୍ତ ହେଉଛି। ଭକ୍ତଙ୍କର ଯାତାୟତ ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର ହିଲ ଟପଗାଡ଼ି ବ୍ୟବସ୍ଥା ନଥିବାରୁ ଚଢ଼ା ଦରରେ ଅସୁରକ୍ଷିତ ଭାବରେ ଯାତ୍ରୀମାନଙ୍କୁ ପୀଠ ଉପରକୁ ଯିବାକୁ ପଡୁଛି। ସେ କ୍ଷେତ୍ରରେ ବିଭାଗର ଧ୍ୟାନ ରହୁ ନାହିଁ।ପୀଠ ଉପରେ ଓ ତଳେ ଯାତ୍ରୀମାନଙ୍କପାଇଁ ପର୍ଯ୍ୟାପ୍ତ ପରିମାଣରେ ଆଲୋକ, ଶୌଚାଳୟ ଓ ପାନୀୟ ଜଳର ଅବ୍ୟବସ୍ଥା ଲାଗିରହିଥିବାରୁ ସେ ଦିଗରେ ବର୍ଷବର୍ଷ ଧରି ଦୃଷ୍ଟି ଦିଆଯାଉନାହିଁ ।ଶ୍ରୀ ଜୀୟୁମାନଙ୍କର ଦର୍ଶନ ଓ ପୂଜା ଅର୍ଚ୍ଚନାରେ ପ୍ରତିବର୍ଷ ଭକ୍ତମାନେ ନାହିଁନଥିବା ସମସ୍ୟା ଭୋଗୁଛନ୍ତି। ସେ ଦିଗରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡ଼ୁନାହିଁ। ଏହିପରି ଅବ୍ୟବସ୍ଥା ପ୍ରତିବର୍ଷ ପରିଲକ୍ଷିତ ହେଉଥିଲେ ମଧ ଏହାର ନିରାକରଣ ପାଇଁ ପ୍ରଶାସନର କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ କପିଳାସ ପୀଠକୁ ଶ୍ରଦ୍ଧାଳୁମାନେ ଜାଗର ଜାଳିବା ଯିବାକୁ ଅନାଗ୍ରହ ପ୍ରକାଶ କରୁଥିବାରୁ ବର୍ଷକୁ ବର୍ଷ ସେମାନଙ୍କର ସଂଖ୍ୟା କମିବାରେ ଲାଗିଛି ବୋଲି କପିଳାସ ଯାତ୍ରୀ ପରିଷଦ ସଭାପତି ସୁକାନ୍ତ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଜାଗର ପୂର୍ବରୁ ବିଭାଗୀୟକର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟିଦେଇ କାର୍ଯ୍ୟ କରିବାପାଇଁ ସେ ଦାବି କରିଛନ୍ତି।

## ପରଜଙ୍ଗ ଅଞ୍ଚଳରେ ମାଳ ମାଳ ସମସ୍ୟା

ପରଜଙ୍ଗ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ମାଳ ମାଳ ସମସ୍ୟା ଦେଇ ବର୍ଷବର୍ଷ ଧରି ଲୋକ ମାନେ ଜୀବନ ଜିବିକାର ସହିତ ସଙ୍ଘର୍ଷ କରୁଛନ୍ତି। କିନ୍ତୁ ସମସ୍ୟାର ସମାଧାନ କେବେ ହେବ ତାର କୌଣସି ନିର୍ଯ୍ୟାସ ବାହାରୁନଥିବା ବେଳେ ଜନପ୍ରତିନିଧି କେବଳ ନିରବନ୍ଦ୍ରଷ୍ଟା ସାଜିଛନ୍ତି। ପରଜଙ୍ଗ ବ୍ଲକରେ ବିଭିନ୍ନ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ଏଥିପ୍ରତି କାହାର ନଜର ନାହିଁ । ସମସ୍ୟା ଅନେକ ରହିଥିଲେ ମଧ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବାକୁ କେହି ନାହାନ୍ତି। ଏଠାକାର ଲୋକ ପ୍ରତିନିଧିମାନେ ଜନ ସମସ୍ୟା ଠାରୁ ଦୁରେଇ ଯାଇ ନିଜ ସମସ୍ୟା ଠାରୁ ଦୁରେଇ ଯାଇ ନିଜ ବ୍ୟକ୍ତିଗତ ସ୍ୱାର୍ଥ, ନିଜ ନିଜର ବ୍ୟବସାୟରେ ନିଜକୁ ହଜେଇ ଦେଇ ଜନ ସମସ୍ୟା ଠାରୁ ଦୁରେଇ ରହୁଥିବା ଦେଖିବାକୁ ମିଳୁଛି। ତଳ ତଳିଆ ଚାକିରୀ କରିଥିବା ନେତାମାନେ ଏବେ ଆଗ ଧାଡିର ନେତା ସାଜିଛନ୍ତି । ପକେଟ ଖର୍ଚ୍ଚ ପାଇଁ କାଣି କଉଡିଟିଏ ନଥିବା କୁଜି ନେତାମାନେ କିଛି ଦିନରେ ମାଲିକ ସାଜି ଗଲେଣି । ଏହି ଲୋକ ପ୍ରତିନିଧିମାନେ ବ୍ଲକର ସମସ୍ୟା, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦିର ସମସ୍ୟାକୁ ଆଖିବୁଜି ଦେଇଛନ୍ତି। ସମ୍ପର୍କ ଭଲଥିଲେ ପ୍ରୋତ୍ସାହନ ଏବଂ ଖରାପ ହୋଇଯାଇଥିଲେ ପଟ ପରିବର୍ତ୍ତନ କରି ବିରୋଧ କରିବା ସାଧାରଣ ଘଟଣା ହୋଇଛି । ପରଜଙ୍ଗ ବ୍ଲକରେ ଅନେକ ଗରିବ ଲୋକ ଦୁଇଓଳି ପେଟ ପୁରା ଖାଇବାକୁ ପାଉନଥିବାବେଳେ ବର୍ଷକୁ ଏକାଧିକ ସୌଖିନ ଗାଡ଼ି, ବ୍ୟୟବହୁଳ ହୋଟେଲକୁ ଯିବା, ସୌଖିନ ଜିନିଷ ପତ୍ର କିଣିବା ନୂତନ ସୌଧ ନିର୍ମାଣରେ ଖର୍ଚ୍ଚ କରୁଛନ୍ତି । ସବୁ ପ୍ରକାର ବେଆଇନ୍ ଇଟା ନିର୍ମାଣ, ନଦୀରୁ ବାଲି ଉତ୍ତୋଳନ କରି ମାଲେମାଲ ହୋଇଗଲେଣି। ତାହା ସାଧାରଣରେ ଅଛପା ନାହିଁ । ବ୍ଲକର ବିଭିନ୍ନ ପରିସ୍ଥିତିରେ ଏହି ଲୋକ ପ୍ରତିନିଧିମାନେ ଆବଶ୍ୟକ ଥିବା ସମସ୍ୟା ପ୍ରତି ନଜର ନଦେଇ ମୂକବଧିର ପରି ନିରବଦ୍ରଷ୍ଟା ସାଜିଛନ୍ତି। ଏହାର ଜ୍ୱଳନ୍ତ ପ୍ରମାଣ ଆଦର୍ଶ ପୋଖରୀରେ ନିର୍ମାଣ କରାଯାଇଥିବା ପାହାଚ ଗୁଡିକ ବିକଶୀତ ଗାଁ ବିକଶୀତ ଓଡିଶା ଅର୍ଥରେ ନିର୍ମିତ ହୋଇଛି। ଏହିଭଳି କାର୍ଯ୍ୟକୁ ନେଇ ଜନ ସାଧାରଣଙ୍କର ସରକାରଙ୍କ ଉପରୁ ଆସ୍ଥା ଓ ଭରଷା ତୁଟି ଯାଉଛି।

## ହଳଦୀ ଚାଷୀଙ୍କୁ ମିଳୁନି ସବସିଡି ଅର୍ଥ: ବଢୁଛି ଚାଷୀ ଅସନ୍ତୋଷ



ହିନ୍ଦୋଳ ,(ସବ୍ୟୁ) : ହଳଦୀ ଚାଷର ବିକାଶ ସହିତ ଚାଷୀ ମାନଙ୍କୁ ଏଦିଗରେ ମନ ନିବେଶ କରିବାକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରି ଗତବର୍ଷ ମଧ୍ୟ ଭାଗରେ ଉନ୍ନତମାନର ହଳଦୀ ବିହନ ପ୍ରଦାନ କରିଥିଲେ । ଏଠାରେ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ଜରିଆରେ ବ୍ଲକର ସମସ୍ତ ପଞ୍ଚାୟତର ୧୨୦ ଜଣ ଚାଷୀ ପ୍ୟାକେଟ ପିଛା ୩ ହଜାର ଟଙ୍କା ଲେଖାଏଁ ଜମା କରି ହଳଦୀ ବିହନ ନେଇ ନିଜ ଜମିରେ ଲଗେଇ ଥିଲେ । ସେ ବାବଦରେ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ସରକାରୀ ଘୋଷଣା ନାମା ଅନୁସାରେ ସବସିଡି ଆକାରରେ ୫ ହଜାର ୯ ଶହ ୫୦ ଟଙ୍କା ଲେଖାଏଁ ମିଳିବାକୁ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା । ଗତବର୍ଷ ଜ୍ୟେଷ୍ଠ, ଆଷାଢ଼ ମାସରେ ଧାନ ରୁଆ ସାଙ୍ଗକୁ ଆଗ୍ରହ ପ୍ରକାଶ କରି ନିଜ ନିଜ କ୍ଷେତରେ ହଳଦୀ ବିହନ ଲଗାଇ ଆର୍ଥିକ କ୍ଷେତ୍ରରେ ଅଧିକ ରୋଜଗାରକ୍ଷମ ହୋଇ ପାରିବେ ବୋଲି ଆଶା ବାନ୍ଧି ବସିଥିଲେ । ତେବେ ଆଜି ଯାଏଁ ୫ ହଜାର ୯ ଶହ ୫୦ ଟଙ୍କାର ସବସିଡି ଅର୍ଥ ରାଶି ମିଳିବାର ଦୂରର କଥା ଏ ବାବଦରେ ଚାଷୀଙ୍କୁ ଟଙ୍କା ଟିଏ ବି ମିଳି ପାରିନି । ଏଥି ନେଇ ଚାଷୀ କୂଳ ନିରୁତ୍ସାହିତ ହୋଇ ପଡ଼ୁଛନ୍ତି । ହଳଦୀ ଚାଷର ଲଗାଇବା ପ୍ରଣାଳୀ, ଏହାର ଯତ୍ନ କିଭଳି କରାଯାଇ ପାରିବ ସେଥି ନେଇ ଆଜି ଯାଏଁ ବିଭାଗ ପକ୍ଷରୁ ଜଣେ ହେଲେ ବି କ୍ଷେତ୍ର କର୍ମଚାରୀ କୌଣସି ଅଞ୍ଚଳ ବୋଲି ତଦାରଖ କରି ନଥିବା ଅଭିଯୋଗ ହେଉଛି । ଏଭଳି ବ୍ୟବସ୍ଥା ଜାରି ରହିଲେ ଭବିଷ୍ୟତରେ ହଳଦୀ ଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯିବା ସମ୍ଭାବନାକୁ ଏଡାଇ ଦିଆ ଯାଇ ନପାରେ । ରାଜ୍ୟ ସରକାରଙ୍କ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥି ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଚାଷୀ କୂଳ ଦୃଢ଼ ଦାବି କରିଛନ୍ତି ।

## ୩୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହ ଠାରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତରଙ୍କ ଉପସ୍ଥିତିରେ ମୋଟ ୩୪ ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣି କରଯାଇଥିଲା । ସେଥିରୁ ବ୍ୟକ୍ତିଗତ ଅଭିଯୋଗ– ୨୮ ଟି ଓ ଗ୍ରାମ୍ୟ ଭିତ୍ତିକ ୬ଟି । ଶିବିର ସ୍ଥଳରେ ତୁରନ୍ତ ୮ଟି ଅଭିଯୋଗର ଫଏସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ତିନି ଜଣଙ୍କୁ ଯଥା ବଜ୍ରକୋଟ ପଞ୍ଚାୟତର ଭକ୍ତ ବନ୍ଧୁ ଧୀର ଓ ଯୋଗୀନାଥ ପ୍ରଧାନ ଉଭୟଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଏବଂ ପରାବିଲ ଗହମ ଗ୍ରାମର ଅବନ୍ତୀ ନାଏକଙ୍କୁ ଜୀବିକା ନିର୍ବାହ ନିମନ୍ତେ ୭୫୦୦ଟଙ୍କା ର ଚେକ ପ୍ରଦାନ କରାଯାଇଥିଲା । ଅଭିଯୋଗ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି ଏବଂ ବ୍ୟକ୍ତିଗତ ସମ୍ବନ୍ଧରେ ଆସିଥିଲା । ଜିଲାପାଳ ଉକ୍ତ ଦିନ କଣିହାଁ କଲେଜ ସ୍ଥାନାନ୍ତର ହେବାକୁ ଥିବା ଟାକୁଆ ଜାଗା ବୁଲି ଦେଖିଥିଲେ । ଏଥିରେ ଉପ ଆରକ୍ଷୀ ନୀରିକ୍ଷକ ସମୀର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ , ଉପଜିଲ୍ଲାପାଳ ତାଳଚେର ସମୀର କୁମାର ଜେନା, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଗାଧୋଇବାକୁ ଯାଇ ନଦୀରେ ବୁଡିଗଲେ ଯୁବକ

ଭଞ୍ଜନଗର, (ସବ୍ୟୁ): ମାମୁଁ ଘରକୁ ବୁଲିବାକୁ ଯାଇଥିଲେ । ଅପରାହ୍ନରେ ଗାଁକୁ ଲାଗି ରହିଥିବା ନଦୀକୁ ଗାଧୋଇବାକୁ ଯାଇଥିଲେ। ତାପରେ ଘରକୁ ଫେରିନଥିଲେ । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଏବଂ ଗ୍ରାମବାସୀ ଖୋଜାଖୋଜି କଲେ । କିନ୍ତୁ ନଦୀ ହିଡ଼ରୁ ତାଙ୍କର ପୋଷାକ ମିଳିଥିଲେ ମଧ୍ୟ, ସଂପୃକ୍ତ ଯୁବକଙ୍କ କୌଣସି ସନ୍ଧାନ ମିଳିନଥିଲା । ପରଦିନ ପୁଣି ଖୋଜାଖୋଜି କରିବା ପରେ ନଦୀର ଗଣ୍ଡ ଭିତରୁ ନିଖୋଜ ଯୁବକଙ୍କ ମୃତଦେହ ଉଧାର ହୋଇଥିଲା । ଗାଙ୍ଗପୁର ଥାନା ଅନ୍ତର୍ଗତ ବେଣିପଲ୍ଲୀ ପଞ୍ଚାୟତର ଓରିଗଡ ଗାଁରେ ଘଟିଛି ଏଭଳି ଘଟଣା । ମୃତ ଯୁବକ ଜଣକ, ନିକଟସ୍ଥ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜିରୋଳି ଗାଁର ବାବୁଲା କୁମାର ନାୟକ (୩୬) । ସୂଚନା ପ୍ରକାରେ, ବାବୁଲା ରାଉରକେଲାରେ ରହୁଥିଲେ। ଗତ କିଛି ଦିନ ପୂର୍ବରୁ ତାଙ୍କ ବଡ଼ବାପାଙ୍କ ଝିଅ ବାହାଘର ହେଉଥିବାରୁ ଜିରୋଳି ଗାଁ କୁ ଆସିଥିଲେ। ଭୋଜି କାର୍ଯ୍ୟ ସରିବା ପରେ, ପରବର୍ତ୍ତୀ ସମୟରେ ମାମୁଁ ଘର ଗାଁ ଓରିଗଡକୁ ବୁଲିବାକୁ ଯାଇଥିଲେ । ରବିବାର ଅପରାହ୍ନରେ ସେ ନିକଟସ୍ଥ ବଡନଦୀକୁ ଗାଧୋଇବାକୁ ଯାଇ ଏଭଳି ଅଘଟଣ ଘଟିଥିଲା । ଏନେଇ ସମ୍ପର୍କୀୟଙ୍କ ପକ୍ଷରୁ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମୃତ ଦେହକୁ ଜବତ କରି ଭଂଜନଗର ମେଡିକାଲରେ ବ୍ୟବଛେଦ ପରେ, ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଘଟଣାର ତଦନ୍ତ ଚଳାଇଛି ଗାଙ୍ଗପୁର ଥାନା ପୋଲିସ ।

## ପରଜଙ୍ଗ ବଡପୋଖରୀ ଆଉଟଲେଟ ନିର୍ମାଣ ଦାବି

ପରଜଙ୍ଗ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଡପୋଖରୀରେ ଆଉଟଲେଟ ନିର୍ମାଣ ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟରେ ଦାବି କରାଯାଇଛି। ପରଜଙ୍ଗ ବ୍ଲକର ମୁଖ୍ୟ ଗ୍ରାମ ପଞ୍ଚାୟତ ପରଜଙ୍ଗ ଅଟେ। ଏହି ପଞ୍ଚାୟତ ଅଧୀନରେ ଥିବା ପୋଖରୀ ଗୁଡିକ ଗ୍ରାମବାସୀ ନିଲାମ ରେ ନେଇ ମାଛଚାଷ କରିଥାଆନ୍ତି ।ପରଜଙ୍ଗ ଗ୍ରାମର ବଡ଼ ପୋଖରୀ ଖଣ୍ଡିଆବନ୍ଧର ପରିସୀମା ୩୦ ଏକର ଅଟେ। ବର୍ଷା ଦିନେ ବର୍ଷାପାଣି ଆସି ପୋଖରୀ ପୂର୍ଣ୍ଣ ହୋଇ ଯିବା ପରେ ଉଦ୍ ବୃତ୍ତ ପାଣିକୁ ନିଷ୍କାସନ ପାଇଁ କୌଣସି ସୁବିଧା ନାହିଁ। ଯାହା ଫଳରେ ଏହି ପୋଖରୀ ପାଣିରେ, ପୋଖରୀର ଦକ୍ଷିଣ ପାଶର୍ବରେ ଥିବା ୧୦ ଏକର ଚାଷଜମି ପ୍ରତି ବର୍ଷ ପାଣିରେ ବୁଡ଼ି ଯାଇ ଧାନ ଫସଲ ନଷ୍ଟ ହୋଇଥାଏ। ଏହି ପୋଖରୀରେ ବଳକା ପାଣିକୁ ନିଷ୍କାସନ କରିବା ପାଇଁ ଏବଂ ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ କରି ପାଣି ନିଷ୍କାସନ ପାଇଁ ଏକ ଆଉଟଲେଟ ନିତ୍ୟାନ୍ତ ଆବଶ୍ୟକ ଅଟେ। ବାରମ୍ବାର ପୋଖରୀ ହୁଡା କାଟି ପାଣି ନିଷ୍କାସନ କଲେ ପୋଖରୀର ହୁଡା ଦୁର୍ବଳ ହୋଇ ପଡ଼ିବ । ଏ ସମ୍ବନ୍ଧେ. ଜି.ପି.ଓ ସରପଞ୍ଚଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନାହିଁ। ବଡ଼ ପୋଖରୀ ରେ ଏକ ଆଉଟଲେଟ ନିର୍ମାଣ କରାଯିବା ନିମନ୍ତେ ଗ୍ରାମବାସୀ ପଞ୍ଚାୟତ ସମିତି ଅଧକ୍ଷଙ୍କୁ ଦାବି କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୁକ୍ତ ଅଦାଲତ ଚାଲାଣ

କଣିହାଁ, (ସବ୍ୟୁ): କଣିହାଁ ଥାନା ଅନ୍ତର୍ଗତ ଡେରଙ୍ଗ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୁଲିସ ଅଭିଯୁକ୍ତ ଜିତେନ୍ଦ୍ର ମହାତୋ (୪୨) କୁ ଗିରଫ କରି ସୋମବାର ଅଦାଲତ ଚାଲାଣ କରିଛି । ଅଭିଯୁକ୍ତ ଜିତେନ୍ଦ୍ର ଘର ଝାଡଖଣ୍ଡ ହରିହରପୁର ଥାନା ଗୁମାହେ। ଗ୍ରାମରେ । ସେ ଜେଆଇପିଲ ପ୍ଲାଣ୍ଟ ଏକ ଠିକା ସଂସ୍ଥା ରେ କାମ କରୁଥିଲା । ଏଥିନେଇ ଗତ ୬/୨/୨୦୨୫ ରିଖ ଦିନ ଥାନରେ ଅଭିଯୋଗ ପରେ ପୁଲିସ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା ।

## ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳା କାର୍ଯ୍ୟସମିତି ବୈଠକ

ତାଳଚେର ,(ସବ୍ୟୁ) : ପୁରୀ ଗୋବର୍ଦ୍ଧନ ପିଠାଧୀସ ଜଗତଗୁରୁ ଶଙ୍କରାଚାର୍ଯ୍ୟ କିଛିମାସ ପୂର୍ବରୁ ତାଳଚେର ରେ ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳା ର ଉଦଘାଟନ କରିଥିଲେ । ଏହାକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳାର ମୁଖ୍ୟ ଡ଼ା ସଂଜୀବ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟ ସମିତି ବୈଠକ ରେ ମୁଖ୍ୟଅତିଥି ଭାବେ ବିଜେପି ମିଡ଼ିଆ ସେଲ ଜୋନାଲ ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ଉକ୍ତ ଗୋଶାଳା ର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଗୋଶାଳା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଉପରେ ପ୍ରସ୍ତାବ ରଖିଥିଲେ । ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର ଗୋଶାଳା ପାଇଁ ବିଭିନ୍ନ ପ୍ରୋତ୍ସାହନ ଦେଉଥିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଡ଼ା ସଂଜୀବ ରାଉତ ଗାଇର ଖତ ଓ ଗୋ ମୂତ୍ର ରୁ ବିଭିନ୍ନ ମୂଲ୍ୟବାନ ଦ୍ରବ୍ୟ କିଭଳି ଭାବେ ପ୍ରସ୍ତୁତ ହୋଇ ଲୋକଙ୍କ ସେବାରେ ଲାଗିବ ସେ ବିଷୟରେ ଆଲୋଚନା କରିଥିଲେ । ପ୍ରଥମ କାର୍ଯ୍ୟ ସମିତି ବୈଠକରେ ୫୧ ଜଣ ବିଶେଷ ଭାବେ ମହିଳା ସଦସ୍ୟତା ଗ୍ରହଣ କରିଥିଲେ । ଗୋଶାଳାକୁ କାର୍ଯ୍ୟକ୍ଷମ କରି ଗୋ ସେବା ସହ ସେଠାରେ ଜନ୍ମଦିନ ପାଳନ ବିଭିନ୍ନ ମୋହତ୍ସବ, ହୋମ ଯଜ୍ଞ ଆଦି ପ୍ରତ୍ୟହ କରାଇବା ଉପରେ ବୈଠକ ରେ ମତ ପ୍ରକାଶ ପାଇଥିଲା ।

## ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ କାତି ଓ ଲୁହା ରଡ଼ ଆକ୍ରମଣ କରିଥିବା ଘଟଣାରେ ଫେରାର ଥିବା ଅଭିଯୁକ୍ତକୁ ଆଜି ଗୋଳନ୍ଥରା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଘଲଟି ଗ୍ରାମର ଶଙ୍କର ପ୍ରସାଦ ଗୌଡ଼ ଓରଫ ଶଙ୍କର ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ ସହ ଗ୍ରାମର ଅନ୍ୟ ଗୋଷ୍ଠୀର ସହ ମନ୍ଦିର କମିଟି ଓ ପୂର୍ବ ଶତ୍ରୁତା ଲାଗି ରହିଥିଲା । ଗତ ମାସ ୧୮ ତାରିଖ ଭାବଗ୍ରାହୀ କନିଷି ହାଟ ତୁଲୁ ରୋଡ଼କୁ ପାଇପ କାମ କରିବାକୁ ଯାଉଥିବା ବେଳେ ତୁଲୁ ରାସ୍ତା ନିକଟରେ ସେହି ଗ୍ରାମର ଭାବଗ୍ରାହୀଙ୍କୁ ଅଟକାଇ ଚାରିରୁ ଉର୍ଦ୍ଧ୍ୱ ଜଣ ଏକ କାତିରେ ଓ ଲୁହା ରଡ଼ରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ । ଭାବଗ୍ରାହୀ ସ୍ଥାନୀୟ ମେଡିକାଲରେ ଭର୍ତି କରିଥିଲେ । ଏନେଇ ତାଙ୍କ ବାପା ସନାତନ ଗୌଡ଼ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ୩୦/୨୬ ପ୍ରକାରେ ହତ୍ୟା ଉଦ୍ୟମ ରୁଜୁ କରିଥିବା ବେଳେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲା । ଶଙ୍କର ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଥିବା ଖବର ପାଇଁ ଗୋଳନ୍ଥରା ଥାନା ପୋଲିସ ଏକ ଟିମ ସେଠାରେ ଚଢାଉ କରି ଶଙ୍କର ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

## ୧୫୮ତମ ହରିହାଟ ମେଳା–୨୦୨୬, ବଡଯୋଡ ଉଦ୍‌ଯାପିତ



ବାରିପଦା, (ସବ୍ୟୁ) : ଗୁରୁବାର ଦିନ ୧୫୮ତମ ହରିହାଟ ମେଳା ୨୦୨୬, ବଡଯୋଡ ଉଦ୍‌ଯାପନ ଉତ୍ସବ ପାଳନ ହୋଇଥିଲା । ମାଘ ମାସ ୧୬ଦିନ ଅଗ୍ନି ଉତ୍ସବ ପୂର୍ଣ୍ଣିମା ତିଥିଠାରୁ ଏହି ମେଳା ଆରମ୍ଭ ହୋଇଥିଲା । ଦୀର୍ଘ ୫ଦିନ ଧରି ବଡଯୋଡ ଗ୍ରାମ ଠାରେ ହରିହାଟ ମେଳାକୁ ଅଞ୍ଚଳବାସୀ ମାନେ ନିରାମିଷାସୀ ଭାବେ ନିଷ୍ଠାର ସହିତ ପାଳନ କରିଥିଲେ । ମେଳାରେ ନିଶାଦ୍ରବ୍ୟ ବିକ୍ରି ବ୍ୟବସ୍ଥା ତଥା ଯୁଆଖେଳ ଭଳି ବେଆଇନ୍ କାମ କମିଟି ନିଷିଦ୍ଧ କରିଥିଲେ । ଏହା ଅନ୍ୟ ମେଳା ପାଇଁ ଉଦାହରଣ ହୋଇପାରେ ମେଳାକୁ ଆକର୍ଷଣୀୟ କରିବା ପାଇଁ ପାଶ୍ୱ ଦେବତା ମାଟିରେ ନିର୍ମାଣ କରିଥିଲେ । ପ୍ରତ୍ୟେକ ଦିନ ହରିହାଟ ମଣ୍ଡପ ଚତୁଃପାର୍ଶ୍ୱରେ ଅପରାହ୍ନ ୪ଘଟିକା ଠାରୁ ୨ଘଟିକା ପର୍ଯ୍ୟନ୍ତ ମହାମନ୍ତ୍ର ହରେ କୃଷ୍ଣ ହରେ ରାମ ଉଚ୍ଚାରଣ କରି ପରିକ୍ରମା କରିଥାନ୍ତି । ପ୍ରି–ଅପେରା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉଦଳା ବିଧାୟକ ଭାସ୍କର ମଢେଇ ନିମନ୍ତ୍ରିତ ଅତିଥି ଭାବେ ମେଳାରେ ଯୋଗ ଦେଇଥିଲେ । ଠିକ୍ ସେହିପରି ନିମନ୍ତ୍ରିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ମେଳାରେ ଯୋଗଦେଇ ମହାପ୍ରଭୁ ହରିବାବାଙ୍କୁ ପୂଜାଅର୍ଚ୍ଚନା କରିଥିଲେ । ୧୫୫ତମ ହରିହାଟ ମେଳା ୨୦୨୬, ବଡଯୋଡର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସାଇ ହସ୍ପିଟାଲ ମାଲିକ ଡାଃ ଲକ୍ଷ୍ମୀକାନ୍ତ ପତି ଯୋଗଦେଇ ଥିଲେ । ମୁଖ୍ୟଅତିଥି ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ତାଙ୍କ ଅଭିଭାଷଣରେ ଏକତାର ବଳ ବିଷୟରେ ଦର୍ଶକ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ବିଶେଷ କରି ମୟୂରଭଞ୍ଜର ମୂଳବାସିନ୍ଦା ବାଥୁଡି ଏବଂ ଭୂୟାଁ ସମାଜର ଏକତା କଥା ଉଲ୍ଲେଖ ଯୋଗ୍ୟ ତାଙ୍କ ଅଭିଭାଷଣରୁ ବାରି ପଡୁଥିଲା । ଏକତା ହେଲେ ସବୁକ୍ଷେତ୍ରରେ ଉନ୍ନତି କରିପାରିବା କଥା କହିଥିଲେ । ଶିମିଳିପାଳ ମଧ୍ୟରେ ଅବସ୍ଥିତ ବାଥୁଡି ସମାଜର ରାଷ୍ଟ୍ର ଦେବତା ୧୮ ଦେଉଳକୁ ଯାଇଥିଲେ ବୋଲି ପରିପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥି, ସାଇ ହସ୍ପିଟାଲର ମାଲିକ ଡାଃ ଲକ୍ଷ୍ମୀକାନ୍ତ ପତି ତାଙ୍କ ଅଭିଭାଷଣରେ ହରିହାଟ ମେଳାର ମହାତ୍ମ୍ୟ ବିଷୟରେ ସମ୍ୟକ ଧାରଣା ଆଲୋକପାତ କରିଥିଲେ । ଭଗବାନ ହରି ବା ଈଶ୍ୱର ଏକ ଅନେକ ନାସ୍ତି ଏଠାରେ ମୂର୍ତ୍ତି ପୂଜା ନହୋଇ ଘଟ ପୂଜା ଦେଉଥିବାରୁ ଏହା ହିଁ ହରିହାଟର ମହାତ୍ମ୍ୟ ବୋଲି କହିଥିଲେ । ସୃଷ୍ଟିର ସର୍ଜନା ସେହିଁ ଓଁ ନାଦରୁ ସୃଷ୍ଟି । ଏଠାରେ ଓଁ କୁ ପୂଜା କରି ଆଧ୍ୟାତ୍ମିକ ଏକତା ସମାଜକୁ ଦିଗ୍ଦର୍ଶନ ଦିଆଯାଉଛି ବୋଲି କହିଥିଲେ । ସ୍ୱାଧିନତା ପୂର୍ବରୁ ଭଞ୍ଜରାଜ ବଂସ ମୟୂରଭଞ୍ଜକୁ କିପରି ସୁଶାସନ ପ୍ରଦାନ କରି ପ୍ରଜାବତ୍ସଳ ରାଜାଥିଲେ ତାହା ବର୍ଣ୍ଣନା କରିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଶୀର୍ଷକ ବିଷୟକୁ ବିଭିନ୍ନ ଗଳ୍ପ ମାଧ୍ୟମରେ ଉପସ୍ଥିତ ଦର୍ଶକଙ୍କୁ ସଚେତନ କରିଥିଲେ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସରକାରୀ ଯୋଜନାରେ ଲୋକମାନେ କିପରି ସ୍ୱାସ୍ଥ୍ୟ ସେବା ଲାଭ ପାଇପାରିବେ ସେଥିପାଇଁ ସମସ୍ତ ତଥ୍ୟ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ତାଙ୍କ ସାଇ ହସ୍ପିଟାଲ ଆୟୁଷ୍ମାନ କାର୍ଡରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ହରିହାଟ ସାଂସ୍କୃତିକ ଟ୍ରଷ୍ଟର ଅଧ୍ୟକ୍ଷ ଦୈତ୍ୟାରୀ ନାଏକ, ଉପାଧ୍ୟକ୍ଷ ବିଜୟ କୁମାର ନାଏକ ଏବଂ କୃଷ୍ଣଚନ୍ଦ୍ର ନାଏକ ମଞ୍ଚରେ ଉପସ୍ଥିତ ଥିଲେ । ବଡଯୋଡ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ, ଜିଲ୍ଲା ପରିଷଦ ପୂର୍ବତନ ସଦସ୍ୟ ତଥା ଟ୍ରଷ୍ଟର କୋଷାଧ୍ୟକ୍ଷ କାଳିଚରଣ ନାଏକ ମଞ୍ଚ ପରିଚାଳନା କରିଥିଲେ ।

## ଡାକବଙ୍ଗଳା ଅନ୍ୟତ୍ର ଉଠାଇ ନେବାକୁ ବିରୋଧ

ବଇଣ୍ଡା ,(ସବ୍ୟୁ) : ବଇଣ୍ଡା ଛକରେ ହେବାକୁ ଥିବା ଡାକ ବଙ୍ଗଳା କଲେଜ ପଛ କୁ ଚକ୍ରାନ୍ତ କରି ଉଠାଇ ନେବାକୁ ଯୋଜନା କରାଯାଉଥିଲା । ସୋମବାର କଲେଜ ପଛରେ ଥିବା ସରକାରୀ ଜାଗା ରେ ମାପଚୁପ ବେଳେ ସ୍ଥାନୀୟ ବାସିନ୍ଦା ସେଠାରେ ବିରୋଧ କରିଥିଲେ । ସ୍ଥାନୀୟ ବାସିନ୍ଦା ସେଠାରେ କଲ୍ୟାଣ ମଣ୍ଡପ କରିବେ ବୋଲି କହିଥିଲେ । ବଇଣ୍ଡା ଛକ ଉପରେ ଥିବା ସରକାରୀ ଜମି ଡାକ ବଙ୍ଗଳା ପାଇଁ ପୂର୍ତ୍ତ ବିଭାଗ ନାମରେ ପଟା ହୋଇସାରିଥିବା ବେଳେ ଅନ୍ୟତ୍ର ବଙ୍ଗଳା ଉଠା ଯିବାକୁ ନେଇ କାହାର ହାତ ରହିଛି ତାହା ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି।

## ମୁଣ୍ଡୁରିବେଡାରୁ ବେଆଇନ ଜବରଦଖଲ ଉଚ୍ଛେଦ





ପାଲଲହଡା, (ସବ୍ୟୁ ): ଖମାର ଥାନା ଅନ୍ତର୍ଗତ ମୁଣ୍ଡୁରିବେଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମ ରାଜସ୍ୱ ନିରୀକ୍ଷକଙ୍କ ସର୍କଲରେ ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନ ଆଜି ସକାଳ ୧୦ ଟା ସମୟରେ କରାଯାଇଥିଲା । ପାଲଲହଡା ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଥିଲା । ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଗିରିଶ ଚନ୍ଦ୍ର ସିଂହ, ସହକାରୀ ଜିଲ୍ଲାପାଳ, ପାଲଲହଡା, ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ଖମାର ପୁଲିସ୍ ଦଳ ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ । ଗ୍ରାମବାସୀଙ୍କର ଅଭିଯୋଗ କ୍ରମେ ତଥା ଜିଲ୍ଲାପାଳ ଅନୁଗୋଳଙ୍କର ନିର୍ଦ୍ଦେଶ କ୍ରମେ ଉଛେଦ ପ୍ରକ୍ରିୟା ହୋଇଥିଲା । ଏହି ସମୟରେ ଖମାର ଇଲେକ୍ଟ୍ରି ଡିପାର୍ଟମେଣ୍ଟ ତରଫରୁ ବିଦ୍ୟୁତ ସଂଯୋଗ କଟା ଯାଇଥିଲା । ଅବାଧ ଜବରଦଖଲକାରୀଙ୍କୁ ପୂର୍ବରୁ ମୌଖିକ ସୂଚନା ଦିଆଯାଇଥିଲା ଏବଂ ସେମାନେ ଖାଲିକରିବାକୁ ରାଜି ହୋଇଥିଲେ । ଜେସିବି ମେସିନ ବ୍ୟବହାର କରି ୦୬ ଗୋଟି କ୍ୟାବିନ ଏବଂ ଦୋକାନ ଗୃହ ଉଚ୍ଛେଦ କରାଯାଇଛି । ମାଲିକମାନେ ଉଚ୍ଛେଦ ପୂର୍ବରୁ ସେମାନଙ୍କ ସାମଗ୍ରୀ ଖାଲି କରି ସାରିଥିଲେ । ଅଭିଯାନ ଶାନ୍ତିପୂର୍ଣ ଭାବେ ସଂପୂର୍ଣ୍ଣ ହୋଇଛି ।

## ୧୩ରେ ବିଜେଡିର ଚାଷୀ ସମାବେଶ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ଠାରେ ସୋମବାର ପୂର୍ବାହ୍ନରେ ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଡ଼ ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗତ ୭ତାରିଖରେ ଗଠିତ ଜିଲ୍ଲା କମିଟିର ନୁତନ ପଦାଧିକାରିମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ସହିତ ଆଗାମୀ ଦିନରେ ସଂଗଠନକୁ କିପରି ମଜବୁତ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଭୁଷୁଡି ପଡିଛି, ନାରୀ ନିଜକୁ ସଂପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛି , ଧାନମଣ୍ଡିରୁ ଧାନ ଉଠୁନାହିଁ, କ୍ୱିଣ୍ଟାଲ ପ୍ରତି ୧୦କିଲୋ କଟ୍‌ନୀଛଟ୍‌ନୀ ହେଉଛି, ଚାଷୀମାନଙ୍କଠାରୁ ପର୍ଯ୍ୟାପ୍ତ ପରିମାଣର ଧାନ ସରକାର ଗ୍ରହଣ ନକରି ଉତ୍ପାଦନର ମାତ୍ର ୧୦ ରୁ ୨୧ଭାଗ ଧାନ କିଣୁଥିବାରୁ ଚାଷୀମାନେ ୧୮୦୦ଟଙ୍କାରେ ଧାନ ବିକିବାକୁ ବାଧ ହେଉଛନ୍ତି। ଯାହାଦ୍ୱାରା ଚାଷିକୂଳ ହତାସ ହୋଇପଡିଛନ୍ତି। ପଲ୍ୟୁସନ୍ ସାର୍ଟିଫିକେଟ ଏବେ ପ୍ରହସନରେ ପରିଣତ ହୋଇଛି। ଦରଦାମ୍ ବୃଦ୍ଧି ରେ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ବିଜେଡି ସମୟରେ ଯେଉଁସବୁ କାମ ଆରମ୍ଭ ହୋଇଥିଲା ସେହି କାମକୁ ରଙ୍ଗ ବଦଳାଇ ଓ ଫଳକ ବଦଳାଇ ବିଜେପ ସରକାର କେବଳ ବାହାବାହା ନେବାର ଉଦ୍ୟମ କରୁଛି ବୋଲି ସଭାପତି ଡ଼ ସାହୁ ମତବ୍ୟକ୍ତ କରିବା ସହିତ ଚଳିତ ମାସ ୧୩ ତାରିଖ ଦିନ ସକାଳ ୯ଘଟିକା ୩୦ମିନଟ ସମୟରେ ସହରସ୍ଥ ବାଜିଚୌକ ଛକ ନିକଟରୁ ଚାଷିମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ମଧଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିବ ଏବଂ ସେଠରେ ଚାଷୀମାନଙ୍କର ବିଭିନ୍ନ ସମ୍ୟାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସଭାପତି ସୁଚନା ଦେଇଥିଲେ। ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ବିଜେପି ସରକାରଙ୍କର ଜନ ବିରୋଧି କାର୍ଯ୍ୟକଳାପରେ ଓଡିଶା ବାସୀ ଅତିଷ୍ଠ ହୋଇପଡିଲେଣି , ଆଗାମି ପଞ୍ଚାୟତ ନିର୍ବାଚନରେ ଓଡିଶା ବାସୀ ସେମାନଙ୍କୁ ଉଚିତ ଜବାବ ଦେବେ ବୋଲି କହିବା ସହିତ ୧୩ ତାରିଖରେ ହେବାକୁ ଥିବା ବିକ୍ଷୋଭ ସମାବେଶକୁ ସଫଳ କରିବା ପାଇଁ କର୍ମିମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡଙ୍ଗୀ, ଜିଲାପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ନରୋତ୍ତମ ସାହୁ, ନରୋତ୍ତମ ରାଉତ, ନିରାକାର ରାଉତ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଜିଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର ସମେତ ବିଜୁ ଜନତା ଦଳ, ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ। ଶେଷରେ ବିଜେଡି ନଗର ସଭାପତି ବିନୋଦ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍‌ଷ୍ଟାଣ୍ଡ ପାର୍କିଂ ଫି ବୃଦ୍ଧି
## ୧୮ ରୁ ଷ୍ଟାଣ୍ଡ ଭିତରକୁ ବସ୍ ଆଣିବୁ ନାହିଁ: ମାଲିକ ସଂଘ

ତାଳଚେର ,(ସବ୍ୟୁ) : ତାଳଚେର ପୌରାଚଂଳ ସ୍ଥିତ ରାଣୀପାର୍କ ବସ୍ ଷ୍ଟାଣ୍ଡ ମଧ୍ୟରେ ଯାତ୍ରୀ ମାନଙ୍କ ପାଇଁ ମୌଳିକ ସୁବିଧା ଗୁଡିକ ପୌର ପ୍ରଶାସନ ପକ୍ଷରୁ କରାଯାଇ ନାହିଁ । କିନ୍ତୁ ପୂର୍ବରୁ କୌଣସି ସୂଚନା ବା ଟେଣ୍ଡରରେ କୌଣସି ଅବଗତ କରାଯାଇନଥିଲା । ହଠାତ୍ ପୌର ପ୍ରଶାସନ ପକ୍ଷରୁ ଟେଣ୍ଡରଧାରୀଙ୍କୁ ବସ୍ ଷ୍ଟାଣ୍ଡକୁ ଆସୁଥିବା ବସ୍ ଗୁଡିକରୁ ପାର୍କିଂ ଫି ୧୦ ଟଙ୍କାରୁ ବୃଦ୍ଧି କରି ୨୦ ଟଙ୍କା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ବସ୍ ମାଲିକ ମାନେ ଏହାକୁ ବିରୋଧ କରି ପାର୍କିଂ ଫି ବୃଦ୍ଧି ନକରି ପୂର୍ବ ପରି ୧୦ ଟଙ୍କା ଆଦାୟ କରିବା ପାଇଁ ବସ୍ ମାଲିକ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା । ସଂଘ ପକ୍ଷରୁ ଏହି ଅଭିଯୋଗ କରିବା ପରେ ନିର୍ବାହୀ ଅଧିକାରୀ ମୌଖିକ ଭାବେ ୨୦ ଟଙ୍କା ପରିବର୍ତେ ୧୫ ଟଙ୍କା ପାର୍କିଂ ଫି ଦେବା ପାଇଁ କହିଥିଲେ ବୋଲି ସଂଘର ସଭାପତି ଶ୍ରୀକାନ୍ତ ପାଣି ପୁର୍ନବାର ଲିଖିତ ଭାବେ ଜଣାଇଛନ୍ତି । କିନ୍ତୁ ବର୍ତମାନ ପର୍ଯ୍ୟନ୍ତ ତାହା ୨୦ ଟଙ୍କା ଆଦାୟ ହେଉଅଛି ଏବଂ ତତ୍ ସହିତ ଯେଉଁ ବସ୍ ଗୁଡିକ ଚଳାଚଳ ନକରି କିମ୍ବା ଯାନ୍ତ୍ରୀକ ତୃଟି ହୋଇ ବସ୍ ଷ୍ଟାଣ୍ଡ ପରିସରରେ ଛିଡା ହୋଇଥିଲେ ମଧ ପାର୍କିଂ ଫି ଆଦାୟ କରାଯାଉଛି । ଯାହା ପୂର୍ବରୁ ଆଦାୟ ହେଉ ନଥିଲା । ଏହାକୁ ଦୃଷ୍ଟି ଦେଇ ପ୍ରଶାସନ ପକ୍ଷରୁ ବସ୍ ଷ୍ଟାଣ୍ଡ ମଧ୍ୟରେ ଯାତ୍ରୀମାନଙ୍କ ସୁବିଧା ଗୁଡିକ ପୂରଣ ହେଲା ପରେ ପ୍ରତ୍ୟେକ ବସ୍ ଠାରୁ ପାର୍କିଂ ଫି ବାବଦରେ ୧୫ ଟଙ୍କା ଲେଖାଏଁ ଦେବୁ ଏବଂ ପୂର୍ବ ପରି ୧୦ ଟଙ୍କା ଲେଖାଏଁ ଆଦାୟ କରାଯାଉ ।

## ବନାଗ୍ନୀ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ



ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ବନଖଣ୍ଡ ବିଭାଗ ତରଫରୁ ବନାଗ୍ନୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ସକାଳୁ ମିନି ଷ୍ଟାଡିଅମ ଠାରୁ ଏକ ଗଣ ଦୌଡ଼ ଆରମ୍ଭ ହୋଇଥିଲା । ଆଠମଲ୍ଲିକ ବନ ଖଣ୍ଡ ଅଧିକାରୀ ଗଣ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଗଣଦୌଡ଼ ହରିଡ଼ା ନାଳୀ ସ୍ଥିତ ଖେଳ ପଡ଼ିଆ ରେ ପହଂଚି ଥିଲା । ବହୁ ଛାତ୍ର ଛାତ୍ରୀ, ଯୁବକ ଯୁବତୀ ସ୍ଥାନୀୟ ଜନସାଧାରଣ ଏହି ଗଣଦୌଡ଼ ରେ ସାମିଲ ହୋଇଥିଲେ । ସେଠାରେ ଏକ ସଭା ର ଆୟୋଜନ ହୋଇଥିଲା । ଏଥିରେ ଡ଼ି ଏଫ ଓ ସନ୍ତୋଷ କୋପୁଲା, ଏ ସି ଏଫ ସଚ୍ଚିଦାନନ୍ଦ ସେଠୀ, ରେଞ୍ଜର ସୁନିଲ କୁମାର ସାହୁ ଯୋଗ ଦେଇ ବନାଗ୍ନୀ ପ୍ରତିରୋଧ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ । ଗଣଦୌଡ଼ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତି ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ନୃତ୍ୟ ମାଧମ ରେ ମଧ ସଚେତନତା ବାର୍ତ୍ତା ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ରେଞ୍ଜର ନରେନ୍ଦ୍ର ଗମାଙ୍ଗ, ରେଞ୍ଜର ସୁରେନ୍ଦ୍ର ପାତ୍ର, ଫରେଷ୍ଟର ସୁବ୍ରତ ଶତପଥି,ଶ୍ରୀନିବାସ ପ୍ରଧାନ, ଦାମୋଦର ପ୍ରଧାନ, ପୁଷ୍ପ ମିତ୍ରା ସିଂ, ଫରେଷ୍ଟ ଗାର୍ଡ ବିକାଶ ମହାନ୍ତି, ଅରୁଣ କୁମାର ଦୀପଙ୍କ ସମେତ ବନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ବନ ବିଭାଗ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା ।

## ୨୦ଫୁଟ ତଳ ନାଳକୁ ଖସି ପଡିଲା କାର ସହ ସ୍କୁଟି : ଜଣେ ମୃତ, ୫ ଗୁରୁତର



ବେତନଟୀ,(ସବ୍ୟୁ): ୧୮ନଂ ଜାତୀୟରାଜପଥ ବୁଢ଼ୀଖମାରୀ ଛକ ନିକଟରେରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସ୍କୁଟି ଚାଳକ ବାପାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଝିଅ ସମେତ ୫ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଉଛନ୍ତି ବାରିପଦା ସଦରଥାନା ତଥା ବୁଢ଼ୀଖମାରୀ ପଞ୍ଚାୟତ ଅଧୀନ ସ୍ୱର୍ଣ୍ଣରୂପଭିଲ୍ଲା ଗ୍ରାମର ସରବିନ୍ଦୁ ପାତ୍ରଙ୍କ ପୁଅ ପ୍ରଦୀପ କୁମାର ପାତ୍ର । ସୂଚନା ମୁତାବକ ପ୍ରଦୀପ ନିଜର ୫ବର୍ଷର ଝିଅ ରଶ୍ମିତା ପାତ୍ରଙ୍କୁ ନିଜର ଓଡି-୧୧ଜେଡ ଜେଡ ୭୩୪୬ ନମ୍ବର ବିଶିଷ୍ଟ ସ୍କୁଟିରେ ବସାଇ ରାସ୍ତା ଛକ ଅଭିମୁଖେ ଆସୁଥିବା ବେଳେ ସେହି ସମାନ ଦିଗରେ ଅତ୍ୟନ୍ତ ଦ୍ରୁତଗତିରେ ଝାଡଖଣ୍ଡର ଜାମଶେଦପୁରରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ୨୪ବିଏଚ-୮୪୨ବି ନମ୍ବର ବିଶିଷ୍ଟ ଦ୍ରୁତଗାମୀ କାରଟି କୌଣସି କାରଣରୁ ଭାରସାମ୍ୟ ହରାଇ ପଛପଟୁ ଆସି ସ୍କୁଟିକୁ ଧକ୍କା ଦେଇଥିଲା । ପାଖାପାଖି ୫୦ଫୁଟ ପର୍ଯ୍ୟନ୍ତ ବ୍ୟାରିକେଡ ସହିତ ସ୍କୁଟିକୁ ଘୋଷାଡିନେବାପରେ ବ୍ୟାରିକେଡ ଭାଙ୍ଗିଯିବାରୁ ରାସ୍ତାରୁ ପ୍ରାୟ ୨୦ଫୁଟ ତଳକୁ ନାଳଭିତରକୁ କାର ଓ ସ୍କୁଟି ଖସିପଡିଥିଲା । ଖବରପାଇ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକରୀ ଏଏସଆଇ ସୂତାର କୁମାର ମହାନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଅତ୍ୟନ୍ତ ଶଙ୍କଟାପନ୍ନ ଅବସ୍ଥାରେ ପ୍ରଦୀପ ଓ ତାଙ୍କର ୫ବର୍ଷର ଝିଅ ରଶ୍ମିତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାରକରି ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ଏଥିସହିତ କାର ଭିତରେ ଥିବା ପ୍ରତିରକ୍ଷା ବିଭାଗର କର୍ମଚାରୀଙ୍କ ସମେତ ତାଙ୍କର ସାନଭାଇ, ମା', ସ୍ତ୍ରୀ ଏବଂ ୩ବର୍ଷର ସନ୍ତାନ ଆହତ ହୋଇଥିବା ବେଳେ ସେମାନଙ୍କୁ ମଧ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ପଠାଇଥିଲେ । ତେବେ ସ୍କୁଟି ଚାଳକ ପ୍ରଦୀପ ପାତ୍ରଙ୍କର ଅବସ୍ଥା ଶଙ୍କଟାପନ୍ନ ଥିବାରୁ ବାରିପଦାରୁ କଟକ ବଡଡାକ୍ତରଖାନା ସ୍ଥାନାନ୍ତର ସମୟରେ ଯାଜପୁର ଜିଲ୍ଲା କୁଆଖିଆ ଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।କୁଆଖିଆ ଡାକ୍ତରଖାନାରେ ମୃତଦେହ ରଖାଯାଇଥିବା ବେଳେ ଆସନ୍ତାକାଲି ମଙ୍ଗଳବାର ଶବବ୍ୟବଚ୍ଛେଦ ହେବା ନେଇ ମୃତକଙ୍କ ସମ୍ପର୍କୀୟ ଭାଇ ନିରଞ୍ଜନ ପାତ୍ର ସୂଚନା ଦେଇଛନ୍ତି । କ୍ରେନ ସହାୟତାରେ ଦୁର୍ଘଟଣାଗ୍ରସ୍ତ କାର ଏବଂ ସ୍କୁଟିକୁ ଉଦ୍ଧାରପୂର୍ବକ ଜବତକରି କୃଷ୍ଣଚନ୍ଦ୍ରପୁର ଫାଣ୍ଡିକୁ ଅଣାଯାଇଥିବା ନେଇ ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ସୂଚନା ଦେଇଛନ୍ତି।

## ପାଣିରେ ପଡି ଶିଶୁକନ୍ୟା ମୃତ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ଥାନା ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ସୁଜାଗଡ ଗ୍ରାମର ସୁରେନ୍ଦ୍ର ବେହେରାଙ୍କର ଶିଶୁ କନ୍ୟା କାଜଲ (୮)ପାଣିରେ ବୁଡି ପ୍ରାଣ ହରାଇଛନ୍ତି । ରବିବାର ଅପରାହ୍ନରେ କାଜଲ ଖେଳୁଥିବା ବେଳେ ଅନ୍ୟ ମନସ୍କ ହୋଇ ପୋଖରୀ ହୁଡାରୁ ଖସିପଡି ବୁଡି ଯାଇଥିଲେ । ଖୋଜାଖୋଜି ପରେ ତାଙ୍କୁ ପାଣିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଦୁଇ ବାଇକକୁ ଧକ୍କା ଦେଇ କାର ଦୁର୍ଘଟଣା : ଦୁଇ ଗୁରୁତର

ଠାକୁରମୁଣ୍ଡା ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ ନଂ ରାଜ୍ୟରାଜପଥ ଠାକୁରମୁଣ୍ଡା କରଂଜିଆ ରାସ୍ତାର କାଳିଆଜିଆଣି ଜଙ୍ଗଲ ସାଗରସାହି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଦୁଇଟି ବାଇକ କୁ ଧକ୍କା ଦେଇ ଭାରସାମ୍ୟ ହରାଇ ଶାଳଗଛକୁ ଧକ୍କା ଦେଇଥିଲା। ରବିବାର ରାତି ସାଢ଼େ୯ଟାରେ ଠାକୁରମୁଣ୍ଡା ରୁ କରଞ୍ଜିଆ ଅଭିମୁଖେ ଯାଉଥିବା ମାରୁତି ସୁଜୁକି କାର ସାଗର ସାହି ଛକ ନିକଟରେ କେନ୍ଦୁଜିଆଣୀ ରୁ ନିଜ ଘର ହାତୀଗୋଡା ଆସୁଥିବା ଗୋଟିଏ ହୁଣ୍ଡା ସାଇନ ଓ ଟିଭିଏସ ସୁପର ଏକ୍ସଏଲ କୁ ସାମ୍ନା ସାମ୍ନୀ ଧକ୍କାଦେଇ ଭାରସାମ୍ୟ ହରାଇ ଏକ ଶାଳ ଗଛ ଧକ୍କାଦେଇ ଅଟକି ଥିଲା। ୨ ବାଇକ ଚାଳକ ଅନନ୍ତ କୁମାର ବେହେରା (୩୦),ପ୍ରଦୀପ କୁମାର ବେହେରା (୩୭) ଛିଟିକି ପଡି ଗୁରୁତର ଆହତ ହୋଇ ଥିଲେ। ୧୧୨ ନଂ ନମ୍ବର କଲ ପାଇ ଠାକୁରମୁଣ୍ଡା ପୋଲିସ ଘଟଣାସ୍ଥଳକୁ ଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନା ଆଣିଥିଲେ। ଚିକିତ୍ସାଧୀନ ଅନନ୍ତ କୁମାର ବେହେରାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## କୁଳଡିହା ବନବିଭାଗକୁ ସଫଳତା ଜଣେ ମହିଳା ସହ ୩ ଗିରଫ



ନୀଳଗିରି ,(ସବ୍ୟୁ) ବାଲେଶ୍ୱର ବନଖଣ୍ଡ ଅଧୀନସ୍ଥ ଏକମାତ୍ର ଅଭୟାରଣ୍ୟ କୁଳଡିହା ଅଞ୍ଚଳରେ ବୃଦ୍ଧିପାଇଥିବା ବନ୍ୟଜନ୍ତୁ ଶିକାର ଏବଂ ବେଆଇନ ଜଙ୍ଗଲ ଦଖଲ ରୋକିବା ସହ ଶିକାରୀ ଓ ବେପାରୀମାନଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ତେବେ ଏହି ହେତାଯେଷ ରାଜେନ୍ଦ୍ର ୧୭ନେ ୨୦୨୫/୨୬ରେ ସ୍ୱତନ୍ତ୍ର ମାମଲା କରାଯାଇ ଏହି ଘଟଣାରେ ଆଜିଯାଏ ମୋଟ ୧୪ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ ବନ୍ୟଜନ୍ତୁ ଶିକାର ନିୟମରେ ମାମଲା ରୁଜୁ କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସିଏଫଓ ତଥା କୁଳଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବାରମ୍ବାର ବନାଞ୍ଚଳ ଆଖପାଖ ଅଞ୍ଚଳରେ ଚଢ଼ାଉ କାରିଚଳିଥିବା ବେଳେ ସୋମବାର ଦିନ ଜଣେ ମହିଳାଙ୍କ ସମେତ ଅନ୍ୟ ଦୁଇଜଣ ପୁରୁଷ ବେପାରୀଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୩୦ଟି ବଜ୍ରକାପ୍ତା କାତି, ୪ଟି ମୋବାଇଲ ଜବଦ କରାଯାଇଛି। ମହିଳାଜଣକ ଉକ୍ତ ଘଟଣାର କିଙ୍ଗପିନ୍ ବନବିଭାଗ କହୁଥିବା ବେଳେ ସରକାରୀ ଚାକିରିଆ, ମହିଳା ଏହି ଘଟଣାରେ ଗିରଫହେବା ପଛରେ ରାଜେନ୍ଦର ଗଭୀରତା କେତେ ତାହା ବିଚାର୍ଯ୍ୟ ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟିନହେବା ପାଇଁ ସମସ୍ତ ଅଭିଯୁକ୍ତଙ୍କ ନାମ ଏବଂ ଠିକଣା ଗୋପନ ରଖାଯାଇଥିବା ବନବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତ ଅଧିନ ରାଇକମା ସ୍ଥିତ ଅଗ୍ରଣୀ ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସୋମବାର ପୂର୍ବାହ୍ନରେ ଗ୍ରାମର ବାଲୁକେଶ୍ୱର ଶିବ ମନ୍ଦିରରେ ଛାତ୍ର ଛାତ୍ରୀ ମାନଙ୍କ ମଙ୍ଗଳ କାମନା ନିମନ୍ତେ ପ୍ରଭୁ ବାଲୁକେଶ୍ୱର ଙ୍କ ଠାରେ ୧୦୮ ବେଲ ପତ୍ର ଓ ପୁଷ୍ପ ଅର୍ପଣ କରାଯାଇ ପୂଜା ଅର୍ଚ୍ଚନା କରାଯାଇ ଥିଲା । ବିଦ୍ୟାଳୟ ର ଶିକ୍ଷକ ପଣ୍ଡିତ ପ୍ରଫୁଲ କୁମାର ମିଶ୍ର, ଶୁଭାଶିଷ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନା ପରେ ଛାତ୍ର ଛାତ୍ରୀ ମାନେ ପ୍ରଭୁ ଶ୍ରୀ ବାଲୁକେଶ୍ୱରଙ୍କ ଠାରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଅପରାହ୍ନ ରେ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ କୁମାର ମିଶ୍ର, ନିରଞ୍ଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ପ୍ରମୁଖ ମଂଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅପର ପକ୍ଷରେ ବିଦ୍ୟାଳୟ ର ଆଦର୍ଶ ଓ ଗୁରୁଙ୍କ ଆଶୀର୍ବାଦକୁ ପାଥେୟ କରି ନିଜ ଭବିଷ୍ୟତ ଗଢିବେ ବୋଲି ଛାତ୍ରଛାତ୍ରୀମାନେ ନିଜ ନିଜର ବିଦାୟ କାଳୀନ ବକ୍ତବ୍ୟରେ କହିଥିଲେ।ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ତରଫରୁ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ଓ ଉପହାର ପ୍ରଦାନ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ନବମ ଶ୍ରେଣୀ ଛାତ୍ର ଶ୍ରୀମାନ ହିମାଂଶୁ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଷ୍ଟମ ଶ୍ରେଣୀ ଛାତ୍ରୀ କ୍ରିଷ୍ଟା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନଗଣନା -୨୦୨୭ ସମ୍ବନ୍ଧରେ ପ୍ରାରମ୍ଭିକ ତାଲିମ ଓ ସମୀକ୍ଷା ବୈଠକ

ବାଲେଶ୍ୱର, (ସବ୍ୟୁ):ଜନଗଣନା-୨୦୨୭ ସମ୍ବନ୍ଧରେ ପ୍ରାରମ୍ଭିକ ତାଲିମ ଓ ସମୀକ୍ଷା ବୈଠକ ଗତ ୪ ଫେବୃଆରୀ ୨୦୨୬ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଯାଇଛି। ବୈଠକର ଅଧ୍ୟକ୍ଷତା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ କରିଥିଲେ। ସେ ଜିଲ୍ଲାର ନୋଡାଲ ଅଧିକାରୀ ମଧ୍ୟ।ଏହି ବୈଠକରେ ଉପଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଡେପୁଟି ଜିଲ୍ଲାପାଳ (ସାଧାରଣ ଓ ବିବିଧ), ସମସ୍ତ ପୌରପାଳିକା ଓ ଏନ୍ ଏ ସି ର କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ସହିତ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ବାଲେଶ୍ୱର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ତାଙ୍କ ପରାମର୍ଶକ୍ରମେ ଜିଲ୍ଲା ନୋଡାଲ୍ ଅଫିସର (ଜନଗଣନା) ଜନଗଣନା-୨୦୨୭ର ପରିଚୟ ଓ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ବିଷୟରେ ଏକ ବିସ୍ତୃତ ପାୱାରପଏଣ୍ଟ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ଉପସ୍ଥାପନାରେ ଜନଗଣନା-୨୦୨୭ର ଉଦ୍ଦେଶ୍ୟ, ଏହାର ଗୁରୁତ୍ୱ ଏବଂ ଜିଲ୍ଲା ଓ କ୍ଷେତ୍ରସ୍ତରରେ ଗ୍ରହଣୀୟ ବିଭିନ୍ନ ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ସବିସ୍ତାର ଆଲୋଚନା କରାଯାଇଥିଲା। ଉପସ୍ଥାପନା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ପ୍ରତ୍ୟେକ ସ୍ଲାଇଡ୍ ପରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶ୍ନ ପଚାରିବା ଓ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ସନ୍ଦେହ ଓ ପ୍ରଶ୍ନର ସନ୍ତୋଷଜନକ ସ୍ପଷ୍ଟୀକରଣ ଜିଲ୍ଲା ନୋଡାଲ୍ ଅଫିସର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶନାରେ ପ୍ରଦାନ କରିଥିଲେ। ବୈଠକରେ ଶ୍ରୀ ନାଏକ ସମୟାନୁବର୍ତ୍ତୀ ପ୍ରସ୍ତୁତି, ସମସ୍ତ ସଂପୃକ୍ତ ବିଭାଗମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଏବଂ ଜନଗଣନା ସମ୍ବନ୍ଧୀୟ ଦାୟିତ୍ୱ ପ୍ରତି ସମସ୍ତ ଅଧିକାରୀଙ୍କର ସଠିକ୍ ବୁଝାମଣା ଅତ୍ୟନ୍ତ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ।ପରିଶେଷରେ ଅଧ୍ୟକ୍ଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା।

## ଶଶୁର ଘର ଆଗରେ ବୋହୂର ଧାରଣା : ସ୍ତ୍ରୀକୁ ଛାଡ଼ି ଲୁଚୁଛି ସ୍ୱାମୀ

ଭଦ୍ରକ,(ସବ୍ୟୁ) :ଶଶୁର ଘର ଆଗରେ ବୋହୂର ଧାରଣା। ଥାନାରେ ମାମଲା। ୨୦୨୦ରେ ମିଠା ଲାଗୁଥିଲା ଚୋରା ପିରତି ହେଲେ ପୁରୁଣା ହେବା ପରେ ସେହି ପ୍ରେମ ଏବେ ପିତା ଲଗୁଛି। ଚାନ୍ଦବାଲି ସହରାଂଚଳ ବାଲିଗାଁ ଗୋଲାଡ଼ିଆ ଅଂଚଳର ସେକ୍ ସେରୁଙ୍କ ପୁଅ ସେକ୍ ଆବାସ୍‌ର ଘର ପାଖ ଏକ ଝିଅ ତଥା ସେକ୍ ବସିର୍‌ଙ୍କ ଝିଅ ରେସ୍ମା ଖାତୁନ୍ ସହିତ ଗଢ଼ି ଉଠିଥିଲା। ପ୍ରେମ ସମ୍ପର୍କ ଉଭୟ ୨୦୨୦ମସିହାରେରେ କୋର୍ଟ ମ୍ୟାରେଜ କରି ରାଜ୍ୟ ବାହାରେ ରହୁଥିଲେ। ଏବେ କିଛି ବର୍ଷ ପୁରୁଣା ହେବା ପରେ ସେହି ପ୍ରେମ ପିତା ଲାଗିବାରୁ,ଅବାସ୍ ରେଷ୍ମାକୁ ଛାଡ଼ି ଦେଇ ଘରେ ଲୁଚିଛି। ସ୍ତ୍ରୀ ଶଶୁର ଘର ସାମ୍ନାରେ ସ୍ୱାମୀ ଅପେକ୍ଷାରେ ବସିଛି। ଅନ୍ୟ ପକ୍ଷେ ଝିଅର ବାପାମାଆ ଚାନ୍ଦବାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଏବଂ ଯୌତୁକ ଦାବୀକରି ଝିଅକୁ ଛାଡ଼ି ଦେଇଥିବା ଅଭିଯୋଗ ଆଣିଛନ୍ତି।

## ଦାୱେତେ ଇସଲାମୀ ଇଣ୍ଡିଆର ଦସ୍ତାରବନ୍ଦୀ

ଭଦ୍ରକ,(ସବ୍ୟୁ) :ଦାୱେତେ ଇସଲାମୀ ପକ୍ଷରୁ ପୁରୁଣାବଜାର ସ୍ଥିତ ମଦିନା ମଇଦାନ ଠାରେ ସନ୍ଧ୍ୟା ୭ଟାରେ ଦସ୍ତାରବନ୍ଦୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଦସ୍ତାରବନ୍ଦୀ ଉତ୍ସବରେ ଜନାବ ସବବୀର ଅନ୍ସାରିଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଜନାବ ନଦିମ ଅନ୍ସାରି ଓ ଜନାବ ଫଜୁର ଅନ୍ସାରିଙ୍କ ସହଯୋଗରେ ଆରମ୍ଭ ହୋଇଥିଲା ଓ ଦାୱେତେ ଇସଲାମୀ ଇଣ୍ଡିଆ ଭଦ୍ରକ ଜୋନରେ ୩ଶାଖା ମଦରସାରେ ସାନରୁ ବଡ଼ ପିଲା ପର୍ଯ୍ୟନ୍ତ କୋରାନ ପାଠ ଶିକ୍ଷା ଦିଆଯାଏ। ଏହି ୩ଜୋନରେ କୋରାନ ପାଠକୁ ସମାପ୍ତ କରିଥିବା ୨୭ଜଣ ଛାତ୍ର କୃତିତ୍ୱ ହୋଇଥିବାରୁ ମଦିନା ମଇଦାନ ପ୍ରାଣଙ୍ଗନରେ ପ୍ରମାଣପତ୍ର,ଟ୍ରଫି ଓ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା । ଏହି ଦାୱେତେ ଇସଲାମୀ ମଦରସାରେ ୩ଶିକ୍ଷକ କାରୀ ରାଶିଦ,କାରୀ ସାହିଦ ଓ କାରୀ ଅବଦେ ମୁସ୍ତାଫା ଶିକ୍ଷାଦାନରେ ନିଯୁକ୍ତି ହୋଇ ଛାତ୍ର ମାନଙ୍କୁ ଶିକ୍ଷା ଦେଇଥାନ୍ତି। ଏହି ଦସ୍ତାରବନ୍ଦୀ ଉତ୍ସବରେ କବି ଓ ପଣ୍ଡିତମାନେ ଛାତ୍ର ସହିତ ଛାତ୍ରଙ୍କ ଅବିଭାବକ ମାନଙ୍କୁ କୋରାନ ପାଠ,ନମାଜ ପାଠ ଏବଂ ବିଭିନ୍ନ ପ୍ରକାର ପାଠ ଆଲୋଚନାରେ ଆଲୋକପାତ କରିଥିଲେ। ଏହି ଦସ୍ତାରବନ୍ଦୀ ଉତ୍ସବରେ ଲଙ୍ଗର (ପ୍ରସାଦ) ବଣ୍ଟନ କରାଯାଇଥିଲା। ଏହି ଦସ୍ତାରବନ୍ଦୀରେ ଦାୱେତେ ଇସଲାମୀ ଇଣ୍ଡିଆର ଭଦ୍ରକ ଶାଖା ସଭାପତି ଶେଖ ଜାବିର,ସଭ୍ୟ ହାଜୀ ଆସିକୁର ରହେମାନ,ଶେଖ ଜୁନେଦ ଅନ୍ସାରି,ଅବଦୁଲ ଦୟାନ,ଶେଖ ଅନସାର,ସାହିଦ ଖାନ,ଶେଖ ପପ୍ପୁ,ବବଲୁ ଖାନ ଓ ଶେଖ ଇରଫାନ ପ୍ରମୁଖ ପରିଚାଳନା କରିଥିଲେ।

## ବେତନଟୀ କଲେଜ ମନୋବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ମହାବିଦ୍ୟାଳୟ (କଲେଜ)ରେ ମନୋବିଜ୍ଞାନ ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ଅଧକ୍ଷ ମନୋରଞ୍ଜନ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ବିଭାଗୀୟ ଅଧ୍ୟାପକ ସନ୍ଦୀପ ଡୁଙ୍ଗଡୁଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଭାବରେ ସୌରଭ ଦାଶ ସିଭିଲ ସର୍ଭେଣ୍ଟ ବିଷୟ ବିଶେଷଜ୍ଞ ତଥା ମୁଖ୍ୟ ବକ୍ତା, ସନ୍ତୋଷ କୁମାର ମହାପାତ୍ର ପୂର୍ବତନ ମନୋବିଜ୍ଞାନ ମୁଖ୍ୟ ତଥା ପ୍ରତିଷ୍ଠାତା ମୁଖ୍ୟ ଅତିଥି ରୂପେ ମଞ୍ଚାସୀନ ଥିଲାବେଳେ ବିଭାଗୀୟ ମୁଖ୍ୟା କଲ୍ପଲତା ବେହେରା, ଅଧ୍ୟାପିକା ସ୍ୱାଗତିକା ଖିଲ୍ଲାର ,ଅଧ୍ୟାପକ ସନ୍ଦୀପ ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ। ବିଷୟ ବିଶେଷଜ୍ଞ ଶ୍ରୀମାନ ଦାଶ ପ୍ରଭାବୀ ନେତୃତ୍ୱ ପାଇଁ ଭାବନାତ୍ମକ ବୁଦ୍ଧିମତ୍ତାର ଉପଯୋଗ କରିବା ବିଷୟ ଉପରେ ବାକ୍ତବ୍ୟ ରଖିଥିଲେ। ସେହିପରି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାପାତ୍ର, ଆଧ୍ୟାତ୍ମିକ ବୁଦ୍ଧିମତ୍ତା ଓ ଏହାର ପ୍ରଭାବ ଆଜିକାଲିର ଛାତ୍ରଛାତ୍ରୀଙ୍କୁ ଏକ କୁଶଳୀ ନେତୃତ୍ୱ ନେବାର ଭୂମିକା ଏବଂ କ୍ୟାରିଅର ଉପରେ ଆଲୋକପାତ କରିଥିଲେ। ବିଭାଗର ଛାତ୍ରଛାତ୍ରୀ ମାନେ ଆଲୋଚନା ଚକ୍ରରେ ପ୍ରଶ୍ନ ଉତ୍ତରରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟା କଲ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଧୂଣ୍ଡିପାଲି ଖେଳରେ ଚଢ଼ାଉ, ଦୁଇ ଗିରଫ

କରଞ୍ଜିଆ, (ସବ୍ୟୁ) :କରଞ୍ଜିଆ ଠାରୁ ୩ କିମି କୁଡୁମା ଗ୍ରାମରେ କ୍ରୀଡା ଉତ୍ସବ ପାଳନ ହେଉଥିବା ସମୟରେ ଜୁଆ ଖେଳ (ଧୂଣ୍ଡି ପାଲି )ହେଉଥିବା ଅଭିଯୋଗ ରେ କରଞ୍ଜିଆ ପୁଲିସ ଅତର୍କିତ ଚଢ଼ାଉ କରି ଦୁଇ ଜୁଆଡ଼ି ଆୟୋଜନକାରୀଙ୍କୁ ଗିରଫ କରିଛନ୍ତି ।କରଞ୍ଜିଆ ଥାନା ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ ଙ୍କ ନିର୍ଦ୍ଦେଶରେ ଏ. ଏସ. ଆଇ. ସାଲଖାନ ହେମ୍ବ୍ରମ କୁଡୁମା ଗ୍ରାମରେ ଚଢ଼ାଉ କରିଥିଲେ ।ଏହି ସମୟରେ ଭାବଗ୍ରାହୀ ନାୟକ ଓ ଚନ୍ଦନ ଦେହୁରୀ କ୍ରୀଡା ଉତ୍ସବ ପଡିଆରେ ଧୂଣ୍ଡି ପାଲି ଖେଳ କରାଉଥିଲେ । ପୋଲିସ ସେମାନଙ୍କ ଠାରୁ ୧୭୮୦ ଟଙ୍କା, ଧୂଣ୍ଡିପାଲି ଡାଲା, ଗୋଟି, ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ ।

## ସହରରେ ପ୍ରଚଣ୍ଡ ଶବ୍ଦ, ଲୋକେ ଆତଙ୍କିତ

କରଞ୍ଜିଆ, (ସବ୍ୟୁ): ସୋମବାର ମଧ୍ୟାହ୍ନରେ ଅଚାନକ ଏକ ପ୍ରଚଣ୍ଡ ଶବ୍ଦ ଶୁଣି ଲୋକମାନେ ଆତଙ୍କିତ ହୋଇପଡିଛନ୍ତି ।ଶବ୍ଦଟି କେଉଁଠୁ ଆସିଲା, କିପରି ହେଲା ତାକୁ କେହି କହିପାରୁ ନାହାନ୍ତି । ଶବ୍ଦଟି ଏତେ ଜୋରରେ ହେଲାଯେ, କିଛି ଲୋକ ସେମାନଙ୍କ କାଚ ଝରକା ଦହଲି ଯାଇଥିବାର ପ୍ରକାଶ କରିଛନ୍ତି କିଛି ବର୍ଷ ଆଗରୁ ଏଭଳି ପ୍ରଚଣ୍ଡ ଶବ୍ଦ ଲୋକମାନେ ଶୁଣିଥିଲେ, ତାହା ଜଣେ ଠିକାଦାର ବେଆଇନ ଭାବେ ପଥର ଭାଙ୍ଗିବାର ଜଣାପଡୁଛି।

## ବନ ବିଭାଗର ସଚେତନତା ଶୋଭାଯାତ୍ରା

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚମ୍ପାଝରେ ସେକ୍ସନର ସୁଦର୍ଶନପୁର ଗ୍ରାମରେ ବନ ବିଭାଗ ପକ୍ଷରୁ ସଚେତନତା ଓ ପଦଯାତ୍ରା ଆୟୋଜିତ ହୋଇଯାଇଛି ।ଗତ ରବିବାର ଗ୍ରାମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା ଓ ଶୋଭାଯାତ୍ରାରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ସମେତ ସମସ୍ତ ବନ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ସମେତ ଜୀବ ଜନ୍ତୁଙ୍କ ସୁରକ୍ଷା, ନିୟମିତ ଜଙ୍ଗଲ ସୁରକ୍ଷା ପାଇଁ ଆଲୋଚନା କରାଯାଇଥିଲା । ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ବନ ସୁରକ୍ଷା ସମିତି ଗଠନ କରାଯାଇ ୧୫ ଜଣିଆ ପରିଚାଳନା କମିଟି ଗଠନ କରାଯାଇଥିଲା। ଲବ କିଶୋର ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବନରକ୍ଷୀ ମନୋଜ କୁମାର ବେହେରା ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ ।

## ଗୋଟିଏ ରାତିରେ ୬ ଗ୍ୟାସ ସିଲିଣ୍ଡର ଚୋରି

ଆଗରପଡ଼ା,(ସବ୍ୟୁ): ଗୋଟିଏ ରାତିରେ ୬ଟି ଗ୍ୟାସ୍ ସିଲିଣ୍ଡର୍ ଚୋରି। ବନ୍ତ ଥାନା ଅନ୍ତର୍ଗତ ଚଣ୍ଡୀପୁର ଗ୍ରାମର ମାଧବ ଚନ୍ଦ୍ର ମହାକୁଡ଼,ବଟକୃଷ୍ଣ ଦାସ,ସନାତନ ଜେନା,କାଳନ୍ଦୀ ଚରଣ ଜେନାଙ୍କ ତରାପୁରସ୍ଥିତ ଘର ଭିତରୁ ୬ଟି ଗ୍ୟାସ୍ ସିଲିଣ୍ଡରକୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ବନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବନ୍ତ ପୋଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ କ୍ରମାଗତ ଭାବେ ଅଂଚଳରେ ଗ୍ୟାସ୍ ସିଲିଣ୍ଡର୍ ଚୋରି ରାକେଟଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିବାବେଳେ ପୋଲିସ୍ ପେଟ୍ରୋଲିଂ କଡ଼ାକଡ଼ି କରିବା ସହ ଚୋର ମାନଙ୍କୁ ତୁରନ୍ତ ଠାବ କରି ଗିରଫ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ଦାବୀ ହୋଇଛି।

## ଚୋର ନେଇଗଲେ ଝିଅ ବାହାଘରର ସୁନା

ଭଦ୍ରକ,(ସବ୍ୟୁ)ଝିଅ ବାହାଘର ପାଇଁ କିଣିଥିଲେ ଟଙ୍କା ଓ ରଖିଥିଲେ ନଗଦ ଟଙ୍କା। ଦେହ ଖରାପ ହେବାରୁ ମେଡିକାଲ ଯାଇଥିବାବେଳେ ଝରକା ତାଡି ନେଇଗଲେ ସୁନା,ଗହଣା ଓ ଟଙ୍କା। ଭଦ୍ରକ ସହରାଂଚଳ ଥାନା ଅଧୀନ ମଠସାହି ସରସ୍ୱତୀ ବିହାର କଲୋନୀରୁ ଲୁଟ ହୋଇଛି। କଲୋନୀର ଗୌରହରି ସାହୁଙ୍କ ସ୍ତ୍ରୀ ବିନୋଦିନୀଙ୍କ ଦେହ ଖରାପ ହେବାରୁ ସେ ବାଲେଶ୍ୱର ଯାଇଥିଲେ। ତେବେ ଗୌରହରି ସାହୁ ଅନ୍ୟ ରୁମରେ ଶୋଇଥିବାବେଳେ ଲୁଟେରା ମାନେ ଝରକା ଭାଙ୍ଗି ଭିତରେ ପଶିଥିଲେ। ଗୋଡ୍ରେଜ ଭାଙ୍ଗି ଝିଅ ବାହାଘର ପାଇଁ କିଣା ଯାଇଥିବା ୧୫ଭରି ସୁନା ଗହଣା ଓ ରୂପା ସହ ୭୦ହଜାର ନଗଦ ଟଙ୍କା ଲୁଟି ନେଇଛନ୍ତି। ପୋଲିସର ସନ୍ଧାନି କୁକୁର ମଧ୍ୟ ଯାଂଚ କରିଛି। ତେବେ ଲୁଟେରାମାନେ ଅନ୍ୟ ଏକ ଘରର ଝରକା ଭାଙ୍ଗିଥିଲା ମଧ ଲୁଟରେ ସଫଳ ନହେବାରୁ ଏହି ଘରୁ ଲୁଟ କରିଛନ୍ତି।

## ସୁନା ଚେନ ଲୁଟ ଉଦ୍ୟମ ହାଣିଲେ ଦୁର୍ବୃତ୍ତ

ଭଦ୍ରକ,(ସବ୍ୟୁ):ଯାତ୍ରୀଙ୍କ ଠାରୁ ସୁନାଚେନ ଲୁଟ ଉଦ୍ୟମ ବେଳେ ପ୍ରତିବାଦ କରିବାରୁ ହାଣିଲେ ଦୁର୍ବୃତ୍ତ। ଏଭଳି ଘଟଣା ଘଟିଛି ଭଦ୍ରକ ବନ୍ତ ଛକରେ ବାଲେଶ୍ୱର ବସଷ୍ଟାଣ୍ଡରେ। ଜେଯାତୀରଞ୍ଜନ ପୃଷ୍ଟି ନାମକ ବ୍ୟକ୍ତି ଚାନ୍ଦବାଲି ନିଜ ଶଶୁର ଘରରୁ ଫେରୁଥିଲେ। ବନ୍ତ ଛକରେ ବସରେ ଯାଇ ଥାଆନ୍ତେ ବାରିପଦା ନିଜ ଘରକୁ। ବସ ବିଳମ୍ବ ଥିବାରୁ ଅପେକ୍ଷା କରିଥିଲେ ଏହି ସମୟରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରେ ଥିବା ସୁନା ଚେନ ଲୁଟ ଉଦ୍ୟମ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ଡାହାଣ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଉନ ପୋଲିସ ବନ୍ତ ଛକରେ ଦୋକାନ ମାନଙ୍କରେ ଲାଗିଥିବା ସିସିଟିଭି ଆଧାରରେ ଯାଂଚ ହେଉଛି। ସୁନା ଚେନଟି ଜାବୁଡ଼ି ଧରିଥିଲେ,ସୁନା ଚେନ ରକ୍ଷା ପାଇଥିଲା।

## ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରଥମ ପ୍ରସ୍ତୁତି ବୈଠକ

କେନ୍ଦୁଝର, (ସବ୍ୟୁ):ସ୍ଥାନୀୟ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଶିବ କୁମାର ରାଠୋରଙ୍କର ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ବେଲା ଓ ପୂର୍ବତନ ଶିକ୍ଷକ ସଞ୍ଜୟ କୁମାର ସାମଲ ଓ ୬୦ ରୁ ଉର୍ଦ୍ଧ ପୁରାତନ ଛାତ୍ର ଛାତ୍ରୀ ମାନେ ଯୋଗ ଜୟନ୍ତୀପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସ୍କୁଲର ୫୦ ତମ ପ୍ରତିଷ୍ଠା ଦିବସକୁ ଡିସେମ୍ବର ମାସରେ ସୁବର୍ଣ୍ଣ ଜୟନ୍ତୀ ରୂପେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଛି । ପ୍ରତି ମାସରେ ଗୋଟିଏ ଲେଖାଏ ସେମିନାର ଓ କାର୍ଯ୍ୟକ୍ରମ କରି ଜୟନ୍ତୀକୁ ସଫଳ କରିବାକୁ ସମସ୍ତେ ମତ ବ୍ୟକ୍ତ କରିଛନ୍ତି । ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ଏକାଠି କରି ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ନେଇ ଏକ ଆଦର୍ଶ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ମତ ପ୍ରକାଶ ପାଇଥିଲା । ପୁରାତନ ଛାତ୍ର ରାଜିବ ଆଚାର୍ଯ୍ୟ , ଭାଗିରଥି ସାହୁ , ବିନୟ ଭୂଷଣ ପଟ୍ଟନାୟକ, ରଶ୍ମି ରଞ୍ଜନ ମହାନ୍ତି , ପୁରୁଷୋତମ ବେହେରା , ଅନନ୍ତ ନନ୍ଦ , ସୁନେସ ଧିର , ସୁଜିତ ମହାନ୍ତି , ସତ୍ୟ ସାହୁ, ରଞ୍ଜନ ସାହୁ , ପ୍ରତିଭା ପୃଷ୍ଟି , ଲିମା ମହାନ୍ତି , ସୁନିତା ଦାସ , ରଶ୍ମୀ ରାଣା , ମାମୀ ଦାସ , ଆଦି ୧୯ ଟି ବ୍ୟାଚର ଛାତ୍ରଛାତ୍ରୀମାନେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଅତୀତର ସ୍ମୃତି ଓ ଅନୁଭୂତି କୁ ନେଇ ଏକ ସୋଭେନର ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା , ସର୍ବ ସମ୍ମତିରେ କ୍ରମେ ମାର୍ଚ୍ଚ ମାସର ୧୪ -୧୫ ତାରିଖ ରେ ଏକ ସେମିନାର କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଶେଷରେ ପୁରାତନ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉତ୍ସାହର ସହ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଶପଥ ନେଇଥିଲେ ।

## ଜଳିଗଲା କଳା ପଲସର ଅଳ୍ପକେ ବର୍ତ୍ତିଲେ ବାପ-ପୁଅ

ବାସୁଦେବପୁର,(ସବ୍ୟୁ)ରାସ୍ତା ଘାଟରେ ଇଭି ବାଇକ ଜଳି ଯିବାର ଦେଖିବାକୁ ମିଳିଥିଲା। ହେଲେ ଏବେ ଜଳିଗଲା କଳା ପଲସର। ଅଳ୍ପକେ ବର୍ତ୍ତିଗଲେ ବାପ ପୁଆ କିଛି ଜାଣିବା ଆଗରୁ ଆଖି ଆଗରେ ଜଳିଗଲା ପଲସର ବାଇକ। ଏମିତି ଘଟଣା ଘଟିଛି ବାସୁଦେବପୁର ପୌରପାଳିକାର ଗୋପାଳପୁର ମୁନିପଦା ଛକରେ। ବାସୁଦେବପୁର ପୌରପାଳିକାର ରାଧାନାଥପୁର ଆଡିଆ ଯୁବରାଜ ମାଇତି ପୁଅ ରଣଜିତ ମାଇତି କଳା ପଲସର ବାଇକରେ ଯାଉଥିଲେ। ଗୋପାଳପୁର ମୁନିପଦା ଛକରେ ଏକ ଦୋକାନରୁ ଖୁଚୁରା ପେଟ୍ରୋଲ ପକାଇ ଥିଲେ। ବାଇକରେ ବସି ସେଲ୍ଫ ଷ୍ଟାର୍ଟ ମାରୁଥିବା ବେଳେ ହଠାତ ବାଇକରେ ନିଆଁ ଲାଗିଗଲା। ବାଇକରୁ ଡେଇଁ ପଡି ଅଳ୍ପକେ ବାପ ଓ ପୁଅ ବର୍ତ୍ତିଗଲେ। ଆଖି ଆଗରେ ହୁ ହୁ ହୋଇ ପଲସର ଜଳିଗଲା। କାହିଁକି ନିଆଁ ଲାଗିଲା ଓ କେମିତି ନିଆଁ ଲାଗିଲା ସଠିକ କାରଣ ଜଣା ପଡିନାହିଁ। ବାଟରେ ବେଆଇନ ଭାବେ ପେଟ୍ରୋଲ ରଖିବାକୁ କିଏ ପରିମିସନ ଦେଇଥିଲା। ପୋଲିସ ଏହି ବାଟଦେଇ ଯାଉଥିଲେ ମଧ୍ୟ ରାସ୍ତା ପାଖରେ କାହିଁକି ବିକ୍ରିକୁ ବନ୍ଦ କରାଗଲା ନାହିଁ। ପେଟ୍ରୋଲ କିଛି ଅପମିଶ୍ରିତ ହୋଇଥିଲା କି। ଘଟଣାର ତଦନ୍ତ କଲେ ଦୁର୍ଘଟଣାର କାରଣ ଜଣାପଡିବ।

## ତିହିଡି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସମ୍ବର୍ଦ୍ଧନା ପର୍ବ



ତିହିଡି,(ସବ୍ୟୁ) : ତିହିଡି ମହୋତ୍ସବର ପ୍ରଥମ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନିଜ ମାଟି ପାଇଁ ଉତ୍ସର୍ଗୀକୃତ ରହିବା ସହ ପୂଜ୍ୟପୂଜା ଓ ଆମ ସଂସ୍କୃତିକୁ ଉଜ୍ଜିବୀତ କରି ରଖିବା ପ୍ରାତ୍ୟକ ନାଗରିକର ଦାୟିତ୍ୱ ବୋଲି କହିଥିଲେ । ସେହିପରି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ତିହିଡି ମାଟି ଅନେକ କବି, ରାଜନେତା, ସଙ୍ଗୀତକାର ଓ ବୁଦ୍ଧିଜୀବୀଙ୍କୁ ଜନ୍ମ ଦେଇଛି ବୋଲି କହିଥିଲେ । ମହୋତ୍ସବ କମିଟିର ସଭାପତି ସୋମନାଥ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଯୋଗଦେଇ ତିହିଡି ମହୋତ୍ସବ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମତପ୍ରକାଶ କରିଥିଲେ । ଡ.ଲକ୍ଷ୍ମୀଧର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ବରିଷ୍ଠ ରାଜନେତା ତଥା ପ୍ରାକ୍ତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ, ସମାଜସେବୀ ଅଜୟ ନାୟକ, ଡାକ୍ତର ଶ୍ରୀକାନ୍ତ ବେହେରା, ଡାକ୍ତର ରଞ୍ଜିତ ଖଟୁଆ ଓ ଛାତ୍ରୀ ଲିପିପୁଷ୍ପା ଗୁଇଁଙ୍କ ସମେତ ବିଭିନ୍ନ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରଯାଇଥିଲା । ପରେ ସାଂସ୍କୃତିକ କାଯର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ।

## ଏଫଏମ୍ ବିଶ୍ୱବିଦ୍ୟାଳୟରେ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ଫକୀରମୋହନ(ଏଫଏମ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଯୌନ ଉତ୍ପୀଡନ ନିବାରଣ, ପ୍ରତିଷେଧ ଓ ପ୍ରତିକାର ସମ୍ପର୍କିତ ନିୟମାବଳୀ ଏବଂ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ ନିବାରଣ ଆଇନ ଉପରେ ବିଭାଗଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳ ୯ ରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଉଭୟ ପରିସରରେ ଆରମ୍ଭ ହୋଇଯାଇଛି।ଏହି କାଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ଆୟୋଜିତ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା କୁଳସଚିବ କୁକୁମୀନା ଦାସ ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସକ୍ରିୟ ସହଯୋଗରେ ହେଉଅଛି। ଏହି ପଦକ୍ଷେପର ସମନ୍ୱୟକ ଭାବେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ର ଅଧ୍ୟକ୍ଷା ପ୍ରଫେସର ପଦ୍ମଲିତା ରାଉତରାୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଅବସରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ପ୍ରଫେସର ପଦ୍ମଲିତା ରାଉତରାୟ କହିଥିଲେ,ଏହି ବିଭାଗଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ କେବଳ ଆଇନ ସମ୍ପର୍କିତ ସୂଚନା ପ୍ରସାର ନୁହେଁ, ବରଂ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଯେକୌଣସି ପ୍ରକାରର ଅନୁଚିତ ବ୍ୟବହାର ବିରୋଧରେ ନିର୍ଭୟ ଭାବେ ସ୍ୱର ଉଠାଇବାକୁ ସଶକ୍ତ କରିବା। ଏକ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ସହ ଏହି ସଚେତନତା ଶୃଙ୍ଖଳ ଆରମ୍ଭ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା ଯୌନ ଉତ୍ପୀଡନ, ଲିଙ୍ଗ ସମ୍ବେଦନଶୀଳତା ଓ ନୀତିଗତ ଆଚରଣ ସମ୍ପର୍କରେ ସଚେତନତା ସୃଷ୍ଟି , ସମ୍ପର୍କିତ ନିୟମାବଳୀ ଓ ଆଇନର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା । ଏହି ପଦକ୍ଷେପ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏକ ସୁରକ୍ଷିତ, ସମତାମୂଳକ ଓ ଲିଙ୍ଗ-ସମ୍ବେଦନଶୀଳ ଶିକ୍ଷା ପରିବେଶ ଗଠନ ଦିଗରେ ନିଜର ପ୍ରୟାସ ଓ ସଙ୍କଳ୍ପକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ପ୍ରଦାନ କରିପାରିବାରେ ସକ୍ଷମ ହୋଇପାରିବା ନେଇ ଆଶାବ୍ୟକ୍ତ କରାଯାଇଛି।

## ଆନନ୍ଦପୁର ପ୍ରେସ ପରିଷଦର ବାର୍ଷିକ ଉତ୍ସବ



ଆନନ୍ଦପୁର , (ସବ୍ୟୁ): ଆନନ୍ଦପୁର ପ୍ରେସ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ବ୍ରିଜଛକ ପୌର କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ନିରାକାର ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଫେସର ଗଦାଧର ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ମନୋରଂଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ପୂର୍ବତନ ପୌରାଧକ୍ଷ ରାମଚନ୍ଦ୍ର ସାହୁ, କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘ ସଭାପତି ମନୋଜ ଦାଶ, ସମ୍ପାଦକ ରାଜକିଶୋର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ପରମେଶର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସାମ୍ବାଦିକ କିରଣ ପାଢ଼ୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ହରେକୃଷ୍ଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ନିଶାମୁକ୍ତ ସମାଜ ଓ ସବୁଜ ପୃଥିବୀ ନିର୍ମାଣରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା ହୋଇଥିଲା। ଚାହିଁଲେ ସବୁ କିଛି ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଖବରକାଗଜ ବିତରକ ବନମାଳୀ ସାହୁ, ପ୍ରେମାନନ୍ଦ ମହାନ୍ତିଙ୍କ ସମେତ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯିବା ସହ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାମ୍ବାଦିକ ଶତ୍ରୁଘ୍ନ ସାହୁ, ସମାଜସେବୀ ପର୍ଶୁରାମ ପେଡା, ଅଭୟ ମହାପାତ୍ର, ଶ୍ରୀଧର ଦଳେଇ, ରବିନାରାୟଣ ହୋତା, ଦେବ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ରଣା, ସନତ କର, ପ୍ରସନ୍ନ ମିଶ୍ର, ରଞ୍ଜିତା ସାହୁ, ସାମ୍ବାଦିକ ରତିକାନ୍ତ ସାହୁ, ବିଣାପାଣି ନୃତ୍ୟାନୁଷ୍ଠାନ, ହାଟଡିହିର ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାମ୍ବାଦିକ ସତ୍ୟରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ ।

**(ଶ୍ରୀମଭଗବଦ୍ ଗୀତା ୨/୩୨)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।**
**ସୁଖଇନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ।। ୩୨ ।।**

(କିଂ ଚ ମହତି ଶ୍ରେୟସି ସ୍ୱୟମେବୋପସ୍ଥିତେ ସତି କୁତୋ ବିକମ୍ପଃ ଇତ୍ୟାହ)–ହେ ପାର୍ଥ ! ଯଦୃଚ୍ଛୟା (ଅପାର୍ଥିମେବ) ଉପପନ୍ନଂ (ପ୍ରାପ୍ତଂ) ଅପାବୃତଂ (ଅପଗତଂ ଆବୃତଂ ପ୍ରତିବନ୍ଧକଂ ଯସ୍ମାତ୍ ତତ୍) ମୁକ୍ତଂ ସ୍ୱର୍ଗଦ୍ୱାରଂ ଇବ ଈଦୃଶଂ (ଏବଂଭୂତଂ) ଯୁଦ୍ଧଂ ସୁଖିନଃ (ସୁଭାଗ୍ୟାଃ) (ଏବ) କ୍ଷତ୍ରିୟାଃ ଲଭନ୍ତେ ।। ୩୨ ।।

# ଭାରତ-ମାଲେସିଆ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି

ଭାରତ ଓ ମାଲେସିଆ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହୋଇଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ବୈଦେଶିକ ନୀତି କେବଳ ଉନ୍ନତ ବୋଲି କୁହାଯାଇ ପାରିବ ନାହିଁ, ଭାରତକୁ ୨୦୪୭ରେ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖି ଯେପରି ଉଦ୍ୟମ ଜାରି ରଖିଛନ୍ତି, ତାହା ଅବଶ୍ୟ ପ୍ରଶଂସନୀୟ । ଉଭୟ ରାଷ୍ଟ୍ର ସୀମାପାରି ଆତଙ୍କବାଦ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହମତି ପ୍ରକାଶ କରିବା ହିଁ ବଡ଼ କଥା । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସହିତ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ ଉଭୟ ଏହି ଆତଙ୍କବାଦ ଉପରେ କୌଣସିମତେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସ୍ପଷ୍ଟ ଭାବେ ମିଳିତ ବିବୃତିରେ ପ୍ରକାଶ କରିଛନ୍ତି । ଏସିଆ ମହାଦେଶରେ ମାଲେସିଆ ଏକ ମୁସଲମାନ ଅଧ୍ୟୁଷିତ ଦେଶ । ସେଠାରେ ମୁସଲମାନ ନାଗରିକଙ୍କ ସଂଖ୍ୟା ୬୦ ଦଶମିକ ୪ ପ୍ରତିଶତ ଥିବାବେଳେ ବୌଦ୍ଧ ଧର୍ମାବଲମ୍ବୀଙ୍କ ସଂଖ୍ୟା ୧୯ ପ୍ରତିଶତ ୨ ବୋଲି ଜଣାପଡ଼ିଛି । ସେହିପରି ସେଠାରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସଂଖ୍ୟା ୯ ଦଶମିକ ୧ ପ୍ରତିଶତ ଥିଲାବେଳେ ହିନ୍ଦୁମାନଙ୍କ ସଂଖ୍ୟା ୬ ଦଶମିକ ୩ ପ୍ରତିଶତ । ଅନ୍ୟାନ୍ୟ ଧର୍ମାବଲମ୍ବୀ ମଧ୍ୟ ସେଠାରେ ଅଳ୍ପ ସଂଖ୍ୟାରେ ଅଛନ୍ତି । ସେଠାରେ ଭାଷା ହେଉଛି ମୁଖ୍ୟତଃ ମାଳୟ, ଇଂରାଜୀ, ଚାଇନିଜ ଓ ତାମିଲ । ୧୯୪୮ ମସିହାରେ ଇଂରେଜମାନଙ୍କ କବଳରୁ ମୁକ୍ତ ହୋଇ ମାଲେସିଆ ସ୍ୱାଧୀନତା ଲାଭ କରିଥିଲା । ସେଠାରେ ସାମ୍ବିଧାନିକ ମୁଖ୍ୟ ହେଉଛନ୍ତି ସମ୍ରାଟ ।

ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ସହିତ ମୋଦିଜୀଙ୍କ ନେତୃତ୍ୱରେ ଭାରତ ଯେ ସମ୍ପର୍କ ସ୍ଥାପନ କରିବାକୁ ଉଦ୍ୟମ କରୁଛି, ତାହା ହିଁ ଏକ ଶୁଭ ସୂଚନା । ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥିତ ମାଲେସିଆ ସହିତ ଭାରତର ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଅନେକ ଗୁରୁତ୍ୱ ବହନ କରୁଥିବା ପ୍ରତିରକ୍ଷା, ଶକ୍ତି, ଅତ୍ୟାଧୁନିକ ସେମି କଣ୍ଡକ୍ଟର ପ୍ରଭୃତି ବିଷୟ ଉପରେ ପୁଞ୍ଜି ବିନିଯୋଗ ଓ ବାଣିଜ୍ୟିକ କାରବାର ସମ୍ପର୍କରେ ଉଭୟ ଦେଶ ମଧ୍ୟରେ ଚୁକ୍ତି କରାଯାଇଛି । ସମୁଦାୟ ୧୧ ଗୋଟି ବିଷୟରେ ଚୁକ୍ତି ହୋଇ ପାରିଛି । ଉଭୟ ଦେଶର ମିଳିତ ସହଯୋଗରେ ଆତଙ୍କବାଦର ବିଲୋପ ସାଧନ କରାଯିବା ସହିତ ନିରପତ୍ତା ରକ୍ଷା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଗୋଇନ୍ଦା କ୍ଷେତ୍ରରେ ଉଭୟ ଦେଶ ପରସ୍ପରକୁ ସହଯୋଗ କରିବା ଏବଂ ସାମୁଦ୍ରିକ ନିରାପତ୍ତା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯିବ । କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହଭାଗିତା ନୀତିରେ ଉଭୟ ଦେଶ କାର୍ଯ୍ୟ କରିବେ । ସେମି କଣ୍ଡକ୍ଟର କ୍ଷେତ୍ର ସହିତ ସ୍ୱାସ୍ଥ୍ୟ ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଉଭୟ ଦେଶ ଏକତ୍ର କାମ କରିବେ ବୋଲି ମଧ୍ୟ ଚୁକ୍ତି ହୋଇଥିଲା । ମୁଖ୍ୟ କାର୍ଯ୍ୟକାରୀ ଅଫିସରଙ୍କ ମାଧ୍ୟମରେ ଏହି ସବୁ ଚୁକ୍ତି ସଂକ୍ରାନ୍ତୀୟ ଆଲୋଚନା ଉଭୟ ଦେଶର ବାଣିଜ୍ୟ ଓ ପୁଞ୍ଜି ନିବେଶ କ୍ଷେତ୍ରରେ ଏକ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପ୍ରକାଶ କରିଛନ୍ତି ।

**ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ସହିତ ମୋଦିଜୀଙ୍କ ନେତୃତ୍ୱରେ ଭାରତ ଯେ ସମ୍ପର୍କ ସ୍ଥାପନ କରିବାକୁ ଉଦ୍ୟମ କରୁଛି, ତାହା ହିଁ ଏକ ଶୁଭ ସୂଚନା । ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥିତ ମାଲେସିଆ ସହିତ ଭାରତର ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।**

ଉଭୟ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଏବେ ବିଶ୍ୱର ବିଭିନ୍ନ ଅନୁଷ୍ଠାନ ଜରିଆରେ ଶାନ୍ତି ପ୍ରତିଷ୍ଠା ଲାଗି ଉଦ୍ୟମ ଜାରି ରଖି ସାଂପ୍ରତିକ ଆହ୍ୱାନର ମୁକାବିଲା ମଧ୍ୟ କରିବେ । ଆତଙ୍କବାଦର ସମୂଳ ବିଲୋପ ସାଧନ ସହିତ ଉଭୟ ଦେଶ ମଧ୍ୟରେ ସୁସମ୍ପର୍କ ଜରିଆରେ ଉଭୟ ଦେଶ ସମୃଦ୍ଧି ପାଇଁ କାର୍ଯ୍ୟ କରିବେ ବୋଲି ଏହି ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି ।

ପ୍ରଧାନମନ୍ତ୍ରୀ ହେବା ପରେ ମୋଦିଜୀ ମାଲେସିଆ ସହିତ ସମ୍ପର୍କ ସ୍ଥାପନ କରି ଆସିଛନ୍ତି । ୨୦୧୫ , ୨୦୧୭ ଓ ୨୦୨୪ରେ ଉଭୟ ଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଶିଖର ସମ୍ମିଳନୀମାନଙ୍କରେ ଆତଙ୍କବାଦକୁ ବିରୋଧ କରାଯାଇଥିଲା । ଏଥର ମଧ୍ୟ ଉଭୟ ଦେଶ ସାମୀପାରି ଆତଙ୍କବାଦକୁ ବିଲୋପ କରିବା ପାଇଁ ବଦ୍ଧପରିକର ବୋଲି ମନେ ହେଉଛି । ମୁଖ୍ୟତଃ ପାକିସ୍ତାନ ଉଦ୍ଦେଶ୍ୟରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି । ନିଜ ରାଷ୍ଟ୍ରରେ ପାକିସ୍ତାନ ଦୁର୍ଦ୍ଦଶା ମଧ୍ୟରେ ଥିଲେ ମଧ୍ୟ ଆତଙ୍କବାଦକୁ ଯେପରି ପ୍ରଶ୍ରୟ ଦେଇ ଆସିଛି, ସେପରି ହୀନ ଉଦ୍ୟମରୁ ପାକିସ୍ତାନ ନିଜେ ଓହରି ଆସିବା ବୁଦ୍ଧିମାନର କାମ ହେବ । ନଚେତ ପାକିସ୍ତାନ ତାହାର ସତ୍ତା ହରାଇବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଭ୍ରମ ସଂଶୋଧନ

ତା ୦୯/୦୨/୨୦୨୬ (ସୋମବାର) ସମୟରେ ପ୍ରକାଶିତ ସମ୍ପାଦକୀୟରେ 'ଓଡ଼ିଶାର ସମସ୍ତ ୩୦ ଗୋଟି ଜିଲ୍ଲା' ପରିବର୍ତ୍ତେ ଓଡ଼ିଶାର ସମସ୍ତ ୩୦ କୋଟି ଜିଲ୍ଲା ବୋଲି ପ୍ରକାଶ ପାଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

(ମୁଖ୍ୟ ସମ୍ପାଦକ)

# ଭାରତର ମୁକ୍ତି ସଂଗ୍ରାମରେ ଉତ୍କଳର ନାରୀଶକ୍ତି



ପ୍ରହଲାଦ କୁମାର ସିଂହ

ସ୍ୱାଧୀନୋତ୍ତର ଭାରତ ବର୍ଷରେ ମହିଳାମାନେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟର ବିଚାରପତି,ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ପ୍ରଶାସିକା, ବୈଜ୍ଞାନିକ, ସାମ୍ବାଦିକ ଆଦି ବିଭିନ୍ନ ପଦପଦବୀ ମଣ୍ଡନ କରିଛନ୍ତି । କିନ୍ତୁ ସ୍ୱାଧୀନତା ଆନ୍ଦୋଳନ କାଳରେ ପରିସ୍ଥିତି ଭିନ୍ନ ଥିଲା । ବିଚାରପତି ହେବା ତ ଦୂରର କଥା ମହିଳାମାନଙ୍କୁ ଓକିଲାତି କରିବା ପାଇଁ ଲାଇସେନ୍ସ ମିଳୁନଥିଲା । ପରଦା ଆଢୁଆଳରେ ମହିଳାମାନଙ୍କୁ ରଖାଯାଉଥିବା ବେଳେ ବାଲ୍ୟ ବିବାହ ପ୍ରଥା ବସ୍ତୁତଃ ବାଲ୍ୟ ବିଧବା ତିଆରି କାରଖାନାରେ ପରିଣତ ହୋଇଥିଲା । ଏମିତିକି ଖୁବ୍ କ୍ୱଚିତ୍ ଝିଅଙ୍କ ଭାଗ୍ୟରେ ଉଚ୍ଚଶିକ୍ଷାର ସୁଯୋଗ ଜୁଟୁଥିଲା । ଅନେକ ସମାଜ ସଂସ୍କାରକଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ ଏବଂ ସର୍ବୋପରି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ପାଇଁ ମାତୃଶକ୍ତିକୁ ମହାତ୍ମା ଗାନ୍ଧିଙ୍କ ନିବେଦନ ଫଳରେ ଦେଶରେ ଯେଉଁ ଅଭୂତପୂର୍ବ ଜାଗରଣ ଓ ଶିହରଣ ସୃଷ୍ଟି ହେଲା, ସେଥିରେ ଓଡ଼ିଶା ନାରୀ ସମାଜ ଆଗକୁ ବାହାରି ସେବା, ସଂଗ୍ରାମ ଓ ସାଧନାର ତ୍ରିବେଣୀ ସଙ୍ଗମ ସୃଷ୍ଟି କଲା ।

୧୯୨୧ ମାର୍ଚ୍ଚ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧିଙ୍କ ପ୍ରଥମ ଓଡ଼ିଶା ଗସ୍ତ ଅବସରରେ ଓଡ଼ିଶାର ନାରୀ ଜାଗରଣର ଇତିହାସ ନୂଆ ମୋଡ଼ ନେଲା । କାଠଯୋଡ଼ିର ବାଲୁକା ଶଯ୍ୟାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚ ଉପରେ ଅନ୍ୟମାନଙ୍କ ସହ ଉପସ୍ଥିତ ଥିଲେ କସ୍ତୁରବା । ଲୋକେ ଦେଖି ଆବାକାବା ହୋଇଗଲେ । ଗହଣା ଗାଣ୍ଠି କିଛି ନାହିଁ, ପୁଣି ଧଳା ଖଦି ଲୁଗା ଖଣ୍ଡେ ପିନ୍ଧି ସଭା ମଞ୍ଚରେ ନିରବ ସାଧିକା କସ୍ତୁରବାଙ୍କ ଉପସ୍ଥିତି ଖୁବ୍ ବଡ଼ ସନ୍ଦେଶ ଦେଲା । ଯଦି ମହାତ୍ମାଙ୍କ ପତ୍ନୀ କସ୍ତୁରବା ଦେଶ କାମ କରିବା ପାଇଁ ପରଦା ଫିଙ୍ଗି ଆଗକୁ ଆସିପାରୁଛନ୍ତି ତେବେ ସେମାନଙ୍କ ପରିବାରର ମହିଳାମାନେ କାହିଁକି ଏଭଳି କରିପାରିବେ ନାହିଁ ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠିଲା । ମହିଳାମାନେ ବି ମଞ୍ଚରେ କସ୍ତୁରବାଙ୍କୁ ଦେଖି ଉତ୍ସାହିତ ହେଲେ ।

**୧୯୨୧ ମାର୍ଚ୍ଚ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧିଙ୍କ ପ୍ରଥମ ଓଡ଼ିଶା ଗସ୍ତ ଅବସରରେ ଓଡ଼ିଶାର ନାରୀ ଜାଗରଣର ଇତିହାସ ନୂଆ ମୋଡ଼ ନେଲା । କାଠଯୋଡ଼ିର ବାଲୁକା ଶଯ୍ୟାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚ ଉପରେ ଅନ୍ୟମାନଙ୍କ ସହ ଉପସ୍ଥିତ ଥିଲେ କସ୍ତୁରବା । ଲୋକେ ଦେଖି ଆବାକାବା ହୋଇଗଲେ । ଗହଣା ଗାଣ୍ଠି କିଛି ନାହିଁ, ପୁଣି ଧଳା ଖଦି ଲୁଗା ଖଣ୍ଡେ ପିନ୍ଧି ସଭା ମଞ୍ଚରେ ନିରବ ସାଧିକା କସ୍ତୁରବାଙ୍କ ଉପସ୍ଥିତି ଖୁବ୍ ବଡ଼ ସନ୍ଦେଶ ଦେଲା । ଯଦି ମହାତ୍ମାଙ୍କ ପତ୍ନୀ କସ୍ତୁରବା ଦେଶ କାମ କରିବା ପାଇଁ ପରଦା ଫିଙ୍ଗି ଆଗକୁ ଆସିପାରୁଛନ୍ତି ତେବେ ସେମାନଙ୍କ ପରିବାରର ମହିଳାମାନେ କାହିଁକି ଏଭଳି କରିପାରିବେ ନାହିଁ ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଠିଲା ।**

ଏହି ଅବସରରେ କଟକର ବିନୋଦ ବିହାରୀଠାରେ ଅନୁଷ୍ଠିତ ଏକ ମହିଳା ସଭାରେ ବି ମହାତ୍ମା ଓ କସ୍ତୁରବା ଯୋଗ ଦେଲେ । ଏହି ସଭାରେ ପ୍ରାୟ ୪୦ ଜଣ ମହିଳା ଉପସ୍ଥିତ ଥିଲେ । ଏମାନଙ୍କ ମଧ୍ୟରେ କୁଳମଣି ସାନ୍ତ୍ରାଙ୍କ ଭଉଣୀ ହୈମବତୀ ଦେବୀ, ଫକୀରମୋହନ ସେନାପତିଙ୍କ ଝିଅ ସରୋଜିନୀ ଚୌଧୁରୀ, ଭାଗିରଥୀ ମହାପାତ୍ରଙ୍କ ପତ୍ନୀ ସରଳା ଦେବୀ, ଅଧ୍ୟାପକ ମୋହିନୀ ମୋହନ ସେନାପତିଙ୍କ ପତ୍ନୀ ହରିଣମୟୀ ଦେବୀ, ଗୋପବନ୍ଧୁ ଚୌଧୁରୀଙ୍କ ପତ୍ନୀ ରମାଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ସରଳା ଦେବୀ ଆଦି ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ । କେବଳ ସେତିକି ନୁହେଁ ୧୯୨୨ରେ ଗୟାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ବି ରମାଦେବୀଙ୍କ ସମେତ ଓଡ଼ିଶାର କିଛି ମହିଳା ପ୍ରତିନିଧି ଯୋଗ ଦେଲେ । ଏଠାରେ ଉଲ୍ଲେଖନୀୟ ଯେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ବେଳେ କଟକରେ ତାଙ୍କ ସଭାରେ ଯେଉଁ ଅଳ୍ପ କେତେଜଣ ମହିଳା ଯୋଗ ଦେଇଥିଲେ ସେମାନେ ବାଉଁଶ ପାଟିଆର ଚିକ ଆଢୁଆଳରେ ଓଢଣାଟାଣି ବସିଥିଲେ । ୧୯୨୪ରେ କଟକରେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ପ୍ରାଦେଶିକ କଂଗ୍ରେସ ସମ୍ମିଳନୀରେ ଦୁଇବର୍ଷ କାରାଦଣ୍ଡ ଭୋଗି ଫେରିଥିବା ଦାସେ ଆପଣଙ୍କୁ ସେ ଉତ୍କଳମଣି ଭାବେ ସମ୍ବୋଧନ କରିଥିଲେ । ଏହି ଅଧିବେଶନରେ ଉପସ୍ଥିତ ଥିବା ସରଳା ଦେବୀ ଚିକ ଆଢୁଆଳରୁ ବାହାରି ମଞ୍ଚ ଉପରକୁ ଯାଇ ଭାଷଣ ଦେବାର ପରାକ୍ରମ ଦେଖାଇଥିଲେ । ଜଣେ ମହିଳା ସାଧାରଣ ସଭାରେ ଭାଷଣ ଦେବା ଘଟଣା ସେତେବେଳେ ହଇଚଇ ସୃଷ୍ଟି କରିଥିଲା । ପରେ ଉତ୍କଳମଣି ସ୍ୱରାଜ ଆଶ୍ରମରେ ଅନ୍ୟ ଏକ ମହିଳା ସଭା ଡକାଇ ପରଦା ପ୍ରଥାର ଅପକାରିତା ସମ୍ପର୍କରେ ବୁଝାଇଥିଲେ ଓ ଏହି ସଭାରେ ହୈମବତୀ ଦେବୀ ଜାତୀୟ ଆନ୍ଦୋଳନ ଓ ସମାଜ ସଂସ୍କାରରେ ମହିଳାମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ମର୍ମସ୍ପର୍ଶୀ ବକ୍ତବ୍ୟ ରଖିଥିଲେ । ସେହିବର୍ଷ ସରଳା ଦେବୀଙ୍କ ଉଦ୍ୟମରେ ଗଞ୍ଜାମ ଜିଲ୍ଲାରେ ଅନ୍ୟ ଏକ ମହିଳା ସମ୍ମିଳନୀ ହୋଇଥିଲା ଯେଉଁଥିରେ ଈଶ୍ୱରୀମଣି ଦେବୀ, ସ୍ୱର୍ଣ୍ଣଲତା ଦେବୀ, ହୈମବତୀ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୨୫ରେ ବୋଲଗଡ଼ଠାରେ ସୁନାମଣି ଦେବୀଙ୍କ ଉଦ୍ୟମରେ ଅନୁଷ୍ଠିତ ମହିଳା ସମାବେଶ ମଧ୍ୟ ବେଶ୍ ସଫଳ ହୋଇଥିଲା। ଆଉ ପାଦେ ଆଗକୁ ଯାଇ ୧୯୨୬ରେ ପୁରୀରେ ଏକ ବିଧବା ଆଶ୍ରମ ଖୋଲିଲା ଯେଉଁଥିରେ ସୁନାମଣି ଦେବୀ, ଶ୍ରୀମତୀ ବିଦ୍ୟା, ଅନ୍ନପୂର୍ଣ୍ଣା ସାହୁ ଆଦି ପ୍ରମୁଖ ଭୂମିକା ଗ୍ରହଣ କଲେ ।

ଜାହ୍ନବୀ ଦେବୀ ୧୯୨୮-୨୯ ବେଳକୁ ବାଲେଶ୍ୱରରେ ନାରୀ ରକ୍ଷା ସମିତି ସ୍ଥାପନ କରି କେତେକ ଝିଅଙ୍କୁ ପତିତାଳୟରୁ ଉଦ୍ଧାର କରି ଥଇଥାନ କରିଥିଲେ । ୧୯୨୮ରେ ଅନୁଷ୍ଠିତ କଲିକତାର କଂଗ୍ରେସ ଅଧିବେଶନରେ ଓଡ଼ିଶାରୁ ଅନ୍ୟୁନ ୮ ଜଣ ମହିଳା ପ୍ରତିନିଧି ଯୋଗ ଦେଇଥିଲେ । ପରେ କରାଚୀ, ଲାହୋର, ଲକ୍ଷ୍ନୌ, ବମ୍ବେ ସମେତ ଦେଶର ଯେଉଁଠି କଂଗ୍ରେସ ଅଧିବେଶନ ହେଲା, ସେଥିରେ ଓଡ଼ିଶାର ମହିଳା ପ୍ରତିନିଧିମାନେ ଅଂଶଗ୍ରହଣ କଲେ । ଏମିତିକି କରାଚୀ ଅଧିବେଶନ ମଞ୍ଚରେ ସରଳା ଦେବୀ ବକ୍ତବ୍ୟ ରଖିଥିଲେ । ପରବର୍ତ୍ତୀ ସମୟରେ ମାଳତୀ ଚୌଧୁରୀଙ୍କ ଭଳି ନାରୀନେତ୍ରୀ ପ୍ରଦେଶ କଂଗ୍ରେସର ସଭାପତି ଓ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ହୋଇଥିଲେ । ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ୧୯୩୭ରେ ହୋଇଥିବା ପ୍ରଥମ ବିଧାନସଭା ନିର୍ବାଚନରେ ସରଳା ଦେବୀ ଓ ଏ.ଲକ୍ଷ୍ମୀବାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଓଡ଼ିଶାର ବହୁ ମହିଳା ସେବାଗ୍ରାମ ଆଶ୍ରମରେ ଗାନ୍ଧୀଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ୍ ବି ନେଇଥିଲେ।

ଓଡ଼ିଶାର ନାରୀ ସମାଜ ସେମାନଙ୍କ ଅସୀମ ଶକ୍ତି ପ୍ରଦର୍ଶନର ସୁଯୋଗ ପାଇଲେ ଲବଣ ସତ୍ୟାଗ୍ରହ ବେଳେ । ସରଳାଦେବୀ, ରମାଦେବୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ମାଳତୀ ଚୌଧୁରୀ, କିରଣବାଳା ସେନ୍ ଆଦି ଅବିଭକ୍ତ ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଲବଣ ସତ୍ୟାଗ୍ରହକୁ ବ୍ୟାପକ କରିଥିଲେ । ବ୍ରିଟିଶ୍ ଧମକକୁ ଖାତିର୍ ନ କରି କୁଜଙ୍ଗ ରାଣୀ ଏମାନଙ୍କ ସହ ମିଶି ଲୁଣ ମାରିଲେ । କେତେକ ସ୍ଥାନରେ ମହିଳାମାନେ ବି ପୁଲିସ ଅତ୍ୟାଚାରକୁ ସାମ୍ନା କଲେ । ଲବଣ ସତ୍ୟାଗ୍ରହରେ ଓଡ଼ିଆଣୀଙ୍କ ଭୂମିକା ଦେଖି ଗୀତ ବୋଲା ହେଲା, ଶୁଣି ଯେ ଡରାଇ ମେଘ ଘଡ଼ଘଡ଼ି/ବାହାରି ନଥିଲା ଘରୁ ଗୋଡ଼କାଡ଼ି/ସେହି ନାରୀ ଆଜି ସମୁଦ୍ରପନ୍ତାରେ ଲୁଣ ଲାଗି ଜାଳ ଭାଙ୍ଗୁଛି/ ଶୟନେ ସ୍ୱପନେ କିବା ଜାଗରଣେ ସେହି ଗାନ୍ଧି କଥା ଭାବୁଛି/ କିମନ୍ତର କଳା ସଭିଙ୍କୁ ଟାଣିଲା ବଡ଼ ଆଚମ୍ବିତ ଲାଗୁଛି । ସେତେବେଳେ ଜଞ୍ଜାଳୀ, ସୁନ୍ଦରମଣି, ବୀଣାପାଣି, ସୁନାମଣି, ରାଧିଙ୍କ ଭଳି ମହିଳାମାନେ ଲବଣ ସତ୍ୟାଗ୍ରହ ସହ ବିଦେଶୀ ବସ୍ତ୍ର ପୋଡ଼ି ଓ ମଦ ଦୋକାନ ଆଗରେ ଧାରଣା ଦେଇ ହଇଚଇ ସୃଷ୍ଟି କରିଥିଲେ । ଦେଶର ସ୍ୱାଧୀନତା ଆନ୍ଦୋଳନରେ କାରାବାସ ଭଳି ପବିତ୍ର ପ୍ରବାସର ସୁଯୋଗକୁ ମିଳିଥିଲା ଉତ୍କଳୀୟ ନାରୀଙ୍କୁ ଏହି ସମୟରେ । ଜେଲ୍‌ରୁ ମୁକୁଳିବା ପରେ ଓଡ଼ିଶାର ବୀରାଙ୍ଗନାମାନେ ଚାରିଆଡ଼େ ଖେଦିଗଲେ । ପୁରୀ, ସମ୍ବଲପୁର, କଟକ, ବାଲେଶ୍ୱର, ଗଞ୍ଜାମ ଆଦି ବିଭିନ୍ନ ସ୍ଥାନରେ ମହିଳା ସମ୍ମିଳନୀମାନ ଆୟୋଜିତ ହେଲା । ଉତ୍କଳଭାରତୀ ଡାକ୍ତର କୁନ୍ତଳା କୁମାରୀ ସାବତ ବାଲେଶ୍ୱର ସମ୍ମିଳନୀରେ ଅଧ୍ୟକ୍ଷତା କଲେ । ତାଙ୍କ ଅଗ୍ନିବର୍ଷୀ ଜାତୀୟ କାବ୍ୟ ଆହ୍ୱାନକୁ ବ୍ରିଟିଶ୍ ସରକାର ନିଷିଦ୍ଧ କରିଥିଲେ ମଧ୍ୟ ଲୋକେ ଉନ୍ମାଦନାର ସହ ଏହା ବୋଲିଲେ । ଜାହ୍ନବୀ ଦେବୀ ଏହି ସମ୍ମିଳନୀର ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷା ଥିଲେ । କୋକିଳ ଦେବୀ ବାଲେଶ୍ୱର ଜିଲ୍ଲା ସାରା ଗସ୍ତ କରିଥିଲେ । ପୁରୀରେ ୧୯୩୨ରେ ଜାତୀୟ କଂଗ୍ରେସ ଅଧିବେଶନ ପାଇଁ ପ୍ରସ୍ତାବ ଥିବା ବେଳେ ବହୁ ମହିଳା ସ୍ୱେଚ୍ଛାସେବୀ ପ୍ରସ୍ତୁତି ପର୍ବରେ ସାମିଲ ହୋଇଥିଲେ । ଏମିତିକି ପୁରୀରେ ଅନୁଷ୍ଠିତ ସ୍ୱେଚ୍ଛାସେବିକା ତାଲିମ୍ ଶିବିରରେ ୮୮ ଜଣ ଝିଅ ଯୋଗଦେଇ ହଜାର ହଜାର ଦର୍ଶକଙ୍କ ଆଗରେ ଡ୍ରିଲ୍ ଓ ଛୁରା ଖେଳ ଆଦି ପ୍ରଦର୍ଶନ ସହ ବୋଲିଲେ, ନଜାଗିଲେ ଆଉ ଭାରତରମଣୀ/ଜାଗିବ ନାହିଁ ଟି ଏ ଭାରତ ପୁଣି ।

୧୯୩୪ ମସିହାରେ ଗାନ୍ଧିଜୀଙ୍କ ଦୀର୍ଘ ଓଡ଼ିଶା ଗସ୍ତ ବିଶେଷକରି ଅପ୍ରତ୍ୟାଶିତ ଭାବେ ମେ-ଜୁନ୍ ମାସର ଟାଣ ଖରାରେ ପଦଯାତ୍ରା ସେବା ଓ ସଂଗ୍ରାମର ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଲା। ଏହି ପଦଯାତ୍ରାର ଅନ୍ୟତମ ବ୍ୟବସ୍ଥାପିକା ଥିଲେ ରମାଦେବୀ । ଏଥିରେ ଉମା ବଜାଜ୍, ପ୍ରଭାବତୀ ଦେବୀ, ମୀରାବେନ୍‌ଙ୍କଠାରୁ ଆରମ୍ଭ କରି ସୁଶୀଳା ଦେବୀ, ମଙ୍ଗଳା ଦେବୀ, ଅନ୍ନପୂର୍ଣ୍ଣା ଚୌଧୁରୀ(ପରେ ମହାରାଣା), ମାଳତୀ ଚୌଧୁରୀ, ଗୋଦାବରୀ ଦେବୀ ଆଦି ସକ୍ରିୟ ଭୂମିକା ଗ୍ରହଣ କରି ଗାଁ ଗହଳରେ ନାରୀ ଜାଗରଣର ନୂଆ ଦିଗନ୍ତ ସୃଷ୍ଟି କରିଥିଲେ । ଏହି ପଦଯାତ୍ରା ବେଳେ ଗାନ୍ଧିଙ୍କୁ ଓଡ଼ିଆ ଭାଷା ଓ ଲିପି ଶିଖାଇଥିଲେ ଗୋଦାବରୀ ଦେବୀ । ପଦଯାତ୍ରା ଶେଷରେ ଗାନ୍ଧିଜୀ ଓଡ଼ିଶାର କଷ୍ଟ ସହିଷ୍ଣୁ ମହିଳା କର୍ମୀଙ୍କ କୁଶଳତାକୁ ପ୍ରଶଂସା କରି କହିଥିଲେ, ଭାରତରେ ହଜାର ହଜାର ମହିଳାଙ୍କ ସାଙ୍ଗେ ମିଶିଛି, ସେମାନଙ୍କର କାମ ଦେଖିଛି କିନ୍ତୁ ରମାଦେବୀ ଓ ତାଙ୍କ ଛୋଟିଆ ଦଳଟି ଯେପରି ସ୍ୱଭାବ ସୁଲଭ ଓ ସୁତୁରାରେ କାମ କରୁଥିଲେ ସେଭଳି କାମ ମୁଁ ଅନ୍ୟ କେଉଁଠି ଦେଖିନାହିଁ । ସେମାନେ ନିଜ ପାଇଁ କେବେ ହେଲେ ବିଶେଷ ସୁବିଧା ଲୋଡ଼ିନାହାନ୍ତି ବା ଦାବି କରିନାହାନ୍ତି । ଏମାନଙ୍କର କଷ୍ଟ ସହିବାର ଶକ୍ତି ଦେଖି ମୁଁ ମୁଗ୍ଧ । ଯାହା ଆଶା କରିନଥିଲି ତାଠାରୁ ବଳି ଏମାନଙ୍କ କଷ୍ଟ ସହିବା ଦେଖି ମନ ଆନନ୍ଦରେ ଭରପୂର ହୋଇଯାଉଛି ।

୧୯୩୮ ମାର୍ଚ୍ଚ ୨୫ରୁ ୩୧ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ବେରବୋଇ ଗାଁ ଗହିରରେ ନିର୍ମିତ ଅସ୍ଥାୟୀ କୁଡ଼ିଆରେ ରହୁଥିଲେ ଗାନ୍ଧି, କସ୍ତୁରବାଙ୍କ ସମେତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ପ୍ରଫୁଲ୍ଲ ଘୋଷ, ମୌଲାନା ଆଜାଦ୍, ଆଚାର୍ଯ୍ୟ କୃପାଳିନୀ, ମହାଦେବ ଦେଶାଇ, ଆର୍.ଆର୍ ଦିବାକରଙ୍କ ଭଳି ଅଗ୍ରଗଣ୍ୟ ନେତାମାନେ । ଏହି ସମ୍ମିଳନୀର ଅନ୍ୟତମ ସଞ୍ଚାଳିକା ଥିଲେ ମା' ରମାଦେବୀ ଓ ସୁନାମଣି ଦେବୀ । ଗାନ୍ଧିଜୀଙ୍କ ବାରମ୍ବାର ଓଡ଼ିଶା ଗସ୍ତ ଏବଂ ରାଜ୍ୟର ପ୍ରମୁଖ ନେତାମାନଙ୍କ ନିରବଚ୍ଛିନ୍ନ ସାଧନାର ପ୍ରତିଫଳନ ଦେଖିବାକୁ ମିଳିଲା ୧୯୪୨ର ଭାରତଛାଡ଼ ଆନ୍ଦୋଳନ ବେଳେ । ମୁକ୍ତି ସଂଗ୍ରାମରେ ଚାଲିଥିବା ବଳିଦାନ ପର୍ବରେ ଓଡ଼ିଶାର ନାରୀ ଶକ୍ତି ବି ଆଗରେ ଥିଲା । ପରି ବେଓ୍ୱା, ଗୁରୁବାରୀ ମେହେରଙ୍କ ଭଳି ବୀରାଙ୍ଗନାମାନେ ବ୍ରିଟିଶ ପୁଲିସ ଗୁଳିରେ ଶହୀଦ ହୋଇ କାଳକାଳ ପାଇଁ ଯଶ ରଖିଗଲେ ।

ଅନେକ ମହିଳା ସଂଗ୍ରାମୀ ସେ ସମୟରେ ସପରିବାର, ସବାନ୍ଧବ କାରାବରଣ କରିଥିଲେ । ଏହି ଅଗ୍ରଗଣ୍ୟାମାନଙ୍କ ଭିତରେ ଥିଲେ ସରଳା ଦେବୀ, ପ୍ରିୟମ୍ବଦା ଦାସ, ରମାଦେବୀ, କ୍ଷେତ୍ରମଣି ଦେବୀ, ଆଶାଲତା ଆଚାର୍ଯ୍ୟ, ମାଳତୀ ଚୌଧୁରୀ, ଅମ୍ବିକା ଦେବୀ, ଗୁଣମଞ୍ଜରି ଦେବୀ, ପ୍ରଭା ଦେବୀ, ଯଶୋଦା ଦେବୀ, ଚମ୍ପା ଦେବୀ, ସୁନ୍ଦରମଣି ଚ୍ୟାଉପଟ୍ଟନାୟକ, ଜମ୍ବୁବତୀ ଦେବୀ, ରାଧାମଣି ଦେବୀ, ସୁଭଦ୍ରା ମହତାବ, ଉତ୍ତରା ଚୌଧୁରୀ, ଅନ୍ନପୂର୍ଣ୍ଣା ଚୌଧୁରୀ, କୁମୁଦିନୀ ଦେବୀ, ନିରୁପମା ଜେନା, କୃଷ୍ଣକାମିନୀ ଦେବୀ, ଛାୟା ପରିଡ଼ା, ସରସ୍ୱତୀ ଦେବୀ, ହାରାମଣି କାନୁନ୍‌ଗୋ, ଅଧରମଣି ଦେବୀ, ଶଶୀବାଳା କାନୁନ୍‌ଗୋ, ଶୋଭାବତୀ ଦେବୀ, କିରଣଲେଖା ମହାନ୍ତି, ମାଳତୀ ଦେବୀ, ଶକୁନ୍ତଳା ଦାସ, ବିମଳା ଦେବୀ, ଗୋଦାବରୀ ଦେବୀ, ଶରତ କୁମାରୀ, ଶୋଭାବତୀ ପଣ୍ଡା, ବେଲଦେଈ, ପାର୍ବତୀ ଗିରି, କେତକୀ ଦେବୀ ଆଦି ଶତାଧିକ ବୀରାଙ୍ଗନା ।

୧୯୩୪ ପଦଯାତ୍ରା ଶେଷରେ ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ଭିତରେ କାମ କରିବା ପାଇଁ ଗାନ୍ଧିଜୀ ପରାମର୍ଶ ଦେଇଥିଲେ । ତେବେ ଗାଁରେ ଆମେ କି କାମ କରିବୁ ବୋଲି ଜଣେ ଭଉଣୀ ପ୍ରଶ୍ନ କରିବାରେ ଗାନ୍ଧିଜୀ ମେଣ୍ଢାପଲରେ ବଢ଼ିଥିବା ସିଂହ ଶିଶୁ ପରବର୍ତ୍ତୀ ସମୟରେ ନିଜ ବିକ୍ରମ ସମ୍ପର୍କରେ କିପରି ଜାଗ୍ରତ ହେଲା ସେହି ଗପଟିକୁ ଶୁଣାଇଥିଲେ । ଏହାପରେ ଅନ୍ୟ ରଚନାତ୍ମକ କର୍ମୀମାନଙ୍କ ସହ ଓଡ଼ିଶାର ଶହ ଶହ ନାରୀ ଗାଁ ଗହଳରେ ଲୋକଙ୍କ ଭିତରେ ଥିବା ସୁପ୍ତ ସିଂହର ପରାକ୍ରମ ଜାଗ୍ରତ କରାଇବାରେ ସ୍ୱାଧୀନତା ଆନ୍ଦୋଳନ ନୂଆ ମୋଡ଼ ନେଇଥିଲା । କେବଳ ସେତିକି ନୁହେଁ ଅନେକ ମହିଳା କର୍ମୀ ନିଜ ଜୀବନକୁ ଦେଶପାଇଁ ଉତ୍ସର୍ଗ କରି ସେବା ଓ ସାମାଜିକ କ୍ରାନ୍ତି କ୍ଷେତ୍ରରେ ଉଲ୍ଲେଖନୀୟ କାମ କଲେ । ସ୍ୱାଧୀନତା ସଂଗ୍ରାମର ସଫଳତା ପାଇଁ ଗାନ୍ଧିଜୀ ମାତୃଶକ୍ତିର ଆଶୀର୍ବାଦ ଲୋଡ଼ିଥିବା ବେଳେ ଓଡ଼ିଶା ସମେତ ଦେଶର ମାତୃଶକ୍ତି ଏହା ଅଜାଡ଼ିଦେବା ସହ ଜୀବନ ପଣକରି ସେବା, ସଂଗ୍ରାମ, ସଂସ୍କାର କ୍ଷେତ୍ରରେ ସମର୍ପିତ ମନୋଭାବ ନେଇ ଯେପରି ନିଃସ୍ୱାର୍ଥପର ଭାବେ କାମ କରିଗଲେ, ତାହା ଆଜି ବି ଇତିହାସ ଡାକି ଡାକି କହୁଛି ।

*E-mail: prahalladsinha@gmail.com*
ମୋ-୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ଆନନ୍ଦମୟ ଜୀବନ ପାଇଁ ହସ



ଉମାଶଙ୍କର ପ୍ରସାଦ

ମଣିଷ ଜନ୍ମ ହୋଇ ହେତୁ ପାଇବା ପରଠୁ ଆନନ୍ଦମୟ ଜୀବନ ଓ ଟିକେ ହସ ଖୁସୀରେ ଜୀବନ ବିତାଇବା ପାଇଁ ସଦାସର୍ବଦା ଇଚ୍ଛା ପ୍ରକାଶ କରିଥାଏ । କିନ୍ତୁ ମଣିଷ ସଦାସର୍ବଦା ନିଜକୁ ଅନ୍ୟ ଠାରୁ ଶ୍ରେଷ୍ଠ ଓ କ୍ଷମତାଶୀଳ ବିଚାର କରିଥାଏ । ନିଜର କ୍ଷମତା, ସତ୍ତା, ଧନର ପ୍ରାଚୁର୍ଯ୍ୟରେ ମଦମତ୍ତ ହୋଇ ଧରାକୁ ସରା ମଣିଥାଏ। ସେ କେଭେ ଭାବିନଥାଏ ଯେଉଁ ଧନ, ସମ୍ପତ୍ତି,ବନ୍ଧୁ ପରିବାରଙ୍କ ପାଇଁ ସେ ଏତେ ବିକଳ ହୋଇ ଉକ୍ତ ପଦାର୍ଥକୁ ଠୁଳ କରୁଛି ସେଗୁଡିକ ତାର ଅନ୍ତିମ ସମୟରେ ତାକୁ ମୁହଁ ମୋଡିଦେବେ ! ଅନେକ ନିଜକୁ ଜ୍ଞାନୀ ଭାବି ଅହଂକାର କରନ୍ତି । ମାତ୍ର ତାର ଜ୍ଞାନ ଓ ଧନ ବିଶ୍ୱ ବ୍ରହ୍ମାଣ୍ଡର ଅବସ୍ଥିତିରେ ଅଣୁଠାରୁ କ୍ଷୁଦ୍ର । ତଥାପି ମଣିଷର ଅହମିକା ନଭଶ୍ଚୁମ୍ବୀ ଆକାଶକୁ ଛୁଇଁଥାଏ । ହେଲେ ଜୀବନର ଦୁଇ ଶ୍ରେଷ୍ଠ ରୂପାନ୍ତର ଯଥା ଜନ୍ମ ଓ ମୃତ୍ୟୁ ମଣିଷ ଇଚ୍ଛାରେ ନଥାଏ ।

ଜୀବନରେ ଆନନ୍ଦ ଲାଭ ଓ ସାମାନ୍ୟ ହସ ପାଇଁ ସତ ଚେଷ୍ଟା କରି ମଧ୍ୟ ସେ ତାକୁ ପାଇପାରେନା ଓ ଜୀବନ ତା ପାଇଁ ଦୁଃସହ ହୋଇପଡେ । ଜଣେ ନିଜ ଭଙ୍ଗା କୁଡିଆରେ ହସ, ଖୁସୀ, ଆନନ୍ଦ ଉଲ୍ଲାସରେ କାଳାତିପାତ କରୁଥିବା ବେଳେ ଆଉ ଜଣେ ଦିବ୍ୟ ଉଆସରେ ସମସ୍ତ ରାଜକୀୟ ସୁବିଧା ଥାଇ ମଧ୍ୟ ହସି ପାରି ନଥାଏ ।

ଉପରୋକ୍ତ ଏହି କଥାକୁ ନେଇ କାହାଣୀଟିଏ ମନେପଡେ । ଗାଁର ଶେଷ ମୁଣ୍ଡରେ ଗୋଟିଏ ଗଛ ମୂଳରେ ଥାଏ କୁଡିଆଟିଏ । ସେଇ କୁଡିଆରେ ରହୁଥିଲେ ଜଣେ ଫକୀର । ଖରାବେଳ ସେଇ ବାଟ ଦେଇ ଯାଉଥିବା ଜଣେ ଧନାଢ୍ୟ ବ୍ୟକ୍ତି ବା ଶେଠ ପାଣି ଟୋପାଏ ପିଇବା ପାଇଁ ନିଜ ଘୋଡାକୁ ସେଠାରେ ଅଟକାଇ କୁଡିଆ ଭିତରେ ଥିବା ଫକୀରଙ୍କୁ ପାଣି ମୁନ୍ଦିଏ ଦେବା ପାଇଁ କହିଥିଲେ । ଫକୀର ଶେଠଙ୍କୁ ନିଜ କୁଡିଆ ଭିତରକୁ ନେଇ କିଛି ଖାଦ୍ୟ ଓ ପାନୀୟ ଦେଲେ । ଖରାରେ କ୍ଳାନ୍ତ ବୋଧ କରିଥିବା ଶେଠ୍ କିଛି ସମୟ ପାଇଁ ସେଠାରେ ଶାନ୍ତିରେ ଶୋଇଗଲେ । ନିଦ ଭାଙ୍ଗିଲା ପରେ ଶେଠ ଦେଖିଲେ ଯେଉଁ କୁଡିଆରେ ସିଏ ବିଶ୍ରାମ କରିଥିଲେ ତାହା ନଥିଲା, ମାତ୍ର ପାଖରେ ଶ୍ରୀହର୍ଷ ମନରେ ପାଖରେ ବସିଥିଲେ ଫକୀର ! ଶେଠ୍ ଅତି ସଙ୍କୋଚରେ କହିଲେ ଆଜ୍ଞା କଥାଟିଏ ପଚାରବି ? 'ଫକୀର କହିଲେ, ପଚାରିବା ଦରକାର ନାହିଁ । ସିଆଡେ ଚାହଁ, ତାହା ହିଁ ତୁମ ପ୍ରଶ୍ନର ଉତ୍ତର ।' ଏକ ଥୁଣ୍ଟା ଗଛକୁ ଦେଖାଇ କରି କହିଲେ ଶେଠ୍‌ଙ୍କ ଉଦ୍ଦେଶ୍ୟରେ, ମାତ୍ର ଶେଠ୍ କିଛି ବୁଝି ପାରିନଥିଲେ !

ଶେଠ୍ ଭାବୁଥିଲେ - କ'ଣ ଅଛି ସେଠି ? ଥୁଣ୍ଟା ଗଛରେ ଲତାଟିଏ ମାଡିଛି । ଫୁଲ, ଫଳ ଧରିଛି । ଫୁଲରେ ମହୁମାଛି ଉଡୁଛନ୍ତି । ଫଳକୁ କିଛି ଜୀବ ବି ଆନନ୍ଦରେ ଖାଉଛନ୍ତି । ଥୁଣ୍ଟା ଗଛରେ ମାଡିଥିବା ଲତାଟି ଅତି ସୁନ୍ଦର ଦେଖାଯାଉଛି । ଶେଠ୍ ମନରେ ଭାବୁଥିଲେ ମୁଁ ତ ଫକୀରଙ୍କୁ ଅଦ୍ୟାବଧି କିଛି ପ୍ରଶ୍ନ କରିନାହିଁ ତେବେ ବିନା ପ୍ରଶ୍ନରେ ଏ କି ଉତ୍ତର ! ଶେଠ୍‌ଙ୍କ ଭାବନରେ ପୂର୍ଣ୍ଣଚ୍ଛେଦ ଟାଣି ଫକୀର କହିଲେ - ଶେଠଜୀ, ମୋ ହସ ଓ ଆନନ୍ଦ ତୁମକୁ ପାଗଳ କରୁଛି ନା, ମୁଁ ତାହା ଠିକ୍ ଜାଣେ । କାରଣ ତୁମ ପୂର୍ବରୁ ଅନେକ ଶେଠ୍ ଓ ପ୍ରତିପତ୍ତି ଥିବା ବ୍ୟକ୍ତି ବିଶେଷଙ୍କ ଏଇ ଗୋଟିଏ ଜିଜ୍ଞାସା ମୋ ହସକୁ ନେଇ ।

ମୋର ଏଇ ଦୁର୍ମୂଲ୍ୟ ହସ ଟିକକ୍ ପାଇଁ ସେମାନେ ଅଣନିଃଶ୍ୱାସୀ ହୋଇ ଧାଇଁଛନ୍ତି । ଘୋଡା, ଗାଡି, ଉଆସ, ଦାସଦାସୀ ସବୁ ଐଶ୍ୱର୍ଯ୍ୟ ଭିତରେ ସେମାନେ ଖୋଜିଥାନ୍ତି ଜୀବନରେ ଆନନ୍ଦ ଓ ମନଖୋଲା ହସ ଟିକକ । ଯିଏ ମନରେ ଏଭଳି ପ୍ରଶ୍ନ ନେଇ ମୋତେ ଚାହିଁଛି, ତା'ର ଉତ୍ତର ଦେଇଛି ଏଇ ଦୀର୍ଘ ଦିନର ଥୁଣ୍ଟା ଗଛ ଆଉ ତାକୁ ଆଧାର କରି ମାଡିଥିବା ଏଇ ଲତାଟି । ପ୍ରତି ବର୍ଷ ଖରା ସମୟରେ ଏ ଲତା ଶୁଖିଯାଏ, ମାତ୍ର ଏଇ ଥୁଣ୍ଟା ଗଛ ଏମିତି ଆକାଶକୁ ଚାହିଁ ନିଶ୍ଚଳ ଭାବରେ ଠିଆ ହୋଇଥାଏ । ସାମାନ୍ୟ ବର୍ଷା ହେଲେ ଏ ଲତା କଅଁଳେ ପୁଣି କାୟା ବିସ୍ତାର କରେ, କେତେ ଆନନ୍ଦ ବାଣ୍ଟେ । ଥୁଣ୍ଟା ଗଛ ବି ସବୁଦିନ ଆନନ୍ଦରେ ଆକାଶ, ପାଣି, ପବନ ସହିତ କଥା ହୁଏ । କେଭେ ଭଗବାନଙ୍କୁ ନିଜର ବିଲୟ ପାଇଁ ଦୋଷ ଦେଇନଥାଏ । ମୁଁ ବି ସେମିତି ପରମାତ୍ମାଙ୍କ ସଂସାରରେ । ତମେ ସବୁ ହେଲ ମହାଦ୍ରୁମ ।

ମୁଁ ଛୋଟ ଲତାଟିଏ । ତୁମମାନଙ୍କ ଭଳି ଶେଠଙ୍କ ଭିକ୍ଷାକୁ ଆଧାର କରି ବଞ୍ଚିଛି । ଯାହା ମିଳୁଛି ପୁଣି ବାଣ୍ଟି ଦେଉଛି । ଆବଶ୍ୟକତା ଠାରୁ ଅଧିକ ଚାହୁଁନି । ଦେଖ ଖୋଲା ଆକାଶକୁ ଚାହିଁ, ସେଇ ଥୁଣ୍ଟା ଗଛ ଓ ଲତା କି ମନ ଖୋଲା ହସ ହସୁଛନ୍ତି । ଜୀବନରେ ସେମାନେ କେବଳ ଦେଇ ଜାଣିଛନ୍ତି । ଲୁଟି ଜାଣି ନାହାଁନ୍ତି । ଜୀବନରେ ଯିଏ ଦେଇଜାଣେ ସିଏ ହସିଜାଣେ । ଯିଏ ନିଜ ଜୀବନରେ ଅନ୍ୟକୁ ଲୁଟିଛି ତା'ଠାରୁ ପରମାତ୍ମା ହସ ଛଡାଇ ନେଇଥାନ୍ତି। ଯାହା ଇତିହାସରେ ସମ୍ରାଟ ଆଲେକଜାଣ୍ଡର ନିଜର ମୃତ୍ୟୁ ସମୟରେ ସମଗ୍ର ସମାଜକୁ ଏହି ଶିକ୍ଷା ଦେଇଥିଲେ- ଦେଖ ମୁଁ ଦିଗ୍‌ବିଜୟୀ ସମ୍ରାଟ ଆଲେକଜାଣ୍ଡାର ଆଜି ଶୂନ୍ୟ ହାତରେ ସଂସାର ତ୍ୟାଗ କରୁଛି ! ତେଣୁ ଆନନ୍ଦ ଲାଭ ଓ ମନଭରି ହସିବା ପାଇଁ ତ୍ୟାଗର ଆବଶ୍ୟକ, ଭୋଗର ନୁହେଁ । ତେଣୁ ଆସନ୍ତୁ ଆମ ଜୀବନରେ ଯାହା ଈଶ୍ୱର ଦେଇଛନ୍ତି, ତାକୁ ଆମେ ଅନ୍ୟମାନଙ୍କ ମଧ୍ୟର ବିତରଣ କରି ଆନନ୍ଦ ଓ ହସ ଲାଭ କରିବା ।

ଖୋର୍ଦ୍ଧା,ମୋ-୬୩୭୦୬ ୭୫୫୬୨

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏସ୍ଆଇଆର...

ରାଜ୍ୟରୁ ମାଇକ୍ରୋ ଅବ୍‌ଜରଭରମାନଙ୍କୁ ଅଣାଯାଉଛି । ସେମାନେ ସ୍ଥାନୀୟ ସ୍ଥିତି ଓ ସଂସ୍କୃତି ସହ ପରିଚିତ ନୁହଁନ୍ତି । ୮୦ ହଜାର ବିଏଲ୍ଓଙ୍କୁ ଏହି କାର୍ଯ୍ୟରେ ସାମିଲ କରାଯାଇଛି । ପ୍ରଧାନ ବିଚାରପତି କହିଥିଲେ ଯେ ପୂର୍ବରୁ ବିହାର ପ୍ରସଙ୍ଗରେ ଆମେ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଦେଇଛୁ । ତେବେ ମମତା ବାନାର୍ଜୀ ନିର୍ବାଚନ କମିଶନଙ୍କ ଆଚରଣ ନେଇ ପ୍ରଶ୍ନ ଉଠାଇଥିଲେ । ପ୍ରମୁଖ ଦାବି କରିଥିଲେ ଯେ ହ୍ୱାଟ୍ସଆପ୍ ମାଧ୍ୟମରେ ସରକାରୀ ଯୋଗାଯୋଗକୁ ବନ୍ଦ କରାଯାଉ । ସମସ୍ତ ନିୟମ ଚିଠିରେ ଆସୁ ଓ ୱେବ୍‌ସାଇଟ୍‌ରେ ରହୁ । ମମତା ବାରମ୍ବାର ନିର୍ବାଚନ କମିଶନଙ୍କୁ ହ୍ୱାଟ୍ସଆପ୍ କମିଶନ କହି ସମାଲୋଚନା କରୁଛନ୍ତି ।

## ତ୍ରିକୋଣୀୟ...

ରବିବାର ଚକୋଲେଟ୍ ଡେ'ରେ ବାବୁନାଙ୍କୁ ଲିଜା ନିଳାଦ୍ରୀ ବିହାର ସେକଟର-୨କୁ ଡାକିଥିଲା । ବାବୁନା ପହଞ୍ଚିବା ବେଳକୁ ଲିଜାର ପୂର୍ବତନ ପ୍ରେମିକ ଦିନେଶ ଓ ଅନ୍ୟ ଦୁଇଜଣ ଯୁବକ ମିଶି ନିଳାଦ୍ରୀବିହାରରେ ମଦ ପିଉଥିଲେ । ଲିଜା ବାବୁନାଙ୍କୁ ଡାକିବାର କାରଣ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ ହେବାର କାରଣ କିଛିଦିନ କାର୍ ଚଳାଇବା ମଧ୍ୟରେ ବାବୁନାଙ୍କ ସହ ଲିଜାର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ପୂର୍ବତନ ପ୍ରେମିକ ଦିନେଶ ଥାଇ ମଧ୍ୟ ଲିଜା ବାବୁନାଙ୍କ ସହ ସମୟ ବିତାଉଥିଲେ ।

ସମସ୍ତ କଥା ଦିନେଶ ଜାଣିବା ପରେ ଲିଜା ସହ ମିଶି ହତ୍ୟାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ନିଳାଦ୍ରୀବିହାର ସେକଟର-୨ ଲିଜାଙ୍କ ଘରେ ବାବୁନାଙ୍କୁ ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ପିଆଇ ନିସ୍ଥୁକ ମାଡ ମାରିଲେ । ଏପରିକି ବେକ ଓ ପେଟକୁ ଛୁରିରେ ବାରମ୍ବାର ଆଘାତ କରିବାରୁ ସେ ଭୟଭୀତ ହୋଇ କୌଶଳ କ୍ରମେ ରାସ୍ତାକୁ ଖସିଆସିଥିଲା । ରାସ୍ତାରେ ପଡିଯାଇ ଉଠିପାରି ନଥିଲେ । କାରଣ ପ୍ରଚୁର ରକ୍ତସ୍ରାବ ହେବାରୁ ସେ ପଡିରହିଥିଲେ । ଭୋରରୁ ଲୋକମାନେ ଦେଖି ତାଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଡାକି କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ପୋଲିସ କଣ୍ଟ୍ରୋଲ-୧୧୨କୁ ଜଣାଇଥିଲେ । ଏ ସମ୍ପର୍କରେ ରାତି ପ୍ରାୟ ୨ଟା ୩୦ରେ ମାଉସୀ ଖବର ପାଇଥିଲେ । ମେଡିକାଲରେ ପହଞ୍ଚିବା ବେଳକୁ ବାବୁନାଙ୍କ ମୃତ୍ୟୁ ହୋଇସାରିଥିଲା । ମେଡିକାଲରେ ମାଉସୀ, ମାମୁ, ଭାଇ ଓ ଅନ୍ୟ ସମ୍ପର୍କୀୟମାନେ ପହଞ୍ଚିଥିଲେ ।

ହତ୍ୟାକାଣ୍ଡ ପରେ ଜଣେ ଅଭିଯୁକ୍ତ ଦ୍ରୁତ ଗତିରେ କାର୍ ନେଇ ଶିଶୁଭବନ ଛକ ଓଭରବ୍ରିଜ୍ ଉପରେ ପୁରୁଣା ଭୁବନେଶ୍ୱର ଆଡକୁ ଯାଉଥିଲା । କାର୍‌ଟି ଦ୍ରୁତ ଗତିରେ ଚଳାଇ ଯାଉଥିବାରୁ ତାହା ବ୍ରିଜ୍ ବ୍ୟାରିକେଡ୍‌ରେ ପିଟିହୋଇ ୧୦/୧୨ଫୁଟ୍ ତଳକୁ ଖସିପଡିଥିଲା । କାର୍ ଗଛରେ ପିଟି ହୋଇ ଏକ ଘର ଉପରେ ପଡିଯାଇଥିଲା । କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଥିବା ବେଳେ ଡ୍ରାଇଭର ମୃତ୍ୟୁ ମୁଖରୁ ବର୍ତ୍ତିଯିବା ସହ ଘଟଣାସ୍ଥଳରୁ ଖସି ଯାଇଛି । ସେହି ଦୁର୍ଘଟଣା ନିଳାଦ୍ରୀବିହାର ବାବୁନା ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କୁ ଧରାଇ ଦେଇଛି । ଚନ୍ଦ୍ରଶେଖରପୁର ଥାନା ପୋଲିସ ବାବୁନାଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ମାମଲା ରୁଜୁ କରି ତିନୋଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି । ପୂର୍ବତନ ପ୍ରେମିକ ଦିନେଶ ଓ ପ୍ରେମିକା ଲିଜାକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଖସିଯାଇଥିବା ଅନ୍ୟ ଦୁଇ ଯୁବକ ବୋଧେ ଦୁର୍ଘଟଣାରେ ଜଖମ ହୋଇଥିବା କାର୍ ନେଇ ଯାଉଥିବା ପୋଲିସ ସନ୍ଦେହ କରିଛି । ଲିଜା ଓ ଦିନେଶ ଠାରୁ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ ମଧ୍ୟ ଗଣମାଧ୍ୟମକୁ କହିନାହିଁ ।

ବାବୁନାଙ୍କ ମାଉସୀର କହିବାନୁଯାୟୀ ଲିଜା ଯଦି ପୂର୍ବରୁ ଜଣେ ଯୁବକଙ୍କୁ ଭଲ ପାଉଥିଲା ତେବେ ମୋ ପୁଅକୁ କାହିଁକି ଭଲ ପାଉଥିଲା । ଯଦି ମୋ ପୁଅ ସହ କିଛି ଝାମେଲା ହୋଇଥିଲା ତେବେ ଅଡ୍ରାଇନର ଆଶ୍ରୟ ଲିଜା ନେଲେନାହିଁ କାହିଁକି । ମାଉସୀ ଏକଥା କହିବା ସହ ଭାଇ ମଧ୍ୟ ଅନୁରୂପ କଥା କହିଛନ୍ତି । ମାମୁଙ୍କ କହିବା କଥା ଉତ୍ତରପ୍ରଦେଶ ଭଳି ଅଭିଯୁକ୍ତମାନଙ୍କୁ ଫାଶୀ ଦିଆଗଲେ ଏଭଳି ଅପରାଧ ହ୍ରାସ ପାଇବ । ବାବୁନା ସହ ଲିଜାଙ୍କର ୨/୩ଥର କେଉଁ କାରଣକୁ ନେଇ ପୂର୍ବରୁ ଝଗଡା ହୋଇଥିଲା । ଲିଜାଙ୍କ ଘର ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳରେ ହୋଇଥିବା ବେଳେ ପଟିଆ ଅଞ୍ଚଳରେ ଏକ ପାର୍ଲର କରିଛନ୍ତି । ବାସ୍ତବରେ ସେ ପାର୍ଲରର ମାଲିକ ନା ଅନ୍ୟ କାହା ପାର୍ଲରରେ କାମ କରୁଛନ୍ତି, ତାହା ସ୍ପଷ୍ଟ ଜଣାପଡୁନାହିଁ । ବାବୁନାଙ୍କ ଭାଇ ସ୍ପଷ୍ଟ ଭାବେ କହିଛନ୍ତି ଯେ, ମୋ ଭାଇ ବଳୁଆ ହୋଇଥିବାରୁ ତାକୁ ମିଳିତ ଭାବେ ହତ୍ୟା କରାଯାଇଛି । ବାବୁନା ରାସ୍ତାରେ ପଡିଥିବା ବେଳେ ଲିଜା ଲୋକମାନଙ୍କୁ ଡାକ ପକାଇଥିଲେ ହତ୍ୟା କରିଦେଲେ ବୋଲି । ଏହା ହତ୍ୟାକାଣ୍ଡରୁ ମୁକୁଳିବା ପାଇଁ ଲିଜାଙ୍କ କୌଶଳ ବୋଲି ବାବୁନାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ପୋଲିସ କହିବାନୁଯାୟୀ ଅଭିଯୁକ୍ତମାନେ ଗିରଫ ହେଲେ ହତ୍ୟାକାଣ୍ଡର ରହସ୍ୟ ସ୍ପଷ୍ଟ ହେବ ।

## ଅଭିଯୋଗ...

ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସହୃଦୟତାର ସହିତ ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ମୁଖ୍ୟମନ୍ତ୍ରୀ ଆଶୁ ସମାଧାନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅନ୍ୟ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୬ଟି ପାଳିସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡା ୯୪ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି ।

ଏହି ଅବସରରେ ଗଣମାଧ୍ୟମରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି । ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି । ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟ ମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଏବଂ ଅନ୍ୟ ବିଭାଗ ଗୁଡିକର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ଡନ୍ ବୋସ୍କୋ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ




କଟକ, (ସ୍ୱପ୍ର): ମହାନଦୀବିହାର ସ୍ଥିତ ଡନ୍ ବୋସ୍କୋ ସ୍କୁଲର ୩୫ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ମହାନଦୀଭବନ ପରିସରରେ ସ୍କୁଲର ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଏଲିନା ରାଉତଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ପ୍ରାରମ୍ଭିକ ଶିଶୁ ଶିକ୍ଷା ଏକ ଶିଶୁର ଚରିତ୍ର ଓ ଭବିଷ୍ୟତ ଗଢ଼ିବାରେ ମୂଳଦୂଆ । ଖେଳ ଓ ଆନନ୍ଦ ମାଧ୍ୟମରେ ଶିକ୍ଷା ଦେବା ପଦ୍ଧତିକୁ ସେ ଅତ୍ୟନ୍ତ ପ୍ରଶଂସା କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ଏସସିବି ଡିଏଭି ପବ୍ଲିକ ସ୍କୁଲର ସମ୍ପାଦକ ରବିନ୍ଦ ନାଥ ମହାନ୍ତି, ପ୍ରସିଦ୍ଧ ଶିଶୁ ମନୋବିଜ୍ଞାନୀ ସମ୍ବିତ ନନ୍ଦ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ସଡ଼ଙ୍ଗୀ ଓ ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ସୌଭାଗିନୀ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା ଶ୍ରୀମତୀ ରାଉତ ସ୍ୱାଗତ ଭାଷଣ ଦେବା ସହିତ ବିଦ୍ୟାଳୟର ଶିକ୍ଷା ପଦ୍ଧତି ସମ୍ପର୍କରେ ସୂଚନା ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମଟିକୁ ମିସ୍ ଲୋପାମୁଦ୍ରା ଓ ଜାଜ୍ଞସେନୀ ସୁଚାରୁରୂପେ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ରୟାଲ ଷ୍ଟାଗ୍ ବୁମବକ୍ସର ୪ର୍ଥ ସଂସ୍କରଣର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ସିଗ୍ରାମର 'ରୟାଲ ଷ୍ଟାଗ୍ ବୁମବକ୍ସ' ଏହାର ଚତୁର୍ଥ ସିଜନ୍ ସହିତ ପୁଣି ଥରେ ଫେରିଆସିଛି । ଏହି ସଙ୍ଗୀତ ମହୋତ୍ସବରେ ବଲିଉଡର ମନଛୁଆଁ ଗୀତ ଏବଂ ହିପ୍-ହପ୍‌ର ଦମଦାର୍ ବିଟ୍‌ର ଏକ ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିବ । ପୂର୍ବ ବର୍ଷଗୁଡ଼ିକର ସଫଳତା ପରେ, ଏହି ସିଜନ୍‌କୁ ଆହୁରି ବଡ଼ ଏବଂ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି କରାଯାଇଛି । ଏଥିରେ ଭାରତ ଓ ବିଦେଶର ଅନେକ ଜଣାଶୁଣା କଳାକାର ଅଂଶଗ୍ରହଣ କରିବେ । ଏହି ସଙ୍ଗୀତ ଯାତ୍ରାଟି ଭାଇଜାଗ୍, କୋଲକାତା, ମୁମ୍ବାଇ ଏବଂ ମୋହାଲି ପରି ଚାରୋଟି ପ୍ରମୁଖ ସହରରେ ଆୟୋଜିତ ହେବାକୁ ଯାଉଛି, ଯାହା ଯୁବପିଢ଼ିଙ୍କ ପାଇଁ ଏକ ନିଆରା ଅନୁଭୂତି ହେବ । ଏହା ଆଜିର ଯୁବପିଢ଼ିଙ୍କ ପସନ୍ଦକୁ ଧ୍ୟାନରେ ରଖି ସଙ୍ଗୀତ, ଫ୍ୟାଶନ୍, ଖାଦ୍ୟ ଏବଂ ଗେମିଂ ଭଳି ବିଭିନ୍ନ ରୁଚିପୂର୍ଣ୍ଣ ବିଷୟକୁ ଗୋଟିଏ ସ୍ଥାନରେ ମିଶାଇଥାଏ । ଏହା କେବଳ ଏକ ସଙ୍ଗୀତ କାର୍ଯ୍ୟକ୍ରମ ନୁହେଁ, ବରଂ ଆଧୁନିକ ଜୀବନଶୈଳୀ ବା 'ଜେନେରେସନ୍ ଲାର୍ଜର\'ର ଏକ ଚମତ୍କାର ପ୍ରତିଫଳନ । ରୟାଲ ଷ୍ଟାଗ୍ ବୁମବକ୍ସର ୪ର୍ଥ ସିଜନ୍ ୨୦୨୬ ଫେବୃଆରୀ ୨୧ରେ କୋଲକାତାରୁ ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଭାଇଜାଗ୍ (୭ ମାର୍ଚ୍ଚ), ମୁମ୍ବାଇ (୨୧ ମାର୍ଚ୍ଚ) ଏବଂ ମୋହାଲି (୨୮ ମାର୍ଚ୍ଚ)ରେ ଅନୁଷ୍ଠିତ ହେବ । ଏହି ବର୍ଷର ଲାଇନ୍-ଅପ୍‌ରେ ବିଶ୍ୱପ୍ରସିଦ୍ଧ ଆଲାନ୍ ୱାକର, ବାଦଶାହ, ଅରମାନ ମଲିକ୍, ଡିଭାଇନ୍, ନୀତି ମୋହନ, ନିକିତା ଗାନ୍ଧୀ, ରଶ୍ମିତ କୌର, ଶ୍ରୀରାମ ଚନ୍ଦ୍ରା ଏବଂ ଲୋକପ୍ରିୟ ବ୍ୟାଣ୍ଡ 'ଫସିଲ୍ସ\' ସାମିଲ ଅଛନ୍ତି । ଏହା ସହିତ ରଫତାର ଏବଂ ଡିଜେ ସାହିଲ ଗୁଲାଟିଙ୍କ ଧମାକାଦାର ପ୍ରଦର୍ଶନ ସଙ୍ଗୀତ ପ୍ରେମୀଙ୍କୁ ଏକ ଅବିସ୍ମରଣୀୟ ଅନୁଭୂତି ଦେବ । କେବଳ ସେତିକି ନୁହେଁ, ପ୍ରଶଂସକମାନେ ପ୍ରସିଦ୍ଧ ଗେମର୍ ପାୟଲ ଧାରେଙ୍କ ସହ ଗେମିଂର ମଜା ମଧ୍ୟ ନେଇପାରିବେ, ଯାହା ଏହି ସିଜନ୍‌କୁ ମନୋରଞ୍ଜନର ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ବା 'କଲଚରାଲ ହବ\'ରେ ପରିଣତ କରିଛି ।

## ପଥର ବୋଝେଇ ଡମ୍ଫର ଜବତ

ସୋର, (ସବ୍ୟୁ): ସୋର ଥାନା ବାଗୁଡ଼ି ବଜାର ନିକଟରୁ ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ତହସିଲଦାର ଜବତ କରି ତହସିଲ ପରିସରରେ ରଖିଛନ୍ତି । ସୋମବାର ସନ୍ଧ୍ୟାରୋଦାନ ଅଞ୍ଚଳରୁ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜାଣି ପାରି ତହସିଲଦାର ଦୈତାରୀ ମଲ୍ଲିକ ବାଗୁଡ଼ି ବଜାରରେ ଚଢ଼ାଉ କରିଥିଲେ । ଏହି ସମୟରେ ଏକ ଡମ୍ଫର ଟି ପଥର ବୋଝେଇ କରି ଆସୁଥିବା ବେଳେ ପଥର ସହ ଡମ୍ଫରଟିକୁ ଜବତ କରି ତହସିଲ ପରିସରରେ ରଖିଛନ୍ତି ।

## ସ୍ୱିଗି , ରବିନ ହୁଡର ୱିଣ୍ଟର ୱଣ୍ଡରଲ୍ୟାଣ୍ଡ ଅଭିଯାନ

# ଓଡ଼ିଶାରେ ୪୮୦ରୁ ଅଧିକ ଅବହେଳିତ ଲୋକଙ୍କୁ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅଗ୍ରଣୀ ଅନ-ଡିମାଣ୍ଡ ସୁବିଧା ପ୍ଲାଟଫର୍ମ ସ୍ୱିଗି, ରବିନ ହୁଡ ଆର୍ମି (ଆରଏଚଏ) ସହିତ ସହଭାଗୀତା କରି ଏକ 'ୱିଂଟର ୱଣ୍ଡରଲ୍ୟାଣ୍ଡ\' ଅଭିଯାନ ଆରମ୍ଭ କରିଛି । ଏହା ଏକ ହୃଦୟସ୍ପର୍ଶୀ ଶୀତକାଳୀନ ପଦକ୍ଷେପ ଯାହାର ଲକ୍ଷ୍ୟ ହେଉଛି ସାରା ଭାରତରେ ଦୁର୍ବଳ ସମ୍ପ୍ରଦାୟ ମଧ୍ୟରେ ଯତ୍ନ ଏବଂ ପୋଷକଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବା । ଏହି ଅଭିଯାନଟି ସର୍ବାଧିକ ଶୀତକାଳୀନ ସମୟରେ ସର୍ବାଧିକ ଆବଶ୍ୟକତା ଥିବା ବ୍ୟକ୍ତି ଏବଂ ପରିବାରକୁ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଯୋଗାଇବା ଉପରେ ଧ୍ୟାନ ଦେବା ସହିତ ଭାରତର ୧୪ ଟି ରାଜ୍ୟର ୫୬ ଟି ସହରକୁ ପ୍ରସାରିତ ହୋଇଛି । ସମଗ୍ର ଓଡ଼ିଶାରେ ତାପମାତ୍ରା ହ୍ରାସ ପାଇବା ପରେ, ସ୍ୱିଗି ଏବଂ ଆରଏଚଏ ପୁରୀ, ରାଉରକେଲା, କଟକ, ବ୍ରହ୍ମପୁର, ଭଦ୍ରକ, ଝାରସୁଗୁଡ଼ା ସମେତ ଖୋଲା ବସ୍ତିରେ ରହୁଥିବା ପିଲା, ଅନାଥାଶ୍ରମର ବାସିନ୍ଦା ଏବଂ ରାସ୍ତାରେ ରହୁଥିବା ବ୍ୟକ୍ତି ତଥା ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀକୁ ୪୮୦ ଟି ସଦ୍ୟ ପ୍ରସ୍ତୁତ ପୁରୀ, ସବଜି ଏବଂ ମିଠା ମିଲ ବଂଟନ କରିଥିଲେ ।

ସ୍ୱିଗିର ସମର୍ଥନରେ, ଆରଏଚଏ ସ୍ୱେଚ୍ଛାସେବକମାନେ ଉତ୍ସବ ଋତୁରେ ଏକାଧିକ ସହରରେ ଏକାଧିକ ଖାଦ୍ୟ ବଂଟନ ଆୟୋଜନ ଏବଂ କାର୍ଯ୍ୟକାରୀ କରିପାରିଥିଲେ । ଏହି ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରି, ସ୍ୱିଗି ଫୁଡ ମାର୍କେଟପ୍ଲେସର ଚିଫ ଏକ୍ଜିକ୍ୟୁଟିଭ ଅଫିସର ସିଦ୍ଧାର୍ଥ ଭାକୁ ସେୟାର କରିଛନ୍ତି, "ସ୍ୱିଗିରେ, ଆମେ ଖୁସି ବାଂଟିବା ପାଇଁ ଆମର ସମଗ୍ର ଭାରତରେ ଉପସ୍ଥିତି, ପରିମାଣ ଏବଂ ସମ୍ବଳକୁ ନିରନ୍ତର ବ୍ୟବହାର କରିଆସିଛୁ । ରବିନ ହୁଡ ଆର୍ମି ସହିତ ସହଭାଗୀତାରେ ଆୟୋଜିତ ୱିଂଟର ୱଣ୍ଡରଲ୍ୟାଣ୍ଡ, ଅତ୍ୟଧିକ ଶୀତ ସମୟରେ ସବୁଠାରୁ ଅଧିକ ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ଏକ ଗରମ, ତାଜା ଖାଦ୍ୟର ଆନନ୍ଦ ପହଂଚାଇବା ପାଇଁ ଆଉ ଏକ ପଦକ୍ଷେପ ।" ଏହି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ରବିନ ହୁଡ ଆର୍ମିର ଜାତୀୟ ସାମାଜିକ ଗଣମାଧ୍ୟମ ପ୍ରତିନିଧି ବସୁନ୍ଧରା ଭଣ୍ଡାରୀ ସେୟାର କରିଛନ୍ତି, "ଏହି ପଦକ୍ଷେପ ମାଧ୍ୟମରେ, ସହରଗୁଡ଼ିକରେ ହଜାର ହଜାର ପିଲା ଏବଂ ଦୁର୍ବଳ ବ୍ୟକ୍ତି କେବଳ ଖାଦ୍ୟ ପାଇଲେ ନାହିଁ, ବରଂ ଉଷ୍ମତା, ଯତ୍ନ ଏବଂ ଏକତାର ଭାବନା ମଧ୍ୟ ଲାଭ କରିଛନ୍ତି ।"

## ଡ଼କ୍ଟର କମଳାକାନ୍ତ ଜେନା ଏଫଏମ ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ

ବାଲେଶ୍ୱର, (ସବ୍ୟୁ): ଫକୀରମୋହନ(ଏଫଏମ) ବିଶ୍ୱବିଦ୍ୟାଳୟର ନୂତନ ପରୀକ୍ଷା ନିୟନ୍ତ୍ରକ ଭାବେ ଡ଼କଫର କମଳାକାନ୍ତ ଜେନା ସୋମବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନର ସହାୟକ ଅଧ୍ୟାପକ ( ଷ୍ଟେଜ-୩) ଡ଼କଫର କମଳାକାନ୍ତ ଜେନା - ରେମୁଣା ହାଇସ୍କୁଲ, ଫକୀରମୋହନ ମହାବିଦ୍ୟାଳୟ ଓ ବାଣୀବିହାରରୁ ଶିକ୍ଷାଲାଭ ଶେଷ କରି ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଡକଫରେଟ ଉପାଧି ଲାଭ କରିଛନ୍ତି ।

**AFFIDAVIT**

By virtue of an affidavit executied before Notary Janmejaya Routray, Bhubaneswar vide Sl. No.102/2026. dtd.07.02.2026. My son shall be treated as Ruturaj Dash, Date of Birth 07.02.2013, S/o-Prafulla Kumar Dash instead of Ruturaj Pradhan, date of birth 17.05.2015, S/o- Ashok Pradhan. And my husband's name to be treated as Prafulla Kumar Dash instead of Ashok Pradhan for all future purposes.

Puspalata Behera (Mother)
Fategarh, Dist-Nayagarh, Odisha

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**
Letter No. 697 Date - 07.2.26

10001/39/2526

**CORRIGENDUM NOTICE**
**Notice No. 697 Date. 07.02.2026**

The date has been as follows in respect of tender call notice for procurement of Orthopaedic consumables to CDM & PHO, Dhenkanal, in the tender notice published vide no. 345 dtd. 19.01.2026 in the same tender process specified below.

| Availability of Tender | | | Date & Time of opening of Tender |
|---|---|---|---|
| From | To | Extended upto | |
| 19.01.2026 10.00 AM | 12.02.2026 5.00 PM | 20.02.2026 5.00 PM | 21.02.2026 11.00 AM |

Other can see the details from Notice Inviting Tender, Item list, available in website www.dhenkanal.odisha.gov.in. Corrigendum if any, shall only be published in the same website.

All other terms and conditions published will remain same as published in the above referred tender notice, Inconvenience, if any is highly regretted.

Sd/-
CDM & PHO-cum-District Mission Director, Dhenkanal

OIPR : 10001/10059/1/25-26/0001

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

13001/67/2526

ପତ୍ର ସଂଖ୍ୟା ୧୬ **ବିଜ୍ଞାପନ** ତା : ୧୫.୦୧.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ଏଲ୍ଆଇଜି-୧୧/୨ (LIG-11/2), ଆୟପୁଆ, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ବୀଣା ଚୌଧୁରୀ, ପିତା- ତରୁଣୀଧର ଚୌଧୁରୀ, ସା/ପୋ-ହିଲପାଟଣା, ଥାନା-ବ୍ରହ୍ମପୁର ସଦର, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ବୀଣା ଚୌଧୁରୀ ଉକ୍ତ ଫ୍ଲାଟଟିକୁ ତୃତୀୟପକ୍ଷ ହସ୍ତାନ୍ତର ଆଧାରରେ ଶ୍ରୀ ନୀଳମାଧବ ଦାଶ, ପିତା: ସ୍ୱର୍ଗତ ରାମଚନ୍ଦ୍ର ଦାଶ, ହାଉସିଂବୋର୍ଡ କଲୋନୀ, ଆୟପୁଆ, ପୋ-ଆୟପୁଆ, ଥାନା-ଗୋପାଳପୁର, ଜିଲ୍ଲା-ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0022

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

13001/69/2526

ପତ୍ର ସଂଖ୍ୟା: ୩୧୦ **ବିଜ୍ଞାପନ** ତା : ୨୮.୦୧.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗ୍ରାହକ ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ବର୍ଣ୍ଣାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ସ୍ୱର୍ଗୀୟା ନିବେଦିତା ତ୍ରିପାଠୀ ସ୍ୱାମୀ- ସ୍ୱର୍ଗତ ସୀତା କାନ୍ତ ତ୍ରିପାଠୀ ସା-ଧର୍ମବିହାର ପୋ/ଥାନା- ଭରତପୁର ଭୁବନେଶ୍ୱର ଜିଲ୍ଲା- ଖୋର୍ଦ୍ଧା | ଘର ନଂ ଏଚଆଇଜି-(ଡି)-୨୨୩ HIG(D)-223 ଧର୍ମବିହାର, ଜାଗମରା, ଭୁବନେଶ୍ୱର | ୧. ଗାୟତ୍ରୀ ମହାପାତ୍ର (ବି.କନ୍ୟା) ୨. ପ୍ରୀତି ମହାପାତ୍ର (ବି.କନ୍ୟା) ୩. ସ୍ୱାତୀ ମହାପାତ୍ର (ବି.କନ୍ୟା) |

ସ୍ୱା/- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0024

**MUNICIPAL OFFICE: KENDRAPARA**
ପୌରପାଳିକା କାର୍ଯ୍ୟାଳୟ : କେନ୍ଦ୍ରାପଡା
E-mail : kendraparamunicipality@gmail.com

13001/55/2526

Notice No. 495 / KM, Date : 02.02.26

**"e" Procurement Notice**

Bid Documents consisting of work, Estimate Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt, website i,e - www.tendersodisha.gov.in.

1. Tender Reference No - EO_KM_04-2025-26
2. Tender ID - 2026_ORULB_125381
3. Total No. of work :- 01 No.
4. Estimated Cost - Rs. 10,97,145/-
5. Period of Completion :- 60 Days
6. Date & time of Bidding :- Dt. 06.02.26 at-10.00 AM to Dt. 16.02.26 at-5.00 PM
7. Last Date & time for receipt of bids in the Portal :- Dt 16.02.26 at-5.00 PM
8. Bids received Online shall be opened on:-Dt. 17.02.26 at-11.00 AM
9. Name & Address of the Officer Inviting Bid:-Executive Officer, Kendrapara Municipality .

Further details can be seen from the procurement portal i,e www.tendersorissa.gov.in

Sd/- Executive Officer
Kendrapara Municipality

OIPR : 13001/13185/1/25-26/0014

**OFFICE OF THE MUNICIPAL COUNCIL, BHADRAK**
**BHADRAK**

13001/65/2526

**TENDER CALL NOTICE**
(Through E-Procurement)
Tender Reference No : BM-BDK-07-2025-26
Tender Call Notice No. 397 / BM / Dt. 03/02/2026
Tender ID No.

1. Name of the work : Indivudual Civil Construction works as per DTCN published in the website.
2. No of works put to tender : 50 Nos' individual civil construction works
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of bid document in the portal : From 10.00 hours of Dt. 09.02.26 to 17.00 hours of Dt. 18.02.26
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt. 19.02.2026
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak.

Further details can be seen from the e-procurement portal "https://tendersorissa.gov.in" or "http://tenders.ori.nic.in/nicgep/app".

Sd/- Executive Officer
Bhadrak Municipality

OIPR : 13001/13152/1/25-26/0001

25001/17/2526

Email ID-cuttackrw2nd@yahoo.co.in
Telephone / Fax No. (0671 )-2445119

**GOVERNMENT OF ODISHA**
**O/O THE SUPERINTENDING ENGINEER,**
**RURAL WORKS DIVISION-II, CUTTACK**
**e-procurement Notice for Building Work**
Bid Identification No. SECTC-II-32 of 2025-26 dt. 22.01.2026

1. Number of the work : 13 (Thirteen) number of Buildings for the year 2025-2026.
2. Estimated Cost. (Approx) : Rs. 58.71 lakh to Rs. 77.77 lakh
3. Period of completion : 12 (Twelve) calendar months
4. Date & time of sale & receipt of bid document online : From: 18.02.2026 at 11:00AM To : 05.03.26 at 5:30 PM
5. Date & time of opening of Technical bid : 06.03.2026 at 11:30 AM
6. Date & time of opening of Financial bid. : To be intimated later on
7. Name and address of Inviting Officer : Superintending Engineer, R. W. Division-II, Cuttack, Nayabazar, Cuttack-753004

Further details can be seen from the State Govt, portal https://tendersorissa.gov.in

Sd/- Superintending Engineer
R. W. Division-II, Cuttack

OIPR : 25001/25095/1/25-26/0017

1001/13/2526

E Procurement Notice
GOVERNMENT OF ODISHA
OFFICE OF THE EXECUTIVE ENGINEER OF HORTICULTURE (NORTHERN ZONE),
AT/PO- FARM ROAD, SAMBALPUR-768002 (email: eenzsbp@gmail.com)
Notice No.: 312 / EE / Hort / NZ Dated 05-02-2026
Bid Identification No. 09 / Hort. / NZ / 2025-26 Dt. 05-02-2026

| | | | |
|---|---|---|---|
| 01 | Total Nos. of works | : | Twenty Three |
| 02 | Estimated cost | : | Rs. 427640.84/- to Rs. 4166042.93/- |
| 03 | Period of completion | : | 90 days to 120 days |
| 04 | Date & Time of availability of bid document in the portal | : | From 10.00 Hrs. of 09-02-2026 to 17.00 Hrs. of 18-02-2026 |
| 05 | Last date & time of dropping of copies of uploaded documents, draft, affidavits, Schedules etc. in the tender box at the office of the undersigned at Farm Road, Sambalpur -768002. | : | From 10:00 AM of 18-02-2026 to Before 17.00 Hrs. of 21-02-2026 |
| 06 | Date & Time of Opening of bids | : | 10.30 AM. of 23-02-2026 onwards |
| 07 | Name and Address of the officer inviting bid | : | Executive Engineer (Agril.), Northern Zone, Horticulture, At/PO -Farm Road, Sambalpur, Pin-768002. |

Further details can be seen from the web site www.tendersodisha.gov.in

Sd/- Executive Engineer, (Agril.)
Northern Zone, Horticulture, Sambalpur

OIPR : 1001/1465/1/25-26/0001

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-II. BHADRAK.**
ee_rwbdk2@yahoo.co.in
"e" Procurement Notice for Building Works
Identification Online Tender27/RWD/BDK-II/2025-26 Dtd.05.02.2026

25001/51/2526

1. Name of the Work : Building Works as per Annexure
2. Total Number of Works : 13 Nos
3. Approximate Estimated Cost : Rs. 10.32 lakhs -46.10 lakhs
4. Class of Contractor : As Per Annexure
5. Period of Completion : As Per Annexure
6. Type of Tender : Single Cover
7. Other details : The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II Bhadrak | 27 | 11.02.2026 At 12.30 P.M. | 17.02.2026 up to 3.00 P.M. | 16.02.2026 up to 3.00 P.M. | 17.02.2026 at 4.00 P.M. |

8. Further details can be seen from the e-procurement portal "https:// www.tendersorissa.gov.in"
9. Any other changes / Corrigendum may be seen only in website www.tendersorissa.gov.in

Sd/- Superintending Engineer
R.W. Division-II, Bhadrak

OIPR : 25001/25090/1/25-26/0001

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଯାନ୍ତ୍ରିକ ବିଭାଗ, ଭୁବନେଶ୍ୱର-୩
ଇ ମେଲ୍-smdivisionbbsr@yahoo.com
ଦୂରଭାଷ - ୦୬୭୪-୨୫୬୧୮୨୭

**OFFICE OF THE SUPERINTENDING ENGINEER MECHANICAL DIVISION, BHUBANESWAR-3**
Email Id-smdivisionbbsr@yahoo.com
Ph. No-0674-2561827

32001/48/2526

No. SEMDB-EST(V) / 2024-25/ ________ Date : ________

**TENDER CALL NOTICE NO-23/V/2025-26 Dated - 06.02.2026**

Sealed tenders are invited from interested reputed Travel Agencies / Tour Operators for providing different type of vehicles with driver for official use of officers in the O/o the EIC, Secha Sadan, Bhubaneswar, DoWR, Odisha on monthly rent basis. The detailed Tender Documents can be downloaded from https://odisha.gov.in or https://dowr.odisha.gov.in.

| | | |
|---|---|---|
| Tender Publication Date | : | 10.02.2026, 11:00 A.M. |
| Tender Submission Start Date | : | 10.02.2026, 11:00 A.M. |
| Tender Submission Closing Date | : | 18.02.2026, 3:00 P.M. |
| Tender Opening Date | : | 18.02.2026, 4:00 P.M. Onwards (in the office chamber of Superintending Engineer, Mechanical Division, Bhubaneswar) |

Sd/- Superintending Engineer
Mechanical Division,
Bhubaneswar

OIPR : 32001/32385/1/25-26/0001

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କର ୨୦ ହଜାର କର୍ଣ୍ଣିଆ ସଂଗ୍ରହର

# ଐତିହାସିକ ସଫଳତା ପାଳନ ଉତ୍ସବରେ ଯୋଗ ଦେଲେ ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥ ଏଲ୍. ଭି. ପ୍ରସାଦ ଚକ୍ଷୁ ସଂସ୍ଥାନ ମିଠୁ ତୁଳସୀ ଚନରାଇ କ୍ୟାମ୍ପସ ଅଧୀନରେ କାର୍ଯ୍ୟରତ ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ସଫଳତା



ହାସଲ କରିଛି। ଏହି ଚକ୍ଷୁ ବ୍ୟାଙ୍କ ଏପର୍ଯ୍ୟନ୍ତ ୨୦,୦୦୦ ଟି କର୍ନିଆ (ସ୍ୱଚ୍ଛ ପଟଳ) ସଂଗ୍ରହ କରି ହଜାର ହଜାର ଅନ୍ଧ ଓ ଦୃଷ୍ଟିହୀନ ଲୋକଙ୍କୁ ପୁନର୍ବାର ଦେଖିବାର ସୁଯୋଗ ଦେଇଛି। ଏହି ସଫଳତା ପୂର୍ବ ଭାରତର ଚକ୍ଷୁ ବ୍ୟାଙ୍କିଂ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ସଫଳତା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ମହାମହିମ ରାଜ୍ୟପାଳ କମ୍ଭମପତି ହରି ବାବୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଖି ଦାନ ଆନ୍ଦୋଳନରେ ଯେଉଁ ସମସ୍ତ ଦାତା ପରିବାର, ଡାକ୍ତର, ହସ୍ପିଟାଲ୍ କର୍ମଚାରୀ ଓ ସହଯୋଗୀ ସଂସ୍ଥାମାନେ ଅବଦାନ ରଖିଛନ୍ତି, ସେମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ପ୍ରଥମ ପାଂଚ ବର୍ଷରେ ମାତ୍ର ୩୦ ଟି କର୍ନିଆ ସଂଗ୍ରହ ସହ ଆରମ୍ଭ ହୋଇଥିବା ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କର ଏହି ଯାତ୍ରା ଆଜି ଭାରତର ଅଗ୍ରଣୀ ଚକ୍ଷୁ ବ୍ୟାଙ୍କମାନଙ୍କ ମଧ୍ୟରେ ସ୍ଥାନ ପାଇଛି। ଏଠାରେ ସଂଗ୍ରହ କରାଯାଇଥିବା କର୍ଣ୍ଣିଆଗୁଡ଼ିକ ଦ୍ୱାରା ଆଖିର ଗୁରୁତର ରୋଗୀମାନଙ୍କର ବିଭିନ୍ନ ପ୍ରକାର ଅପରେସନ୍ ଓ ଚିକିତ୍ସା କରାଯାଉଛି। ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କ ବର୍ତ୍ତମାନ ଓଡ଼ିଶାରେ ଉଚ୍ଚ ଗୁଣମାନର ଆଖି ଚିକିତ୍ସା ସେବା ଯୋଗାଇ ଆସୁଛି। ଏଲଭିପିଇଆଇ ଚକ୍ଷୁ ସଂସ୍ଥାନର କେନ୍ଦ୍ରୀୟ ହବ୍ସ ହସ୍ପିଟାଲ୍ କର୍ନିଆ ରିଟ୍ରିଭାଲ୍ ପ୍ରୋଗ୍ରାମ୍ ଏବଂ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ୍ ସହ ସଂଯୁକ୍ତ ମଡେଲ୍ ମାଧ୍ୟମରେ କାର୍ଯ୍ୟ କରୁଛି। ଏହା କର୍ଣ୍ଣିଆ ସଂଗ୍ରହ ଏବଂ ବିତରଣ କାର୍ଯ୍ୟରେ ସହଯୋଗ କରି ଗ୍ରାମୀଣ ଏବଂ ଅର୍ଦ୍ଧ-ସହର ଅଂଚଳର ଲୋକମାନଙ୍କ ପର୍ଯ୍ୟନ୍ତ ଚକ୍ଷୁ ବ୍ୟାଙ୍କିଂ ସେବା ପହଂଚାଇଥାଏ। ଏହି ବ୍ୟବସ୍ଥା ମାଧ୍ୟମରେ ସହର ସହିତ ଗ୍ରାମ ଓ ଅର୍ଦ୍ଧ-ସହର ଅଂଚଳର ଲୋକମାନେ ମଧ୍ୟ ଆଖି ଦାନ ସେବାର ଲାଭ ପାଉଛନ୍ତି।

କେନ୍ଦ୍ରୀୟ ହସ୍ପିଟାଲରେ ଆଧୁନିକ ଯନ୍ତ୍ରପାତି ସହ ଲାମେଲାର କର୍ଣ୍ଣିଆ ଟିସ୍ୟୁ ପ୍ରସ୍ତୁତ କରାଯାଉଛି। ସଂଗ୍ରହ ହୋଇଥିବା ପ୍ରତ୍ୟେକ କର୍ଣ୍ଣିଆକୁ ଭଲଭାବେ ପରୀକ୍ଷା କରାଯାଇ ଗୁଣମାନ ଯାଂଚ ପରେ ରୋପଣ କିମ୍ବା ଗବେଷଣା ପାଇଁ ବ୍ୟବହାର କରାଯାଏ। ୨୦୧୬ ମସିହାଠାରୁ ଡିଡିଇବି ଉନ୍ନତ ଆଖି ଅପରେସନ୍ ପାଇଁ ପ୍ରି-କଟ୍ କର୍ଣ୍ଣିଆ ମଧ୍ୟ ପ୍ରସ୍ତୁତ କରୁଛି। ଏହି ଅବସରରେ ମହାମହିମ ରାଜ୍ୟପାଳ ଶ୍ରୀ କମ୍ଭମପତି ହରି ବାବୁ କହିଥିଲେ, ୨୦,୦୦୦ କର୍ଣ୍ଣିଆ ସଂଗ୍ରହ ଓଡ଼ିଆ ଜନତାଙ୍କର ଦୟା, ଧୈର୍ଯ୍ୟ ଓ ମାନବିକତାର ପ୍ରତୀକ। ଏହା ଅନେକ ଲୋକଙ୍କ ଜୀବନକୁ ଆଲୋକିତ କରିଛି ଏବଂ ଆମ ସମସ୍ତଙ୍କୁ ଆଖି ଦାନ ପାଇଁ ପ୍ରେରଣା ଦେଉଛି। ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କର ମେଡିକାଲ୍ ଡାଇରେକ୍ଟର ଡା. ସୁଜାତା ଦାସ କହିଥିଲେ, ଏହି ସଫଳତା ହେଉଛି ଆମ ଟିମର ଦୁଇ ଦଶକର ନିରବ ପରିଶ୍ରମ ଓ ସମର୍ପଣର ପରିଣାମ। କ୍ୟାମ୍ପସ ମୁଖ୍ୟ ଡା. ଉମେଶ ଚନ୍ଦ୍ର ବେହେରା କହିଥିଲେ ୨୦,୦୦୦ କର୍ଣ୍ଣିଆ ସଂଗ୍ରହ ଆମ ହବ୍-ଏଣ୍ଡ-ସ୍ପୋକ୍ ମଡେଲ୍ ଓ ଦାତା ପରିବାରମାନଙ୍କର ଅତୁଟ ସହଯୋଗକୁ ପ୍ରତିବିମ୍ବିତ କରେ।

## ୧୨ରେ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବାକୁ ସଭା

କଟକ, (ସବ୍ୟୁ):ଫେବୃଆରୀ ୧୨ ସାଧାରଣ ଧର୍ମଘଟକୁ ସଫଳ କରିବାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ, ବିଭିନ୍ନ ସ୍ୱାଧୀନ ଫେଡେରେସନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଆଭିମୁଖ୍ୟ ବିରୁଦ୍ଧରେ ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଓ ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଫେବୃଆରୀ ୧୨ ତାରିଖ ସାଧାରଣ ଧର୍ମଘଟ କୁ ସଫଳ କରିବାକୁ ଶ୍ରମିକ ସଂଗଠନ ଗୁଡିକର ନେତୃବର୍ଗ ଆହ୍ୱାନ କରିଥଲେ। ୪ଟି ଶ୍ରମ କୋଡ଼ ତୁରନ୍ତ ବାତିଲ କରିବା, ମନେରଗା ଯୋଜନା ବଦଳରେ ଭି ବି ଜି - ରାମ ଜୀ ୨୦୨୫ ଆଇନ କରି ଶ୍ରମିକ ବିରୋଧୀ ଆଭିମୁଖ୍ୟ ବନ୍ଦ କରିବା, ବିହନ ବିଲ୍ - ୨୦୨୫ ବାତିଲ କରିବା, ଫସଲର ସହାୟକ ମୂଲ୍ଯ ଆଇନ ସମ୍ମତ କରିବା, ଧାନର ଅଭାବି ବିକ୍ରି ରୋକିବା, ବିଦ୍ୟୁତ (ସଂଶୋଧନ) ବିଲ୍ - ୨୦୨୨ ପ୍ରତ୍ୟାହାର କରିବା, ସ୍ମାର୍ଟ ମିଟର ଓ ଅତିରିକ୍ତ ଅମାନତ ସୁରକ୍ଷା ଜମା ନୋଟିସ ବାତିଲ କରିବା ଓ ସଂଗଠିତ, ଅଣସଂଗଠିତ କ୍ଷେତ୍ରର ଶ୍ରମିକ ଏବଂ କର୍ମଚାରୀମାନଙ୍କ ବିଭିନ୍ନ ଦାବିରେ ହେଉଥିବା ଧର୍ମଘଟକୁ ସଫଳ କରବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ଧାନ କିଣାରେ ଚାଷୀ ଭୋଗୁଥିବା ସମସ୍ୟାର ସମାଧାନ କର

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟରେ ଧାନ ସଂଗ୍ରହ ସମୟରେ ମଣ୍ଡିରେ ଚାଷୀମାନେ ହେଉଥିବା ହଇରାଣ ହରକତ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ଚାଷୀମାନଙ୍କର ଅଭିଯୋଗଗୁଡ଼ିକର ସମାଧାନରେ ସରକାରଙ୍କ ବିଫଳତା ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ ତୀବ୍ର କରୁଛି। ତେଣୁ ଆଶା କରୁଛି ଯେ ସରକାର ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପାଥମିକତା ଭିତ୍ତିରେ ପଦକ୍ଷେପ ନେବେ ଏବଂ ନିର୍ବାଚନ ସମୟରେ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବେ।

ନୀବନ ଉଲ୍ଲେଖ କରିଛନ୍ତି ଯେ ନିର୍ବାଚନ ସମୟରେ ବିଜେପି ନିର୍ବାଚନ ଇସ୍ତାହାରରେ ଦୁଇ ନମ୍ବର ବିନ୍ଦୁରେ ଉଲ୍ଲେଖ କରିଥିଲେ ଯେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ସହ କଟନୀ ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବେ। କିନ୍ତୁ ବାସ୍ତବ ସ୍ଥିତି ହେଉଛି ମଣ୍ଡିଗୁଡ଼ିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟିଛି। ଆର୍ଦ୍ରତା ଓ ନିମ୍ନମାନର ଧାନ ଆଜି ବିଭିନ୍ନ ଆଳରେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫ ରୁ ୭ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଛି। ଏହା ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହେଉଛି। ମିଲର ଓ ସ୍ଥାନୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଇପାରୁନାହାନ୍ତି। ସବୁ ଚାଷୀ ଭାଇ, ଭଉଣୀଙ୍କୁ କ୍ୱିଣ୍ଟାଲ ପିଛା ଇନ୍‌ପୁଟ୍ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଥିଲେ। ମାତ୍ର ଏବେ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଂ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭାଙ୍ଗିବାର ଉଦାହରଣ। ଚାଷୀଙ୍କୁ ସେମାନଙ୍କ ସମଗ୍ର ଉତ୍ପାଦନ ଉପରେ ୩୧୦୦ ଟଙ୍କା ଦେବାପାଇଁ ସରକାରଙ୍କ ପଛଘୁଞ୍ଚା କାହିଁକି। ମଣ୍ଡିଗୁଡିରେ ଅବ୍ୟବସ୍ଥା ଆଶ୍ଚର୍ଯ୍ୟ କରୁଛି। ଧାନକୁ କାକର ଓ ଚୋରୀରୁ ରକ୍ଷା କରିବା ପାଇଁ ଚାଷୀମାନେ ରାତିସାରା ଜଗି ରହୁଛନ୍ତି। ମଣ୍ଡିଗୁଡ଼ିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାର ବିଫଳତା ଏବଂ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀମାନଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ କରୁଛି। ଚାଷୀ ତା'ର ଋଣ ପରିଶୋଧ କରିବା ପାଇଁ ବାଧ ହୋଇ ସର୍ବନିମ୍ନ ସହାୟକ ମୂଲ୍ୟ ଠାରୁ କମ୍ ଦରରେ ଧାନ ବିକୁଛି। ଓଡ଼ିଶା ଚାଷୀ କାହାର ଦୟା ଚାହାଁନ୍ତି ନାହିଁ। କଟନୀ ଛଟନୀ ବନ୍ଦ କରିବା ପାଇଁ ତୁରନ୍ତ ମଣ୍ଡିଗୁଡ଼ିକରେ ସ୍ପେଶାଲ ସ୍କ୍ୱାର୍ଡ ନିୟୋଜିତ କରାଯାଉ। ଇନ୍‌ପୁଟ୍ ସବ୍‌ସିଡି ପାଇଁ ଧାର୍ଯ୍ୟ ୧୫୦ କ୍ୱିଣ୍ଟାଲ ସେଲିଂକୁ ପ୍ରତ୍ୟାହାର କରିବା ସହ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ମିଳୁ। ୭୨ ଘଣ୍ଟା ମଧ୍ୟରେ ମଣ୍ଡିଗୁଡ଼ିକରେ ଖୋଲାରେ ପଡ଼ିଥିବା ସବୁ ଧାନ ଉଠୁ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# କାଳିମେଘା ମେଳନରେ ଡିଜେ ବ୍ୟବହାର ନିଷିଦ୍ଧ କରିବାକୁ ଗ୍ରାମ୍ୟ କମିଟିର ଅନୁରୋଧ

ତିହିଡି,(ସବ୍ୟୁ): ତିହିଡିର ଐତିହାସିକ କାଳିମେଘା ମେଳନ ପାଳନ ଲାଗି ୨ୟ ପ୍ରାକ୍ ପ୍ରସ୍ତୁତି ବୈଠକ ରବିବାର ଦିନ ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ତେବେ ଶିଶୁ, ବୃଦ୍ଧ/ବୃଦ୍ଧା ଓ ରୋଗଗ୍ରସ୍ତ ବ୍ୟକ୍ତି ସର୍ବୋପରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା, ଡିଜେ ଦୁର୍ଘଟଣା ଯୋଗୁଁ ହେଉଥିବା ଧନଜୀବନ ହାନୀରୁ ବର୍ତ୍ତିବା ତଥା ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ଲାଗି ବିମାନ ଶୋଭାଯାତ୍ରାରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ କାଳିମେଘା ଓ ମୁକୁନ୍ଦପୁର ଗ୍ରାମ୍ୟ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଫଳରେ ମେଳନ କମିଟି, ଜିଲ୍ଲା ଓ ସ୍ଥାନୀୟ ପୋଲିସ ପ୍ରଶାସନ ନିକଟରେ ଆଗତ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ମେଳନ କମିଟିର ସ୍ଥାୟୀ ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ଭାବେ ଉପସ୍ଥିତ ଥିବା ଉମାକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତିହିଡି ଥାନାଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଯୋଗ ଦେଇ ଉଭୟ ଗ୍ରାମ୍ୟ କମିଟିର ପ୍ରସ୍ତାବ ଗ୍ରହଣୀୟ ଓ ସ୍ୱାଗତଯୋଗ୍ୟ ବୋଲି କହିବା ସହ ପୋଲିସ ପ୍ରଶାସନ ପକ୍ଷରୁ ମେଳନରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ନେଇ ସବୁପ୍ରକାର



ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୋଲିସ ପ୍ରଶାସନର ଏହି ନିଷ୍ପତ୍ତିକୁ ମେଳନ କମିଟି ପକ୍ଷରୁ ଗ୍ରହଣ କରାଯିବା ସହିତ ମେଳନର ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରେ ରଖି ଠାକୁରବାଡିଆମାନେ ମେଳନକୁ ଡିଜେ ବାଜା ନ ଆଣି ବରଂ ପାରମ୍ପରିକ ବାଦ୍ୟ ଆଣିବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ଗଣେଶ ପ୍ରସାଦ ନାୟକ, ଅପୂର୍ବ ରଞ୍ଜନ ଦାସ, ପ୍ରଜ୍ଞା ପ୍ରଜ୍ୱଳିତ ମହାପାତ୍ର, ପ୍ରଫୁଲ କୁମାର ରାଉତ, ହରିଶ୍ଚନ୍ଦ୍ର ମିଶ୍ର, ପ୍ରଦୀପ ମହାପାତ୍ର, ନୃସିଂହ ସେନାପତି, ଅଭୟ ନାୟକ ଓ ରତ୍ନାକର ପଣ୍ଡା ପ୍ରମୁଖଙ୍କ ସମେତ ଠାକୁର ବାଡିଆ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଅଟୋ - ବାଇକ ମୁହାଁମୁହିଁ : ୩ ଗୁରୁତର

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବଜାର ଉପକଣ୍ଠ ପୁରୁଣା କୋର୍ଟଛକ ନିକଟରେ ସୋମବାର ଅପରାହ୍ଣରେ ଏକ ଯାତ୍ରୀବାହୀ ଅଟୋ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ହେବାରୁ ବାଇକରେ ଥିବା ବାପ, ପୁଅ ଏବଂ ଝିଅ ଗୁରୁତର ଆହତ ହୋଇଥିବା ବେଳେ ମା' ଅଳ୍ପକେ ବର୍ତ୍ତିଯାଇଛନ୍ତି । ବେତନଟୀ ଆଦିବାସୀ ସାହିତ ହିନ୍ଦୁଚରଣ ମାଣ୍ଡିଙ୍କ ପୁଅ ମାନସିଂ ମାଣ୍ଡି(୩୯) ନିଜର ସ୍ତ୍ରୀ ପାର୍ବତୀ ମାଣ୍ଡି(୩୫), ବଡ଼ଝିଅ ପାୟଲ ମାଣ୍ଡି (୧୬) ଏବଂ ପୁଅ ଆୟୁଷ ମାଣ୍ଡି(୭) ଓଡି-୦୧ଏଡି-୨୧୬୧ ନମ୍ବର ବିଶିଷ୍ଟ ବାଇକ ଯୋଗେ ବଡସାହି ଥାନା ଅଧୀନ ପାଉଁଶିଆ ଭୀମମେଳା ଦେଖିବାକୁ ଯାଉଥିବା ବେଳେ ପୁରୁଣା କୋର୍ଟଛକ ଠାରେ ବିପରୀତ ଦିଗରୁ ଆସୁଥିବା ଓଡି-୦୧ଜେ-୩୫୩୧ ନମ୍ବର ବିଶିଷ୍ଟ ଯାତ୍ରୀବାହୀ ଅଟୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଲାଞ୍ଜିଗଡ଼ କାର୍ଯ୍ୟକ୍ଷେତ୍ରରେ କର୍କଟ ସଚେତନତା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଲାଞ୍ଜିଗଡ଼ ଆଲୁମିନା ବିଶୋଧନ କେନ୍ଦ୍ର ନିକଟସ୍ଥ ଅଞ୍ଚଳରେ ଏକ ବିସ୍ତୃତ ଦୁଇ ଦିନିଆ କର୍କଟ ସଚେତନତା ଅଭିଯାନ ଆୟୋଜନ କରିଛି। ଏହି ପଦକ୍ଷେପ ଗ୍ରାମୀଣ ଓଡ଼ିଶା ଏବଂ ଛତିଶଗଡ଼ରେ ରୋଗୀ ଅନୁକୂଳ କର୍କଟ ସେବା ପ୍ରତି କମ୍ପାନି ନିଜର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ଉଦ୍ୟମରେ ୫୦୦ରୁ ଅଧିକ ଲୋକ ଯେଉଁମାନଙ୍କ ମଧ୍ୟରେ ପ୍ରଥମ ଧାଡ଼ିର ଆରୋଗ୍ୟକର୍ମୀ ଓ ଛାତ୍ରଛାତ୍ରୀ ରହିଥିଲେ ସେମାନେ କର୍କଟ ପ୍ରତିରୋଧ, ପ୍ରାରମ୍ଭିକ ସନ୍ଧାନ ଏବଂ ସୁଲଭ ଚିକିତ୍ସା ପଦ୍ଧତି ବିଷୟରେ ଜ୍ଞାନ ହାସଲ କରିଛନ୍ତି। ଏହି ଅଭିଯାନର ଅଂଶ ଭାବେ କାଙ୍କେରୀ ଗାଁରେ ଏକ ସମ୍ପ୍ରଦାୟ କେନ୍ଦ୍ରିତ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯେଉଁଠି ଅଧିବାସୀମାନେ ଚିକିତ୍ସକଙ୍କ ସହିତ ସିଧାସଳଖ ଆଲୋଚନା କରି କର୍କଟ ସନ୍ଧାନ, ଚିକିତ୍ସା ଏବଂ ଆରୋଗ୍ୟ ଲାଭ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ । ଚିକିତ୍ସା



ବିଶେଷଜ୍ଞତାକୁ ଜନସାଧାରଣ ସହିତ ଯୋଡ଼ି ଏହି କାର୍ଯ୍ୟକ୍ରମ ଅଞ୍ଚଳର କେତେକ ଦୁର୍ଗମ ଅଞ୍ଚଳକୁ ଜୀବନରକ୍ଷାକାରୀ ସଚେତନତା ପହଞ୍ଚାଇଛି। ଏହି ଉଦ୍ୟମରେ ଚିକିତ୍ସା ବିଶେଷଜ୍ଞଙ୍କ ନେତୃତ୍ୱରେ ଆଗଧାଡିର ସ୍ୱାସ୍ଥ୍ୟକର୍ମୀ, ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟ ସଦସ୍ୟଙ୍କ ପାଇଁ ନିର୍ଦ୍ଦିଷ୍ଟ ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଲାଞ୍ଜିଗଡ଼ ବ୍ଲକ୍ କାର୍ଯ୍ୟାଳୟରେ ଉଦଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଙ୍ଗନବାଡି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ) ଓ ଆଶା କର୍ମୀଙ୍କ ପାଇଁ ସଚେତନତା ଅଧିବେଶନ ସହିତ ଆରମ୍ଭ ହୋଇଥିଲା।

ଏହି ଉଦ୍ୟମ ଏସଏସଡି ବିଦ୍ୟାଳୟ ଏବଂ ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଭଳି ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସାମିଲ କରିଛି। ପ୍ରାରମ୍ଭିକ ଲକ୍ଷଣ ଏବଂ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ଜୀବନଶୈଳୀ କାରକଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଯୁବପିଢ଼ିଙ୍କୁ ଯୋଡ଼ି ଏହି ଅଭିଯାନ କର୍କଟ ବିଷୟରେ ସାମାଜିକ କଳଙ୍କକୁ ଦୂର କରିବା ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଦୂତ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବା ଲକ୍ଷ୍ୟ ରଖିଥିଲା । ଏହି ଉଦ୍ୟମ ଉପରେ ମତ ଦେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, "ଆମେ ଦୃଢ଼ ଭାବରେ ବିଶ୍ୱାସ କରୁ ଯେ ଉତ୍କୃଷ୍ଟ ଆରୋଗ୍ୟ ସେବା ପହଞ୍ଚିବା ସାମାଜିକ-ଅର୍ଥନୈତିକ ପ୍ରଗତିର ଏକ ଉତ୍ପ୍ରେରକ । ବେଦାନ୍ତ ଲାଞ୍ଜିଗଡ଼ରେ ଆମେ ଆମ ଚାରିପାଖର ସମ୍ପ୍ରଦାୟଗୁଡ଼ିକର ମଙ୍ଗଳପାଇଁ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ପ୍ରତିବଦ୍ଧ ଅଟୁ।

# ବିଦ୍ୟାର୍ଥୀମାନେ ଦେଶ ଗଠନରେ ପ୍ରମୁଖ ଭୂମିକା ନିଅନ୍ତୁ : ଡଃ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ଥିତ ରାଜଧାନୀ ସରକାରୀ ମହାବିଦ୍ୟାଳୟର ରାଜଧାନୀ ଷ୍ଟୁଡେଣ୍ଟ ୟୁନିଟି ପକ୍ଷରୁ "ରାଜଧାନୀ ଫେଷ୍ଟ ୨୦୨୬" ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଯୋଗଦାନ କରି ବିଦ୍ୟାର୍ଥୀମାନେ ଦେଶକୁ ସଂସ୍କୃତି ସମ୍ପର୍ଣ୍ଣ, ଗୁଣିବାନ ଓ ବିକଶିତ କରିବା ଦିଗରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିଧାୟକ ତଥା ବିଶିଷ୍ଟ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଯୋଗଦାନ କରିଥିଲେ। ବିଦ୍ୟାର୍ଥୀମାନେ ଓଡିଶାର ପାରମ୍ପରିକ ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କ ମନ ମୋହିଥିଲେ।

# ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ୍ ଟ୍ରଷ୍ଟର ଦ୍ୱାଦଶ ଅଧିବେଶନ

ଭୁବନେଶ୍ୱର (ସବ୍ୟୁ): ରବିବାର ସନ୍ଧ୍ୟାରେ ୟୁନିଟ୍-୯ ସ୍ଥିତ ଭୁବନେଶ୍ୱର, ରୋଟାରୀଭବନ ଠାରେ ଶାନ୍ତନୁ ଆଚାର୍ଯ୍ୟ ଫାଉଣ୍ଡେସନ୍ ଟ୍ରଷ୍ଟର ଦ୍ୱାରା ଦ୍ୱାଦଶ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ଆଲୋଚନା ର ବିଷୟବସ୍ତୁ ଥିଲା " ବିଶ୍ୱଜ୍ଞାନ – ବିଜ୍ଞାନ ପରମ୍ପରାରେ ପଞ୍ଚସଖା ଓ ସେକ୍ସପିୟର। ଏହି ଅଧିବେଶନରେ ଦୁଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ପ୍ରଫେସର କ୍ଷୀରୋଧ ଚନ୍ଦ୍ର ବେହେରା। ପ୍ରଫେସର ଚିତ୍ତ ରଂଜନ ମିଶ୍ର ଉପସ୍ଥିତ ରହି ତାଙ୍କ ବକ୍ତବ୍ୟରେ ବିଶ୍ୱ ଜ୍ଞାନବିଜ୍ଞାନ ପରମ୍ପରାରେ ସେକ୍ସପିୟର ବିଷୟରେ ଆଲୋଚନା କରିଥିଲେ ଏବଂ ତାଙ୍କ ସାହିତ୍ୟରେ କୁହୁକ ବାସ୍ତବତା ଉପରେ ଆଲୋଚନା କରିଥିଲେ। ବିଶ୍ୱ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟର ତୁଳନା କରି ଓଡ଼ିଆ ସାହିତ୍ୟ କୌଣସି ଗୁଣରେ କମ ନୁହେଁ ପ୍ରତିପାଦନ କରିଥିଲେ। ପ୍ରଫେସର କ୍ଷୀରୋଦ ଚନ୍ଦ୍ର ବେହେରା ବିଶ୍ୱ ଜ୍ଞାନ ବିଜ୍ଞାନ ପରମ୍ପରା ରେ ପଞ୍ଚସଖା ଆଲୋଚନା କରିଥିଲେ। ଓଡ଼ିଆ ଭାଷା ସଂସ୍କୃତିର ଔଲକିକତା ତଥା ଜଗନ୍ନାଥ ସଂସ୍କୃତି କିପରି ବିଶ୍ୱର ସର୍ବତ୍ର ପ୍ରସାରିତ ଆଲୋଚନା କରିଥିଲେ। ଦୁଇ ଅତିଥିଙ୍କୁ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଡ଼. ଇତି ସାମନ୍ତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭା ରେ ପକ୍ଷୀଘର ସମ୍ପାଦକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ନିବେଦିତା ପତି । ଟ୍ରଷ୍ଟର ସଂପାଦିକା ପ୍ରତିଭା ପଣ୍ଡା କାର୍ଯ୍ୟାବଳି ସମ୍ବନ୍ଧରେ ସମ୍ୟକ ସୂଚନା ସହିତ ଧନ୍ୟବାଦ ଅର୍ପଣ କରି ଥିଲେ ।

### ପରିବାର ନିୟୋଜନ ଅସ୍ତ୍ରୋପଚାର ପରେ ପୁନର୍ବାର ଗର୍ଭବତୀ ହେବା ପ୍ରସଙ୍ଗ

## ଓଏଚ୍‌ଆରସିଙ୍କ ଆଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

କଟକ,(ସବ୍ୟୁ): ଜଣେ ମହିଳାଙ୍କର ପରିବାର ନିୟୋଜନ ତଥା ବନ୍ଧ୍ୟାକରଣ କରାଯିବା ପରେ ସେ ପୁନର୍ବାର ଗର୍ଭବତୀ ହେବା ଘଟଣାରେ ରାଜ୍ୟ ମାନବାଧିକାର କମିସନ(ଓଏଚ୍‌ଆରସି) ସମ୍ପୃକ୍ତ ମହିଳାଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଆଜି ଏହି ମାମଲାର ଶୁଣାଣି କରି ଓଏଚ୍‌ଆରସିଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ୨୦୨୧ ଜାନୁଆରୀ ୭ତାରିଖରେ ଗଞ୍ଜାମର ଡି. କୈଳାସ ଦୋରାଙ୍କ ପତ୍ନୀ ବନିତା ଦୋରା ସ୍ଥାନୀୟ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟୋଜନ କରିଥିଲେ । ଏହି ପରିବାର ନିୟୋଜନ ପରେ ମଧ୍ୟ ବନିତା ଦୋରା ପୁନର୍ବାର ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ସେ ଗର୍ଭ ନଷ୍ଟ କରିଥିଲେ। ଏନେଇ ପ୍ରଥମେ ଜାତୀୟ ମାନବାଧିକାର କମିସନ(ଏନ୍‌ଏଚ୍‌ଆରସି)ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଏନ୍‌ଏଚ୍‌ଆରସି, ଓଏଚ୍‌ଆରସିକୁ ପଠାଇ ଦେଇଥିଲେ। ଓଏଚ୍‌ଆରସି ଏହି ମାମଲାର ଶୁଣାଣି କରି ସମ୍ପୃକ୍ତ ମହିଳାଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ନିୟମ ଅନୁଯାୟୀ ଯଦି କୌଣସି ମହିଳାଙ୍କର ପରିବାର ନିୟୋଜନ ପରେ ମଧ୍ୟ ସେ ଗର୍ଭବତୀ ହୁଅନ୍ତି ତାହେଲେ ତାଙ୍କୁ ୬୦ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଓଏଚ୍‌ଆରସି ୫ଲକ୍ଷ ଟଙ୍କାର କ୍ଷତିପୂରଣ ଆଦେଶ ଦେଇ ଭୁଲ୍ କରିଛନ୍ତି। ଏହି ଆଦେଶକୁ ରଦ୍ଦ ପାଇଁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି କରି ଓଏଚ୍‌ଆରସିଙ୍କ ଏହି ଆଦେଶ ଉପରେ ରହିତାଦେଶ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଏଏସ୍‌ସି ତେଜ କୁମାର ପରିଚାଳନା କରୁଛନ୍ତି ।

# ପଶ୍ଚିମ ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ବୃଦ୍ଧି କରି ବଡ଼ ଧରଣର ନିଯୁକ୍ତି ସୃଷ୍ଟି କରାଯାଇପାରିବ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଏମଏସଏମଇ ନେତୃତ୍ୱାଧୀନ ସମ୍ପ୍ରସାରଣ ଏବଂ ଉତ୍ପାଦନ ଉପରେ ଧ୍ୟାନ ଦେଇ ପଶ୍ଚିମ ଓଡ଼ିଶାର ସାମୁହିକ ସଂଗଠନଗୁଡ଼ିକ କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ନିଯୁକ୍ତି ସୃଷ୍ଟି କରିବା ପାଇଁ ଏମଏସଏମଇ ୟୁନିଟ ଗୁଡ଼ିକର ସମ୍ପ୍ରସାରଣ ପାଇଁ ଦାବି ଉଠାଇଛନ୍ତି। ସ୍ଥାନୀୟ ପ୍ରତିନିଧିମାନେ କୁହନ୍ତି ଯେ ଏହି ଅଂଚଳରେ କିଛି ମେଗା ପ୍ଲାଂଟ ଅଛି, କିନ୍ତୁ ସେମାନେ ନୂତନ ନିଯୁକ୍ତି ସୃଷ୍ଟି କରିପାରୁନାହାଁନ୍ତି କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଖାଦ୍ୟ ଏମଏସଏମଇ ନାହିଁ। ଏହି ଅଂଚଳରେ ପ୍ରମୁଖ ଆଲୁମିନିୟମ ସମ୍ପିର ଉପସ୍ଥିତି ସତ୍ତ୍ୱେ, ସ୍ଥାନୀୟ ନିଯୁକ୍ତି ଇକୋସିଷ୍ଟମ ସ୍ଥଗିତ ରହିଛି କାରଣ କଂଚାମାଲ ସଂଯୋଗୀକରଣର ସୀମାବଦ୍ଧତା ଯୋଗୁଁ ଏହି ପ୍ଲାଂଟଗୁଡ଼ିକ କ୍ଷମତା ତଳେ କାର୍ଯ୍ୟ କରୁଛନ୍ତି। ଶିଳ୍ପ ମୂଲ୍ୟାଙ୍କନ ଦର୍ଶାଉଛି ଯେ ଖଣିଜ ସମୃଦ୍ଧ ଅଂଚଳରେ ଅଣ-କୃଷୀ ଶିଳ୍ପ ନିଯୁକ୍ତିର ପ୍ରମୁଖ ଅଂଶ ଏମଏସଏମଇ ଅଟନ୍ତି। ଏହି ଉଦ୍ୟୋଗଗୁଡ଼ିକ ନିର୍ମାଣ, ପରିବହନ ଫ୍ଲିଟ୍, ଉପକରଣ ରକ୍ଷଣାବେକ୍ଷଣ, ପ୍ୟାକେଜିଂ, ସିଭିଲ୍ କାର୍ଯ୍ୟ, ଗୋଦାମ ଏବଂ ଇଞ୍ଜିନିୟରିଂ ସେବାଗୁଡ଼ିକୁ ବିସ୍ତାର କରନ୍ତି । ଯେତେବେଳେ ଉପରମୁଣ୍ଡ ଶିଳ୍ପ କାର୍ଯ୍ୟକଳାପ ମନ୍ଥର ହୁଏ କିମ୍ବା ବ୍ୟବହାରରେ ନଥାଏ, ସେତେବେଳେ ଏମଏସଏମଇ ଗୁଡିକ ପ୍ରଥମେ କ୍ଷତିଗ୍ରସ୍ତ ହୁଅନ୍ତି।

ସେବା ଜଗତର ପ୍ରତିଷ୍ଠାତା ସଚିବ ସତ୍ୟନାରାୟଣ ପଟ୍ଟନାୟକ କହିଛନ୍ତି ଯେ "ସମ୍ପ୍ରଦାୟ-ଅନୁକୂଳ ଶିଳ୍ପ ଅଭିବୃଦ୍ଧି, ଯେତେବେଳେ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ସେବା ଇକୋସିଷ୍ଟମ ସହିତ ଜଡିତ, ଉତମ ଦରମା ପ୍ରଦାନକାରୀ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖେ, ଏବଂ କୃଷି ଏବଂ ଜଙ୍ଗଲ ଅର୍ଥନୀତି ଉତ୍ପାଦର ଚାହିଦା ମଧ୍ୟ ବୃଦ୍ଧି କରେ। ଏମଏସଏମଇ ଗୁଡିକ ସ୍ୱାଭାବିକ ଭାବରେ ଲଜିଷ୍ଟିକ୍ସ, ଫାବ୍ରିକେସନ୍, ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ସେବା ଏବଂ ଆନୁଷଙ୍ଗିକ ଉତ୍ପାଦନ ଭଳି କ୍ଷେତ୍ରରେ ଉନ୍ନତି ପାଏ, ବଡ଼ ବଡ଼ ଶିଳ୍ପ କାର୍ଯ୍ୟକଳାପକୁ ସିଧାସଳଖ ତୃଣମୂଳ ସ୍ତରୀୟ ଚାକିରି ଏବଂ ସ୍ଥାନୀୟ ପରିବାର ପାଇଁ ଆୟ ସୁଯୋଗରେ ପରିଣତ କରେ"। ପଶ୍ଚିମ ଓଡ଼ିଶାରେ ପୂର୍ବରୁ କଳାହାଣ୍ଡି, ରାୟଗଡା, ଅନୁଗୁଳ ଏବଂ ଝାରସୁଗୁଡ଼ାରେ ଗୁରୁତ୍ୱପୂର୍ଣ୍ଣ ଆଲୁମିନିୟମ ଭିତିଭୂମି ରହିଛି। ତଥାପି, ସ୍ଥିର ସ୍ଥାନୀୟ ବକ୍ସାଇଟ୍ ଯୋଗାଣର ଅଭାବ ସମଗ୍ର ମୂଲ୍ୟ ଶୃଙ୍ଖଳାକୁ ଦୁର୍ବଳ କରିଦେଇଛି। କ୍ଷମତା ତଳେ କାର୍ଯ୍ୟ କରୁଥିବା ରିଫାଇନାରୀ ଏବଂ ସ୍ମେଲ୍ଟରଗୁଡ଼ିକ ସ୍ଥାନୀୟ ବିକ୍ରେତା, ଠିକାଦାର ଏବଂ ସେବା ପ୍ରଦାନକାରୀଙ୍କ ପାଇଁ ସୀମିତ ଚାହିଦା ସୃଷ୍ଟି କରନ୍ତି। କ୍ଷେତ୍ର ଆକଳନ ସୂଚାଇଛି ଯେ ପ୍ରତ୍ୟେକ ପୂର୍ଣ୍ଣ କାର୍ଯ୍ୟକ୍ଷମ ଖଣି ବ୍ଲକ ଶହ ଶହ ଗଝଗର, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ମାଲିକାନାରେ ଅଛନ୍ତି, ଜିଲ୍ଲା ସ୍ତରରେ ନିରନ୍ତର ଆୟ ଏବଂ ନିଯୁକ୍ତି ସୃଷ୍ଟି କରିପାରିବ। ଏହି ଗୁଣକ ଅନୁପସ୍ଥିତି ସ୍ଥାନୀୟ ଉଦ୍ୟୋଗ ପାଇଁ କମ ଚୁକ୍ତିନାମା, ଦକ୍ଷ ଶ୍ରମିକଙ୍କ ଅନୌପଚାରିକୀକରଣ ବୃଦ୍ଧି, ଟେକ୍ନିସିଆନ୍ ଏବଂ ଯୁବକମାନଙ୍କର ସଙ୍କଟପୂର୍ଣ୍ଣ ସ୍ଥାନାନ୍ତର ଏବଂ ସ୍ଥାନୀୟ ରାଜସ୍ୱ ଦୁର୍ବଳ କରିଛି।

ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ଜାତୀୟ ସଂଗଠନ, ପ୍ରହାରର ସଭାପତି ଏବଂ ଜାତୀୟ ସଂଯୋଜକ ଶ୍ରୀ ଅଭୟ ରାଜ ମିଶ୍ର କହିଛନ୍ତି, "ପଶ୍ଚିମ ଓଡ଼ିଶା ସମ୍ପତିର ଅଭାବରୁ ନୁହେଁ ବରଂ ପାରମ୍ପରିକ ବାଧାରୁ ସ୍ତଗିତ ହୋଇଛି। ଏମଏସଏମଇ ଗୁଡିକ ବିନା ମେଗା ପ୍ଲାଂଟଗୁଡ଼ିକ ପର୍ଯ୍ୟାପ୍ତ ଜୀବିକା ସୃଷ୍ଟି କରିପାନ୍ତି ନାହିଁ। ଦାୟିତ୍ୱପୂର୍ଣ୍ଣ ବକ୍ସାଇଟ୍ ଖଣି ଖୋଲିବା ଦ୍ୱାରା ହଜାର ହଜାର କ୍ଷୁଦ୍ର ବ୍ୟବସାୟ ତୁରନ୍ତ ସକ୍ରିୟ ହେବ, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେବ ଏବଂ କଳାହାଣ୍ଡି ଏବଂ ରାୟଗଡ଼ାର ଲୋକଙ୍କ ପାଇଁ ଶିଳ୍ପ ଅଭିବୃଦ୍ଧି ଆୟ, ମର୍ଯ୍ୟାଦା ଏବଂ ସୁଯୋଗରେ ପରିଣତ ହେବ। ଦାୟିତ୍ୱପୂର୍ଣ୍ଣ ସ୍ଥାନୀୟ ବକ୍ସାଇଟ୍ ଯୋଗାଣକୁ ସକ୍ରିୟ କରିବା ଜାତୀୟ ଉତ୍ପାଦନ ପ୍ରୋତ୍ସାହନକୁ ଜିଲ୍ଲାସ୍ତରୀୟ ଫଳାଫଳରେ ପରିଣତ କରିବାର ଦ୍ରୁତତମ ପଥ ଭାବରେ ଦେଖାଯାଉଛି। ଆର୍ଥିକ ଦୃଷ୍ଟିକୋଣରୁ, କାର୍ଯ୍ୟକ୍ଷମ ଖଣି ବ୍ଲକଗୁଡ଼ିକ ବାର୍ଷିକ ଟ.୧,୫୦୦–ଟ.୨,୫୦୦ କୋଟି ରୟାଲ୍ଟି ଏବଂ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ପାଣ୍ଠି ସୃଷ୍ଟି କରିପାରିବ, ଯାହା ପଶ୍ଚିମ ଓଡ଼ିଶାରେ ଗଝଗର କ୍ଲଷ୍ଟର, ସାଧାରଣ ସୁବିଧା କେନ୍ଦ୍ର, କ୍ରେଡିଟ୍ ସମର୍ଥନ, ଲଜିଷ୍ଟିକ୍ ପାର୍କ ଏବଂ ଶିଳ୍ପ ଇଷ୍ଟେଟ୍ ରେ ପୁନଃନିବେଶ କରାଯାଇପାରିବ।

ଭାରତର ନବୀକରଣୀୟ ଶକ୍ତି, ଇଭି ଏବଂ ସେମିକଣ୍ଡକ୍ଟର କାର୍ଯ୍ୟକ୍ରମ ସହିତ କେବୁଲ, କଣ୍ଡକ୍ଟର, ସୌର ଫ୍ରେମ୍, ବୈଦ୍ୟୁତିକ ଯାନବାହନ ଅଂଶ, ପ୍ୟାକେଜିଂ ଏବଂ ପ୍ରିସିସନ୍ ଉପକରଣ ଭଳି ଆଲୁମିନିୟମ୍ ଉପାଦାନର ବିଶ୍ୱ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। କଂଚାମାଲ ଉତ୍ସ ଏବଂ ପ୍ରକ୍ରିୟାକରଣ ହବ୍ ନିକଟରେ ଏହି ଏମଏସଏମଇ ଗୁଡ଼ିକୁ ଚିହ୍ନଟ କରିବା ପଶ୍ଚିମ ଓଡ଼ିଶାକୁ ଏକ ପ୍ରାକୃତିକ ଲାଭ ପ୍ରଦାନ କରେ। ସମ୍ପ୍ରଦାୟ ଗୋଷ୍ଠୀଗୁଡ଼ିକ ଯୁକ୍ତି ବାଢ଼ିଛନ୍ତି ଯେ କ୍ୟାପ୍ଟିଭ୍ ଖଣି ବିନା ଦୁର୍ବଳ ରହିଥାଏ ଏବଂ ଇକୋସିଷ୍ଟମ୍ ଗଠନ ହୋଇନଥାଏ। ଏହା ସହିତ, କଳାହାଣ୍ଡି-ରାୟଗଡା ଏକ ଦୃଢ଼ ଆଲୁମିନିୟମ୍ ଏମଏସଏମଇ ଗୁଡିକ ହବ୍ ଭାବରେ ଉଭା ହୋଇପାରିବ, ଯେପରି କୋଏମ୍ବାଟୁର ପମ୍ପ ସହିତ କିମ୍ବା ରାଜକୋଟ ଇଞ୍ଜିନିୟରିଂ ସହିତ ସମାର୍ଥକ ହୋଇଗଲା। ସମ୍ପ୍ରଦାୟ ସଂଗଠନ, ଶିଳ୍ପ ଗୋଷ୍ଠୀ ଏବଂ ସ୍ଥାନୀୟ ଉଦ୍ୟୋଗୀମାନେ ଏବେ ବକ୍ସାଇଟ୍ ବ୍ଲକଗୁଡ଼ିକର ସମୟସୀମାରେ ସକ୍ରିୟକରଣ, ରିଫାଇନାରୀ ଏବଂ ସ୍ମେଲଟରର ସହିତ ଜଡିତ ବିକ୍ରେତା ବିକାଶ କାର୍ଯ୍ୟକ୍ରମ, ଏମଏସଏମଇ ଗୁଡିକୁ କ୍ରେଡିଟ୍ ସୁବିଧା, ସ୍ଥାନୀୟ ଶିଳ୍ପ ଆବଶ୍ୟକତା ସହିତ ଜଡିତ ଦକ୍ଷତା ବିକାଶ ଏବଂ ସ୍ଥାନୀୟ କ୍ରୟ ମାନଦଣ୍ଡ ଉପରେ ଗୁରୁତ୍ୱ ଦେଉଛନ୍ତି। ସେମାନେ କୁହନ୍ତି ଯେ ପଶ୍ଚିମ ଓଡ଼ିଶା ପାଇଁ ବିକଳ୍ପ ସ୍ପଷ୍ଟ: ବିଚ୍ଛିନ୍ନ ଦ୍ୱୀପପୁଞ୍ଜ ପରି କାର୍ଯ୍ୟ କରୁଥିବା ଅବ୍ୟବହୃତ ସମ୍ପତିଗୁଡ଼ିକୁ ଆଶ୍ରୟ ଦେବା ଜାରି ରଖନ୍ତୁ, କିମ୍ବା ସେମାନଙ୍କ ଚାରିପାଖରେ ଏକ ସମୃଦ୍ଧ ଏମଏସଏମଇ ମୁଖ୍ୟଭୂମି ନିର୍ମାଣ କରନ୍ତୁ ଯାହା ନିଯୁକ୍ତି, ଉଦ୍ୟୋଗ ଅଭିବୃଦ୍ଧି ଏବଂ ସ୍ଥାୟୀ ଆଂଚଳିକ ବିକାଶ ପ୍ରଦାନ କରିବ।

### ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

## ଛାତ୍ରଛାତ୍ରୀମାନଙ୍କ ସହ ଷ୍ଟାର୍ଟଅପ୍‌କୁ ନେଇ ଆଲୋଚନା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମାବାର ପରୀକ୍ଷା ପେ ଚର୍ଚ୍ଚାର ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ସେ ଦେଶର ବିଭିନ୍ନ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୋଇ ସେମାନଙ୍କର ପରୀକ୍ଷା ସମ୍ବନ୍ଧୀୟ ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକ ଶୁଣିଥିଲେ। ସେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି। ପରୀକ୍ଷା ପେ ଚର୍ଚ୍ଚାର ପ୍ରଥମ ଏପିସୋଡ୍ ଫେବୃଆରି ୬ ରେ ପ୍ରସାରିତ ହୋଇଥିଲା ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି,ଏକ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ତୁମକୁ ୨୫ ବର୍ଷ ବୟସ ହେବାର ଆବଶ୍ୟକତା ନାହିଁ। ଯେକୌଣସି ସମୟରେ ଏହା ଆରମ୍ଭ କରିପାରିବ। ଛାତ୍ରଛାତ୍ରୀମାନେ ଶିଳ୍ପ ବୃତ୍ତିଗତଙ୍କ ସହ କଥା ହେବା ଉଚିତ ଓ ସେମାନେ କିପରି କାମ କରନ୍ତି ତାହା ବୁଝିବା ଜରୁରୀ। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ପରୀକ୍ଷା ପେ ଆଲୋଚନା ମାଧ୍ୟମରେ ବହୁ ବର୍ଷ ଧରି ଦଶମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଆସୁଛି। ମୁଁ ସେମାନଙ୍କଠାରୁ ଶିଖିବା ପାଇଁ ସେମାନଙ୍କ ସହିତ କଥା ହୋଇଥାଏ। ତାମିଲନାଡୁର ଛାତ୍ରଛାତ୍ରୀଙ୍କ ଶକ୍ତି ଓ କୌତୁହଳ ମତେ ବହୁତ ପ୍ରଭାବିତ କରିଛି।ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କର ଆଲୋଚନା ଆରମ୍ଭ କରି କହିଥିଲେ, ପରୀକ୍ଷା ପେ ଚର୍ଚ୍ଚାର ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍କରଣକୁ ସ୍ୱାଗତ। ଏଥର ପରୀକ୍ଷା ପେ ଚର୍ଚ୍ଚା କିଛି ଭିନ୍ନ, କିଛି ସ୍ୱତନ୍ତ୍ର। ଅନେକ ଛାତ୍ରଛାତ୍ରୀ ମୋତେ ପରାମର୍ଶ ପଠାଇଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ପରୀକ୍ଷା ପେ ଚର୍ଚ୍ଚା ହେବା ଉଚିତ। ତେଣୁ ଏଥର, ମୁଁ ଦେଶର ବିଭିନ୍ନ ସ୍ଥାନର ଛାତ୍ରଛାତ୍ରୀମାନଙ୍କ ସହିତ ବସି ପରୀକ୍ଷା ଉପରେ ଆଲୋଚନା କରିଛି।ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଯେତେବେଳେ ମୁଁ ଲୋକଙ୍କୁ ଭେଟେ, ସେମାନେ ଷ୍ଟାର୍ଟଅପ୍ ବିଷୟରେ କଥା ହୁଅନ୍ତି। ପ୍ରଥମେ, ଜାଣିବା ଆବଶ୍ୟକ ଯେ, କ""ଣ କରିବାକୁ ଚାହୁଁଛନ୍ତି।

# ଆମେରିକାକୁ ଇରାନର ମୁହଁତୋଡ ଜବାବ୍

ତେହେରାନ : ଆମେରିକା ଚାପ ଆଗରେ ମୁଣ୍ଡ ନୁଆଁବାକୁ ମନା କରିଦେଇଛି ଇରାନ। ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ଆମେରିକା ପକ୍ଷରୁ ଇରାନକୁ ନିଜର ୟୁରାନିୟମ ସମୃଦ୍ଧି କାର୍ଯ୍ୟକ୍ରମ ବନ୍ଦ କରିବାକୁ କୁହାଯାଇଥିଲା। ଏଥିସହ ନୂଆ କଟକଣାର ଧମକ ମଧ୍ୟ ୱାଶିଂଟନ ଦେଇଥିଲା। ତଥାପି ଇରାନ ନିଜର ୟୁରାନିୟମ କାର୍ଯ୍ୟକ୍ରମ ବନ୍ଦ କରିବ ନାହିଁ ବୋଲି ଘୋଷଣା କରିଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି କହିଛନ୍ତି ଯେ ଚାପରେ ପଡ଼ି ତେହେରାନ ନିଜର ଆଣବିକ ନୀତି ବଦଳାଇବା ପାଇଁ କେବେ ବି ରାଜି ହେବ ନାହିଁ ଓ ବର୍ତ୍ତମାନ ଚାଲିଥିବା ବୁଝାମଣାରେ ଆମେରିକା ଆପଣାଇଥିବା ନୀତି ଆଦୌ ଗ୍ରହଣୀୟ ନୁହେଁ ବୋଲି ମଧ୍ୟ କହିଛନ୍ତି।ଇରାନ ଓ ଆମେରିକା ମଧ୍ୟରେ ପ୍ରାୟ ବର୍ଷକ ପରେ ପ୍ରଥମଥର ପାଇଁ ଓମାନରେ ଆଣବିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଅରାଘଚିଙ୍କ ବୟାନ ସାମ୍ନାକୁ ଆସିଛି। ଆଲୋଚନା ଦ୍ୱାରା



ତେହରାନ ନିଜ ଉପରେ ଲାଗିଥିବା କଠୋର ଅର୍ଥନୀତିକ କଟକଣାକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ସେହିପରି ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇବାକୁ ଆମେରିକା ଚାହୁଁଛି। ଅନ୍ତର୍ଜାତୀୟ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିବା ଗୋଟିଏ କାର୍ଯ୍ୟକ୍ରମରେ ଅରାଘଚି ସ୍ପଷ୍ଟ କରିଛନ୍ତି ଯେ "ୟୁରାନିୟମ ସମୃଦ୍ଧିକରଣ ତେହରାନ ପାଇଁ ଏଯାବତ ଅଲୋଚନାଯୋଗ୍ୟ ବିଷୟ ନୁହେଁ। ଆମେ ସମୃଦ୍ଧିକରଣ ଉପରେ ଏତେ ଜୋର କାହିଁକି ଦେଉଛୁ ଓ ଯୁଦ୍ଧ ଥୋପା ଯାଉଥିଲେ ହେଁ ଆମେ ଏହାକୁ ଛାଡ଼ିବାକୁ କାହିଁକି ମନା କରୁଛୁ? କାରଣ କେହି ମଧ୍ୟ ଆମ ଆଚରଣ ବା ବ୍ୟବହାର କେମିତି ହେବ, ସେଥିପାଇଁ ଆଦେଶ ଦେବାର ଅଧିକାର ରଖି ନାହାନ୍ତି।"ଇରାନର ଜଳ ସୀମା ନିକଟରେ ଆମେରିକା ସାମରିକ ତୋପ ମୁତୟନ କରୁଥିବାରୁ ତେହେରାନରେ ଚାପରେ ରହୁଛି କି ପ୍ରଶ୍ନକୁ ମଧ୍ୟ ଅରାଘଚି ଅଗ୍ରାହ୍ୟ କରିଛନ୍ତି। ସେ କହିଛନ୍ତି ଯେ "ଏହି ଅଞ୍ଚଳରେ ସେମାନଙ୍କ ସାମରିକ ତୋପ ମୁତୟନ ଆମକୁ ଭୟଭୀତ କରୁନାହିଁ। ଆମେରିକା ଉପରେ ଇରାନର ଭରସା ଅତ୍ୟନ୍ତ କମ। ଆମେରିକା ପ୍ରକୃତରେ କୂଟନୀତିକ ସମ୍ପର୍କ ପାଇଁ ପ୍ରତିବଦ୍ଧ ରହିଛି ତ? ଦେଶର ସ୍ୱାଧୀନତା କିମ୍ବା ଜାତୀୟ ଗରିମାକୁ କ୍ଷତି ପହଞ୍ଚାଉଥିବା କୌଣସି ଚୁକ୍ତିକୁ ତେହରାନ କେବେ ହେଲେ ମଞ୍ଜୁର ଦେବ ନାହିଁ।" ତାଙ୍କ କହିବା କଥା ଯେ ଇରାନ ବିଶ୍ୱାସ ସୃଷ୍ଟି କରିବା ଭଳି ଏକାଧିକ ପଦକ୍ଷେପ ନେବାକୁ ରାଜି ରହିଛି। କାରଣ ଇରାନ କଟକଣାରୁ ଆଶ୍ୱସ୍ତ ଚାହେଁ। ତଥାପି ଏହି ସବୁ କାର୍ଯ୍ୟକ୍ରମ ପରସ୍ପରର ସମ୍ମାନକୁ ଦୃଷ୍ଟିରେ ରଖି କରାଯିବା ଦରକାର।ପଶ୍ଚିମ ଦେଶ ଓ ଇରାନ କ୍ରମାଗତ ଭାବେ ଇରାନ ଆଣବିକ ଅସ୍ତ୍ରଶସ୍ତ୍ର ବିକଶିତ କରୁଥିବା ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଏହାକୁ ତେହରାନ ଖଣ୍ଡନ କରି ଆସିଛି। ସେହିପରି ଦେଶର ଏପରି କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଉପାୟରେ ହେଉଛି। ଅରାଘଚି କହିଛନ୍ତି, "ସେମାନେ ଆମ ଆଣବିକ ବୋମାକୁ ଡରୁଥିବା ବେଳେ ଆମେ ସେଥିପ୍ରତି ଆଦୌ ଲକ୍ଷ୍ୟ ରଖିନାହୁଁ। ଆମର ପରମାଣୁ ବୋମା ହେଉଛି ବଡ଼ ଶକ୍ତିଶାଳୀ ଦେଶମାନଙ୍କୁ 'ନା' କହିବାର ସାହସ ଓ ଶକ୍ତି।"

## ସଂସଦ ଭବନକୁ ଉଡ଼ାଇ ଦେବାକୁ ଧମକ

ନୂଆଦିଲ୍ଲୀ : ସଂସଦ ଭବନକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକ। ଇମେଲରେ ଆସିଛି ଏହି ଧମକ। ଆସନ୍ତା ୧୩ ତାରିଖ ଅପରାହ୍ନ ୧ଟା ୧୧ରେ ସଂସଦ ଭବନକୁ ଉଡ଼ାଇ ଦେବାକୁ ଇମେଲରେ ଧମକ ଦିଆଯାଇଛି। ଖଲିସ୍ତାନ ନ ନାଁରେ ଆସିଛି ଏହି ଧମକ। ଦିଲ୍ଲୀକୁ ଖଲିସ୍ତାନ କରିବାକୁ ମେଲରେ ଦିଆଯାଇଛି ଧମକ। ଅପ୍ରେଲ ଗୁରୁକୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଦିଲ୍ଲୀକୁ ଖଲିସ୍ତାନ କରାଯିବ ବୋଲି କୁହାଯାଏ।ଏହି ଧମକ ପରେ ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯାଇଛି। ପୁଲିସ, ଅଗ୍ନିଶମ ବାହିନୀ ଓ ବମ୍ ସ୍କାଡକୁ ଆଲର୍ଟ କରାଯାଇଛି।ଅନ୍ୟ ପକ୍ଷରେ ଆଜି ଦିଲ୍ଲୀର ୯ଟି ବିଦ୍ୟାଳୟକୁ ବୋମାରେ ଉଡ଼ାଇ ଦେବାକୁ ଇମେଲ ଆସିଥିଲା। ଦିଲ୍ଲୀ ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଏନେଇ ସକାଳ ପ୍ରାୟ ସାଢ଼େ ୮ଟାରେ ଆସିଥିଲା କଲ୍। ସଙ୍ଗେ ସଙ୍ଗେ ଏହି ବିଦ୍ୟାଳୟଗୁଡ଼ିକୁ ଟୀମ୍ ପଠା ଯାଇଥିଲା।ବିଦ୍ୟାଳୟ ଗୁଡ଼ିକୁ ବୋମା ଧମକ ମିଳିଥିବା ବେଳେ ସେମିତି କିଛି ଅଘଟଣ ଘଟିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

## ଚର୍ଚ୍ଚାରେ ବ୍ରିଟେନର ଗୃହମନ୍ତ୍ରୀ ଶବାନା ମାହମୁଦ

ଲଣ୍ଡନ: ଏପ୍‌ଷ୍ଟିନ୍ ଫାଇଲକୁ ନେଇ ବ୍ରିଟେନରେ ଏକପ୍ରକାର ଅସ୍ଥିରତା ସ୍ଥିତି ଦେଖାଯାଇଛି। ଏପ୍‌ଷ୍ଟିନ୍ ଫାଇଲରେ ନାଁ ଆସିବା ପରେ ବ୍ରିଟେନରେ ପୂର୍ବତନ ରାଷ୍ଟ୍ରଦୂତ ପିଟର ମାଣ୍ଡେଲସନଙ୍କୁ ହାଉସ ଅଫ୍ ଲର୍ଡସରୁ ଇସ୍ତଫା ଦେବାକୁ ପଡ଼ିଛି। ମାଣ୍ଡେଲସନଙ୍କ ବିରୋଧରେ ଏବେ ଆପରାଧିକ ତଦନ୍ତ ଚାଲିଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ମାଣ୍ଡେଲସନଙ୍କ ନିଯୁକ୍ତିକୁ ନେଇ ବିବାଦର ସମ୍ମୁଖୀନ ହୋଇଛନ୍ତି।ରବିବାର ଷ୍ଟାର୍ମରଙ୍କ ଚିଫ୍ ଅଫ୍ ଷ୍ଟାଫ୍ ମୋର୍ଗାନ୍ ମ୍ୟାକସ୍ୱିନି ଇସ୍ତଫା ଦେଇଛନ୍ତି। ତଥାପି ଷ୍ଟାର୍ମରଙ୍କ ଉପରୁ ବିପଦ ହଟିନାହିଁ। ତାଙ୍କ ଉପରେ ଇସ୍ତଫା ଦେବା ନେଇ ପ୍ରବଳ ଚାପ ରହିଛି। ଏପରି ସମୟରେ ଷ୍ଟାର୍ମରଙ୍କ ଉତ୍ତରାଧିକାରୀ ଭାବେ ଶବାନା ମାହମୁଦଙ୍କ ନାଁକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶବାନା ବର୍ତ୍ତମାନ ବ୍ରିଟେନର ଗୃହମନ୍ତ୍ରୀ ଅଛନ୍ତି। ପ୍ରଥମ ମୁସଲିମ୍ ମହିଳା ଭାବେ ଶବାନା ଗୃହମନ୍ତ୍ରୀ ହୋଇପାରିଛନ୍ତି। ୨୦୨୪ରେ ବର୍ମିଂହାମରେ ଜଣେ ଗାଜା ସମର୍ଥକଙ୍କୁ ପରାସ୍ତ କରି ସେ ବ୍ରିଟିଶ ସଂସଦକୁ ଆସିଥିଲେ। ବର୍ମିହାମରେ ୧୯୮୦ ମସିହାରେ ପାକିସ୍ତାନ ପାମା'ଙ୍କଠାରୁ ଜନ୍ମିତ ଶବାନାଙ୍କ ପିଲାଦିନ ସାଉଦି ଆରବରେ କଟିଥିଲା। କିନ୍ତୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଆଇନ ପଢ଼ିବାକୁ ସେ ବ୍ରିଟେନ ଫେରିଥିଲେ। ଷ୍ଟାର୍ମର ଇସ୍ତଫା ଦେଲେ ଶବାନା ବ୍ରିଟେନର ପ୍ରଥମ ମୁସଲମାନ ପ୍ରଧାନମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ହେଉଛି।


## କାନପୁର ହସ୍ପିଟାଲରେ ଅଗ୍ନିକାଣ୍ଡ, ନବଜାତ ଶିଶୁର ମୃତ୍ୟୁ

କାନପୁର: କାନପୁର ଜିଲ୍ଲାର ଏକ ଘରୋଇ ନର୍ସିଂ ହୋମ୍ ଏନ୍‌ଆଇସିୟୁ (ନିଓନାଟାଲ ଇନ୍ଟେନ୍ସିଭ୍ କେୟାର ୟୁନିଟ୍)ରେ ଅଗ୍ନିକାଣ୍ଡ ଘଟି ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏଭଳି ଦୁଃଖଦ ଘଟଣା ଘଟିଛି ଏବଂ ସେମାନେ କଥା ଲୁଚାଇବାକୁ ଚେଷ୍ଟା କରିଛନ୍ତି ବୋଲି ପରିବାର ସଦସ୍ୟ ପୁଲିସରେ ଅଭିଯୋଗ କରିଛନ୍ତି। ଖବର ପାଇ ସିଏମ୍‌ଓ ( ଚିଫ୍ ମେଡିକାଲ ଅଫିସର୍)ଙ୍କ ଅଫିସ୍‌ର ଏକ ଟିମ୍ ଆଇସିୟୁ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଜାଣିବାକୁ ମିଳିଲା ଯେ, ଏହି ନର୍ସିଂହୋମ୍‌ରେ ଥିବା ଏନ୍‌ଆଇସିୟୁ ବେଆଇନ ଭାବେ ଚାଲିଥିଲା। ଏଥିପାଇଁ କୌଣସି ବୈଧ ଲାଇସେନ୍ସ ମିଳିନି। ଫଳରେ ଅଧିକାରୀମାନେ ଏନ୍‌ଆଇସିୟୁ ସିଲ୍ କରିଛନ୍ତି। ମିଳିଥିବା ସୂଚନାନୁଯାୟୀ ବିଥୁର୍ର ରାଜା ନର୍ସିଂ ହୋମ୍‌ରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ହୋଇଛି। ଏନ୍‌ଆଇସିୟୁରେ ଥିବା ଉଷୁମ ମେସିନ୍‌ରେ ସର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଯିବା ଫଳରେ ଶିଶୁଟି ପୋଡ଼ି ହୋଇଯାଇଥିଲା। ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ଯେ, ଏହି କଥା ସେମାନଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ୪-୫ ଘଣ୍ଟା ପର୍ଯ୍ୟନ୍ତ ଜଣାଇ ନ ଥିଲେ। ବାରମ୍ବାର ବାଧ କରିବାପରେ ସେମାନେ ସତ କହିଥିଲେ। ଏହାପରେ ପରିବାର ସଦସ୍ୟ ହସ୍ପିଟାଲରେ ବଡ଼ ଧରଣର ହଙ୍ଗାମା କରିଛନ୍ତି।

# ପିଏମ୍ କେୟାର ପାଣ୍ଠି ଉପରେ ଆଲୋଚନା ହେବନି

ନୂଆଦିଲ୍ଲୀ : ପିଏମ୍‌କେୟାର ପାଣ୍ଠି ଉପରେ କୌଣସି ପ୍ରଶ୍ନକୁ ଲୋକସଭା ସଚିବାଳୟ ଗହଣ କରିବ ନାହିଁ। ଏହି ପାଣ୍ଠିଟି ଜରୁରୀକାଳିନ ସ୍ଥିତି ପାଇଁ ହୋଇଥିବାରୁ ସଂସଦର ନିମ୍ନ ସଦନ ଯଥା ଲୋକସଭାରେ ଏନେଇ କୌଣସି ପ୍ରଶ୍ନ ଉତ୍ଥାପନ ହୋଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଲୋକସଭା ସଚିବାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

କେବଳ ପିଏମ୍ କେୟାର ପାଣ୍ଠି ନୁହେଁ ଏହା ବ୍ୟତିତ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ଫଣ୍ଡ ଓ ଜାତୀୟ ପ୍ରତିରକ୍ଷା ଫଣ୍ଡ ଉପରେ ମଧ୍ୟ କୌଣସି ପ୍ରଶ୍ନକୁ ଲୋକସଭାରେ ଗ୍ରହଣ କରାଯିବନାହିଁ କିମ୍ବା ଆଲୋଚନା କରାଯିବନାହିଁ। ଜାତୀୟ ଗଣମାଧ୍ୟମରେ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ପିଏମ୍‌ଓ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ୨୦୨୦ରେ ପିଏମ୍ କେୟାର ଫଣ୍ଡ ସ୍ଥାପନ କରାଯାଇଥିଲା। ଏହି ଫଣ୍ଡର ଉଦ୍ଦେଶ୍ୟ ଥିଲା ଯେ କୌଣସି ଜରୁରୀକାଳିନ ବା ବିପର୍ଯ୍ୟୟ




ସ୍ଥିତିରେ ଏହି ଫଣ୍ଡ କାର୍ଯ୍ୟ କରିବ। କୋଭିଡ-୧୯ ମହାମାରୀ ବ୍ୟାପିବା ସମୟରେ ଏହା ଗଠନ ହୋଇଥିଲା। ଏହି ଫଣ୍ଡକୁ ନେଇ ବିରୋଧୀ ସଦସ୍ୟମାନେ ମଧ୍ୟ ସମାଲୋଚନା କରିଥିଲେ। ସେମାନେ ଉଲ୍ଲେଖ କରିଥିଲେ ଯେ ଏହି ଫଣ୍ଡର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠି ଥିବାବେଳେ ଏହାର ଆବଶ୍ୟକତା କଣ ବୋଲି ପ୍ରଶ୍ନ କରିଥିଲେ। ୧୯୪୮ ମସିହାରୁ ପ୍ରଧାନମନ୍ତ୍ରୀ ଜାତୀୟରିଲିଫ ଫଣ୍ଡ ରହିଛି। ନିୟମ ୪୧ (୨) (ଭିଆଇଆଇଆଇ) ଲୋକସଭା ପରିଚାଳନା ଓ ନିୟମାବଳୀରେ ଉଲ୍ଲେଖ ରହିଛି ଯେ ଭାରତ ସରକାରଙ୍କର ପ୍ରାଥମିକତା ଥିବା କୌଣସି ପ୍ରସଙ୍ଗ ଉଠିପାରିବ ନାହିଁ। ଯେଉଁ ପାଣ୍ଠିରେ ଭାରତ ସରକାରଙ୍କର ପ୍ରାଥମିକ ଉତ୍ତରଦାୟିତ୍ୱ ନଥିବ ତାହା ଆଲୋଚନା ହୋଇପାରିବ ନାହିଁ। ପିଏମ୍‌ଓ ଅନୁଯାୟୀ ଏହି ପାଣ୍ଠି ଉପରେ କୌଣସି ପ୍ରଶ୍ନକୁ ଅନୁମତି ମିଳିବ ନାହିଁ। କାରଣ ଏହା ସମ୍ପୂର୍ଣ୍ଣ ଭାବରେ ସାଧାରଣ ଲୋକଙ୍କର ସ୍ୱଇଚ୍ଛାରେ ପ୍ରଦାନ କରାଯାଉଥିବା ପାଣ୍ଠି। ଏଥିରେ କୌଣସି ସରକାରୀ ଅର୍ଥ ନାହିଁ। କେନ୍ଦ୍ର ସରକାର ଅନେକ ସମୟରେ ପିଏମ୍ କେୟାର ଫଣ୍ଡକୁ ମଧ୍ୟ ସୂଚନା ଅଧିକାର ଆଇନ୍‌ରେ ଆସୁନାହିଁ ବୋଲି ଦର୍ଶାଇଛନ୍ତି। ଡିସେମ୍ବର ୨୦୨୦ରେ କେନ୍ଦ୍ର ସରକାର ଏକ ଆର୍‌ଟିଆଇ ତଥ୍ୟରେ କହିଥିଲେ ଯେ ଏହି ପାଣ୍ଠିଟି ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଏଥିରେ କୌଣସି ସରକାରୀ ଅର୍ଥ ନଥିବାରୁ ଏହା ଆର୍‌ଟିଆଇରେ ଆସିପାରିବ ନାହିଁ।

## ଶରଦ ପାୱାର ହସ୍ପିଟାଲରେ ଭର୍ତ୍ତି

ମୁମ୍ବାଇ: ଏନ୍‌ସିପି (ସପା) ଅଧ୍ୟକ୍ଷ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଛି। ପାୱାରଙ୍କୁ ବାରାମତିରୁ ପୁଣେ ନିଆଯାଇ ରୁବି ହଲ୍ କ୍ଲିନିକରେ ଭର୍ତ୍ତି କରାଯାଇଛି। ପାୱାରଙ୍କ କାର୍ଯ୍ୟାଳୟରୁ ଜଣାପଡିଛି ଯେ, ସେ ଜ୍ୱର ଓ କାଶରେ ପୀଡିତ ଥିଲେ। ତାଙ୍କୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲା। ସୋମବାର ଦିନ ବାରାମତି ତାଲୁକାର କାଠେୱାଡିରେ ଦିବଂଗତ ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ତେର ଦିନିଆ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଉଥିଲା। ଶରଦ ପାୱାର ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ସକାଳେ ଶରଦ ପାୱାର ଅସୁସ୍ଥ ହୋଇପଡ଼ିଥିଲେ। ଏହି କାରଣରୁ ସେ କାର୍ଯ୍ୟକ୍ରମରେ ଯୋଗ ଦେଇପାରିଲେ ନାହିଁ। ରିପୋର୍ଟ ଅନୁସାରେ, ଶରଦ ପାୱାର ସକାଳୁ କାଶ, ଜ୍ୱର ଓ ଥଣ୍ଡାରେ ପୀଡିତ ଥିଲେ। ତେଣୁ ଡାକ୍ତରଙ୍କ ଏକ ଦଳ ସକାଳେ ବାରାମତିର ଗୋବିନ୍ଦବାଗରେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଡାକ୍ତରମାନେ ପାୱାରଙ୍କର ନିୟମିତ ଯାଞ୍ଚ କରିଥିଲେ। ଏହା ପରେ,



ଡାକ୍ତରଙ୍କ ଏକ ଦଳ ଅପରାହ୍ନରେ ପୁଣି ଥରେ ତାଙ୍କୁ ପରୀକ୍ଷା କରିବାକୁ ଆସିଥିଲେ।ଶରଦ ପାୱାରଙ୍କୁ ପୁଣେର ରୁବି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ତାଙ୍କ ଝିଅ ତଥା ସାଂସଦ ସୁପ୍ରିୟା ସୁଲେ ମଧ୍ୟ ତାଙ୍କ ସହିତ ଅଛନ୍ତି। ପରିବାରର ନିକଟତମ ସୂତ୍ର ଅନୁଯାୟୀ, ଶରଦ ପାୱାର ଲଗାତାର କାଶ ଓ କଫ ସମସ୍ୟାରେ ପୀଡ଼ିତ ଅଛନ୍ତି।

## ହାଜତ ମୃତ୍ୟୁ ମାମଲାରେ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଉନ୍ନାଓ ଦୁଷ୍କର୍ମ ମାମଲାରେ ପୂର୍ବତନ ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ସୁପ୍ରିମ୍‌କୋର୍ଟ ଜାମିନ୍ ମିଳିନାହିଁ। ସୋମବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଏନ୍ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଉନ୍ନାଓ ପୀଡ଼ିତାଙ୍କ ବାପାଙ୍କର ପୁଲିସ ହାଜତ ମୃତ୍ୟୁ ମାମଲାରେ ଦଣ୍ଡାଦେଶ ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ସେଙ୍ଗରଙ୍କ ବିରୋଧରେ ମାମଲା ଫାଷ୍ଟଟ୍ରାକ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କୁ ତିନିମାସ ଭିତରେ ଆବେଦନ ଉପରେ ରାୟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସେଙ୍ଗରଙ୍କ ପକ୍ଷରୁ ଦିଆଯାଇଥିବା ଯୁକ୍ତିରେ ତାଙ୍କୁ ହାଜତ ମୃତ୍ୟୁ ମାମଲାରେ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିବା କୁହାଯାଇଥିଲା। ରେମିସନକୁ ମିଶାଇ ସେ ୯ ବର୍ଷ ୭ ମାସ ଜେଲରେ କାଟିସାରିଥିବାରୁ ତାଙ୍କୁ ଜାମିନ ମିଳିବା କଥା। ପ୍ରଧାନ ବିଚାରପତି ଦଣ୍ଡାଦେଶ ସ୍ଥଗିତ ରଖିବା କୋର୍ଟଙ୍କ ବିବେକ ଉପରେ ନିର୍ଭର କରୁଛି ବୋଲି କହିବା ସହିତ ସେଙ୍ଗରଙ୍କର ଆପରାଧିକ ଇତିହାସ ରହିଥିବା କହିଛନ୍ତି।

# ପ୍ରିମିୟମ୍ ଟ୍ରେନରୁ ଆୟ ବଢ଼ାଇବ ରେଳବାଇ

ନୂଆଦିଲ୍ଲୀ: ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ଯାତ୍ରୀ ପରିବହନରୁ ଅଧିକ ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଆକଳନ ଅନୁଯାୟୀ, ୨୦୨୬-୨୭ରେ ଯାତ୍ରୀ ପରିବହନରୁ ରେଳବାଇ ୮୭,୩୦୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବ, ଯାହାକି ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଲକ୍ଷ୍ୟଠାରୁ ୯ ପ୍ରତିଶତ ଅଧିକ ହେବ। ଆସନ୍ତା ଆର୍ଥିକ ବର୍ଷରେ ରେଳବାଇ ଅଧିକ ସଂଖ୍ୟାରେ 'ବନ୍ଦେ ଭାରତ' ଚେୟାର୍‌କାର୍ ଓ ଏସି ସ୍ଲିପର୍ ଶ୍ରେଣୀର ଟ୍ରେନ୍ ଭଳି ପ୍ରିମିୟମ୍ ଟ୍ରେନ୍ ଚଳାଇବାକୁ ଲକ୍ଷ୍ୟ ରଖିଥିବାରୁ ରେଳବାଇର ଯାତ୍ରୀ ପରିବହନ ଆୟ ବଢ଼ିବ ବୋଲି ରେଳ ମନ୍ତ୍ରଣାଳୟ ଆଶା ପ୍ରକଟ କରିଛି। ଏହା ସହିତ ନୂଆ କରି ଆରମ୍ଭ ହୋଇଥିବା 'ଅମୃତ ଭାରତ' ଟ୍ରେନ୍ ସଂଖ୍ୟା ମଧ୍ୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷରେ ଯାତ୍ରୀ ଭଡ଼ା ବାବଦ ଆୟ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟଠାରୁ ହ୍ରାସ କରାଯାଇଛି। ପଣ୍ୟ ପରିବହନ କ୍ଷେତ୍ରରେ ମଧ୍ୟ ରେଳବାଇର ଆୟ ବୃଦ୍ଧି ପାଇବ। ୨୦୨୬-୨୭ ଆର୍ଥିକ ବର୍ଷରେ ରେଳବାଇ ଏ କ୍ଷେତ୍ରରେ ୧.୮୮ ଲକ୍ଷ କୋଟି ଟଙ୍କାର ରାଜସ୍ୱ



ହାସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହା ଚଳିତ ଆର୍ଥିକ ବର୍ଷ ପାଇଁ ହୋଇଥିବା ଚୂଡ଼ାନ୍ତ ଆକଳନ ଠାରୁ ୬ ପ୍ରତିଶତ ଅଧିକ ରହିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ରେଳବାଇର ଆର୍ଥିକ ପ୍ରଦର୍ଶନ ବିଷୟରେ ସୂଚନା ଦେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଗତ କିଛି ବର୍ଷ ଧରି ରେଳବାଇର ରାଜସ୍ୱ ବୃଦ୍ଧି ପାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇର ଯାତ୍ରୀ ପରିବହନରୁ ଆୟ ଥିଲା ୭୦,୬୯୩ କୋଟି ଟଙ୍କା। ତାହା ୨୦୨୪-୨୫ ଆର୍ଥିକ ବର୍ଷରେ ୮୦ ହଜାର କୋଟିରେ ପହଞ୍ଚିବ ବୋଲି ସେ କହିଛନ୍ତି। ସେହିପରି ପଣ୍ୟ ପରିବହନ କ୍ଷେତ୍ରରେ ରାଜସ୍ୱ ୨୦୨୩-୨୪ରେ ୧.୬୮ ଲକ୍ଷ କୋଟି ଟଙ୍କା ଥିଲା। ତାହା ୨୦୨୪-୨୫ରେ ୧.୭୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୫-୨୬ରେ ରେଳବାଇର ପଣ୍ୟ ପରିବହନରୁ ଆୟ ୧.୭୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବା ଆଶା କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ଜି-୨୦ ରାଷ୍ଟ୍ର ସମୂହରେ ଅଗ୍ରଣୀ ରହିବ ଭାରତ: ମୁଡିସ୍

ନୂଆଦିଲ୍ଲୀ: ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ୬.୪ ପ୍ରତିଶତ ହେବ ବୋଲି ଅର୍ଥନୈତିକ ଅନୁଧ୍ୟାନକାରୀ ସଂସ୍ଥା 'ମୁଡିସ୍' ଆକଳନ କରିଛି। ଏହି ସମୟରେ ଭାରତ ଜି-୨୦ ରାଷ୍ଟ୍ରମାନଙ୍କ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଅଗ୍ରଣୀ ସ୍ଥାନରେ ରହିବ ବୋଲି ମୁଡିସ୍ ଏହାର ରିପୋର୍ଟରେ ଦର୍ଶାଇଛି।

ଦେଶ ଭିତରେ ବଜାରରେ ଚାହିଦା ବୃଦ୍ଧି ସହ ନିକଟରେ ନିଆଯାଇଥିବା କିଛି ଅର୍ଥନୈତିକ ପଦକ୍ଷେପ ଓ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସ୍ଥିରତା ଯୋଗୁ ଭାରତର ଅଭିବୃଦ୍ଧି ହାର ଉଚ୍ଚ ରହିବ ବୋଲି ଆକଳନ କରାଯାଇଛି। ବିଶେଷକରି ଲଘୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗରେ ଭାରତୀୟ ଅର୍ଥନୀତି ଭଲ ପ୍ରଦର୍ଶନ କରିବ। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍ଟି) କ୍ଷେତ୍ରରେ ନିଆଯାଇଥିବା କିଛି ପଦକ୍ଷେପ ଓ ଆୟକର କ୍ଷେତ୍ରରେ କିଛି ପଦକ୍ଷେପ ଦେଶରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ପାରିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।

ତେବେ ନିକଟରେ ଉପସ୍ଥାପିତ ହୋଇଥିବା ବଜେଟ୍‌ରେ ଅଭିବୃଦ୍ଧି ପାଇଁ ସରକାରୀ ଆକଳନ ତୁଳନାରେ ମୁଡିସ୍‌ର ଆକଳନ କମ୍ ରହିଛି। ୨୦୨୬-୨୭ରେ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ମଧ୍ୟରେ ରହିବ ବୋଲି ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ଥିଲା ୬.୫ ପ୍ରତିଶତ। ମୁଡିସ୍ ଏହାର ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଇଛି ଯେ ଏବେ ଭାରତରେ ମୁଦ୍ରାସ୍ଫୀତି ହାର ନିମ୍ନ ସ୍ତରରେ ଥାଇ ଅଭିବୃଦ୍ଧି ତ୍ୱରାନ୍ୱିତ ହେଉଛି। ନିକଟରେ ହୋଇଥିବା ମୁଦ୍ରାନୀତି ସମୀକ୍ଷା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌କୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ତେବେ ଆଗକୁ ଯଦି ମାନ୍ଦାବସ୍ଥାର କିଛି ସଂକେତ ମିଳେ ତେବେ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତିକୁ କୋହଳ କରିବ ବୋଲି ମୁଡିସ୍ ଏହାର ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରିଛି।

# କୋର୍ଟରେ ଗୁଣ୍ଡାରାଜ୍ ଚଳିବନି: ସିଜେଆଇ

ନୂଆଦିଲ୍ଲୀ: ଦିଲ୍ଲୀର ତିସ ହଜାରୀ କୋର୍ଟ ପରିସରରେ ଜଣେ ଆଇନଜୀବୀଙ୍କ ଉପରେ ଫେବୃଆରି ୭ ତାରିଖରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆଇନଜୀବୀ ଜଣକ ଏଥିପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍ଚୀ ଓ ଏନ୍ଭି ଅଞ୍ଜାରିଆଙ୍କ ଖଣ୍ଡପୀଠଙ୍କ ନିକଟରେ ଆଜି ଆଇନଜୀବୀ ଜଣକ ମୌଖିକ ଭାବେ ଏହି ପ୍ରସଙ୍ଗ ଉଠାଇଛନ୍ତି। ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ସେ ପ୍ରଧାନ ବିଚାରପତିଙ୍କୁ ଅନୁରୋଧ କରିଥିଲେ। ଆଇନଜୀବୀଙ୍କ



ଅଭିଯୋଗ ଅନୁଯାୟୀ ତିସ ହଜାରୀ କୋର୍ଟରେ ତାଙ୍କ ଉପରେ ଅଭିଯୋଗକାରୀଙ୍କ ଓକିଲ ଗୁଣ୍ଡାମାନଙ୍କ ସହ ଆକ୍ରମଣ କରିଥିଲେ। ବିଚାରପତି ଏବଂ କୋର୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଆଇନଜୀବୀ ଅଭିଯୋଗ କରିଛନ୍ତି। ପ୍ରଧାନ ବିଚାରପତି ଆଇନଜୀବୀଙ୍କୁ ପ୍ରଶ୍ନ କରିଥିଲେ ଯେ, ଔପଚାରିକ ଅଭିଯୋଗ ବଦଳରେ ସେ ମୌଖିକ ଭାବେ କାହିଁକି ଟିପ୍ପଣୀ ରଖିଲେ। ଏହାର ଉତ୍ତରରେ ଆଇନଜୀବୀ କହିଥିଲେ ଯେ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁନ୍ଥକୁନ୍ଥ ହେଉଛି। ତେଣୁ ସେ ସୁପ୍ରିମ୍‌କୋର୍ଟ ବାର୍ ଏସୋସିଏସନ୍‌ର ସଦସ୍ୟ ଭାବେ ମୌଖିକ ଭାବେ ନିଜ ଅଭିଯୋଗ ରଖିଛନ୍ତି। ପ୍ରଧାନ ବିଚାରପତି ଆଇନଜୀବୀଙ୍କୁ ଏହାପରେ ଦିଲ୍ଲୀ ହାଇକୋର୍ଟରେ ଲିଖିତ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି, ଫେବୃଆରି ୭ ତାରିଖରେ ଘଟଣା ଘଟିଲା। ଏସଂକ୍ରାନ୍ତରେ ଆପଣ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅବଗତ କରାଇଛନ୍ତି କି? ଏନେଇ ମୁଖ୍ୟ ବିଚାରପତିଙ୍କ ନିକଟକୁ ଚିଠି ଲେଖ ଏବଂ ତାହା ମୋତେ ମଧ୍ୟ ପଠାଅ। କୋର୍ଟ ପରିସରରେ ଗୁଣ୍ଡାରାଜ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନ ବିଚାରପତି କହିଛନ୍ତି।

## ଚୀନ୍ ପ୍ରସଙ୍ଗ ଉଠିବାରୁ ପୁଣି ଲୋକସଭାରେ ହଙ୍ଗାମା

ନୂଆଦିଲ୍ଲୀ: ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ପୁଣିଥରେ ଲୋକସଭାରେ ୨୦୨୦ ଗଲୱାନ ସଂଘର୍ଷ ପ୍ରସଙ୍ଗ ଉଠାଇବାକୁ ଚାହିଁବାରୁ ଏହାକୁ ନେଇ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ତାଙ୍କୁ ଗୃହରେ କହିବା ପାଇଁ ଅନୁମତି ଦେବାକୁ ଜିଦ୍ ଧରିଥିଲେ। ରାହୁଲ କହିଥିଲେ ଯେ, ବଜେଟ୍ ଆଲୋଚନା ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ତାଙ୍କୁ କହିବା ପାଇଁ ଅନୁମତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ କହିବାକୁ ଅନୁମତି ଦେବା ଦାବିକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଯୋଗୁଁ ସୋମବାର ଲୋକସଭାକୁ ମୁଲତବୀ ରଖାଯାଇଛି। ଦୁଇ ଥର ମୁଲତବୀ ହେବା ପରେ ଅପରାହ୍ଣ ୨ଟାରେ ଗୃହ ବସିବା ପରେ ଅଧ୍ୟକ୍ଷ ଥିବା ସନ୍ଧ୍ୟା ରାୟ କଂଗ୍ରେସ ସଦସ୍ୟ ଶଶୀ ଥରୁରଙ୍କୁ ବଜେଟ୍ ଉପରେ ବିତର୍କ ଆରମ୍ଭ କରିବାକୁ କହିଥିଲେ। ଥରୁର କହିଥିଲେ ଯେ, ବିରୋଧୀ ଦଳ ନେତା (ଏଲ୍‌ଓପି) ହୋଇଥିବାରୁ ସେ ଭାଷଣ ଆରମ୍ଭ କରିବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବା ଉଚିତ। ଏହାପରେ ରାୟ କହିଥିଲେ, ଯଦି ଗାନ୍ଧୀ ବଜେଟ୍ ଉପରେ କହିବାକୁ ଚାହାନ୍ତି ତେବେ ତାଙ୍କର କୌଣସି ସମସ୍ୟା ନାହିଁ ଏବଂ ତାଙ୍କୁ ଭାଷଣ ଆରମ୍ଭ କରିବାକୁ କହିଥିଲେ। ତେବେ ରାହୁଲ ଗାନ୍ଧୀ ବଜେଟ୍ ଉପରେ ଆଲୋଚନା କରିବା ପରିବର୍ତ୍ତେ ଗଲୱାନ ଓ ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ ପ୍ରସଙ୍ଗ ଉଠାଇବାକୁ ଜିଦ୍ ଧରିଥିଲେ। ସେ କହିଥିଲେ ଯେ, ବାଚସ୍ପତି ଓମ୍ ବିର୍ଲା ଓ କିଛି ବିରୋଧୀ ସାଂସଦଙ୍କ ମଧ୍ୟରେ ହୋଇଥିବା ବୈଠକରେ ବଜେଟ୍ ଆଲୋଚନା ପୂର୍ବରୁ ତାଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା, କିନ୍ତୁ ଅଧ୍ୟକ୍ଷ ବର୍ତ୍ତମାନ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ରାୟ କହିଛନ୍ତି ଯେ, ସେ ଏପରି କୌଣସି ପ୍ରତିଶ୍ରୁତି ବିଷୟରେ ଅବଗତ ନୁହନ୍ତି ଏବଂ ସେ ବିନା ନୋଟିସରେ କାହାକୁ କୌଣସି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦେଇପାରିବେ ନାହିଁ। ଏହି ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏଥିରେ ହସ୍ତକ୍ଷେପ କରି କହିଥିଲେ ଯେ, ଏପରି କୌଣସି ଚୁକ୍ତି ହୋଇନାହିଁ ଏବଂ ଯଦି ବିରୋଧୀ ଦଳ ବାଚସ୍ପତିଙ୍କ ବିଷୟରେ କିଛି କହିବାକୁ ଚାହୁଁଛନ୍ତି, ତେବେ ବିର୍ଲା ମଧ୍ୟ ଗୃହରେ ଉପସ୍ଥିତ ରହିବା ଉଚିତ।

# ଓମାନକୁ ହରାଇଲା ଜିମ୍ବାୱେ

କଲମ୍ବୋ, ୯।୨ (ଏଜେନ୍ସି) : ସୋମବାର କଲମ୍ବୋରେ ଖେଳା ଯାଉଥିବା ନିଜର ପ୍ରଥମ ମୁକାବିଲାରେ ଜିମ୍ବାୱେ ଏକତରଫା ଭାବେ ଓମାନକୁ ହରାଇ ଦେଇଛି। ପ୍ରଥମେ ବୋଲିଂ କରି ଓମାନକୁ ମାତ୍ର ୧୦୩ ରନରେ ଅଲଆଉଟ କରି ଦେଇଥିଲା ଜିମ୍ବାୱେ। ଏହାପରେ ୧୩.୩ ଓଭରରେ ଦଳ ମାତ୍ର ୨ ୱିକେଟ ହରାଇ ବିଜୟ ଟାର୍ଗେଟକୁ ହାସଲ କରି ନେଇଛି। ଜିତିବା ପାଇଁ ମାତ୍ର ୨ ରନ ଦରକାର ଥିବା ବେଳେ ଚୌକା ମାରି ଅଧିନାୟକ ରାଜା ବିଜୟ ମୁଣ୍ଡି ମାରିଛନ୍ତି। ତେବେ ବୋଲିଂରେ କମାଲ କରିଥିବା ଦ୍ରୁତ ବୋଲର ବ୍ଲେସିଂ ମୁଜରବାନି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଜିତିଛନ୍ତି। ସେ ୪ ଓଭରରେ ମାତ୍ର ୧୬ ରନ ଦେଇ ଓମାନର ୩ ବ୍ୟାଟରଙ୍କୁ ଆଉଟ କରିଥିଲେ। ଟସ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଓମାନ ଆରମ୍ଭରୁ ହିଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ପ୍ରଥମ ୫ ବ୍ୟାଟର ଦୁଇ ଅଙ୍କ ଛୁଇଁବାକୁ ସକ୍ଷମ ହୋଇ ନଥିଲେ।



ଆମୀର କଲୀମ ୫ ରନ, ଅଧିନାୟକ ଜତିନ୍ଦର ସିଂହ ୫, ହାମଦ ମିର୍ଜା ୦, କରନ ସୋନାଭାଲେ ୦ ଓ ୱାସିମ ଅଲୀ କେବଳ ୩ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମ ୫ ୱିକେଟରୁ ମୁଜରବାନି ୩ଟି, ରିଚାର୍ଡ ନାଗରଭା ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ୨୭ ରନରେ ଓମାନ ୫ ୱିକେଟ ହରାଇ ସଂଘର୍ଷ କରୁଥିବା ବେଳେ ସୁଫୟାନ ମେହମୁଦ ଓ ବିନାୟକ ଶୁକ୍ଲା ସ୍ଥିତି ସମ୍ଭାଳି ଦଳୀୟ ସ୍କୋରକୁ ୬୯ ରନରେ ପହଞ୍ଚାଇଥିଲେ। ଏତିକି ବେଳେ ୨୧ ବଲରେ ୨୮ ରନ କରିଥିବା ଶୁକ୍ଲାଙ୍କୁ ନାଗରଭା ଆଉଟ କରି ଓମାନକୁ ୬ଷ୍ଠ ଝଟକା ଦେଇଥିଲେ। ସମାନ ଓଭରର ଶେଷ ବଲରେ ଜିତେନ ରାମାଣ୍ଡି(୧) ମଧ୍ୟ ନାଗରଭାଙ୍କ ଶିକାର ବନିଥିଲେ। ଦଳୀୟ ସ୍କୋର ୭୬ ଥିବା ବେଳେ ସୁଫୟାନ ମଧ୍ୟ ୨୫ ରନ କରି ବ୍ରାଡ ଇଭାନ୍ସଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ନଦୀମ ଖାନ ୨୦ ରନ କରିବାରୁ ଓମାନ ବହୁତ କଷ୍ଟରେ ୧୦୦ ରନ ପାର କରିଥିଲା। ତାଙ୍କୁ ଇଭାନ୍ସ ୧୯.୫ ଓଭରରେ ଆଉଟ ଓମାନ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଏହାପୂର୍ବରୁ ଶକୀଲ ଅହମଦଙ୍କୁ ମଧ୍ୟ ଇଭାନ୍ସ କ୍ଲିନବୋଲ୍ଡ କରିଥିଲେ। ଜିମ୍ବାୱେ ପକ୍ଷରୁ ମୁଜରବାନି, ନାଗରଭା ଓ ଇଭାନ୍ସ ୩ଟି ଲେଖାଏ ୱିକେଟ ନେଇଥିବା ବେଳେ ରାଜାଙ୍କୁ ଗୋଟିଏ ସଫଳତା ମିଳିଛି। ୧୦୪ ରନର ପିଛା କରିବାକୁ ଓହ୍ଲାଇଥିବା ଜିମ୍ବାୱେ ଆରମ୍ଭରୁ ଆଟାକିଂ ଶଟ ଖେଳିଥିଲା। ଟି ମରୁମାନି ଓ ବ୍ରାଏନ ବେନ୍ନେଟ ଦ୍ରୁତଗତିରେ ରନ ସଂଗ୍ରହ କରିଥିଲେ। ତେବେ ଦଳୀୟ ସ୍କୋର ୩୦ ଥିବା ବେଳେ ମରୁମାନି ୧୧ ବଲରେ ୧୧ ରନ କରି ସୁଫୟାନଙ୍କ ବଲରେ ଆଉଟ ହୋଇଥିଲେ। ଏହାର ଗୋଟିଏ ବଲ ପରେ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିନୟ ଫେରିଥିଲେ ଡିଓନ ମେୟର୍ସ। ଲଗାତର ଦୁଇଟି ୱିକେଟ ହରାଇଥିବା ଜିମ୍ବାୱେକୁ ଏତିକି ବେଳେ ସମ୍ଭାଳିଥିଲେ ବେନ୍ନେଟ ଓ ଅଭିଜ୍ଞ ବ୍ରେଣ୍ଡନ ଟେଲର। ଉଭୟ ଦମଦାର ବ୍ୟାଟିଂ କରି ତୃତୀୟ ୱିକେଟ ପାଇଁ ୫୬ ବଲରେ ୬୮ ରନ ଯୋଡ଼ିଥିଲେ। ତେବେ ଦଳକୁ ଜିତିବା ପାଇଁ ମାତ୍ର ୬ ରନ ଦରକାର ଥିବା ବେଳେ ବ୍ୟକ୍ତିଗତ ୩୧ ରନ କରି ରିଟାର୍ଡ ହର୍ଟ ହୋଇଥିଲେ ଟେଲର। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ରାଜାଙ୍କ ସହ ମିଶି ବେନ୍ନେଟ ବାକି ରନ ହାସଲ କରି ନେଇଥିଲେ। ଦଳକୁ ଜିତିବାକୁ ୨ ରନ ଦରକାର ଥିବା ବେଳେ ସିକନ୍ଦର ରାଜା ଚୌକା ମାରି ଜିମ୍ବାୱେକୁ ୮ ୱିକେଟରେ ବିଜୟ ଭେଟି ଦେଇଥିଲେ। ବେନ୍ନେଟ ଶେଷ ଯାଏ ୪୮ ରନ ଓ ରାଜା ୨ ବଲରେ ୫ ରନ କରି ଅପରାଜିତ ରହିଥିଲେ।

## ଟି-୨୦ ବିଶ୍ୱକପ୍

# ଇଟାଲୀକୁ ୭୩ ରନରେ ହରାଇ ସ୍କଟଲ୍ୟାଣ୍ଡ ବିଜୟୀ

କୋଲକାତା, ୯।୨(କୋଲକାତା) : ଚଳିତ ଟି-୨୦ ବିଶ୍ୱକପରେ ବାଂଲାଦେଶ ବଦଳରେ ଶେଷ ମୁହୂର୍ତ୍ତରେ ସୁଯୋଗ ପାଇଥିବା ସ୍କଟଲ୍ୟାଣ୍ଡ ହାସଲ କରିଛି ପ୍ରଥମ ବିଜୟ। କୋଲକାତାର ଇଡେନ ଗାର୍ଡେନ୍ସରେ ଦଳ ଡେବ୍ୟୁଟାଣ୍ଟ ଇଟାଲୀ ବିପକ୍ଷରେ ହାସଲ କରିଛି ଦମଦାର ବିଜୟ। ଆଜି ଇଟାଲୀକୁ ଏକତରଫା ଭାବେ ୭୩ ରନରେ ପରାସ୍ତ କରିଛି। ୨୦୮ ରନର ପିଛା କରୁଥିବା ଇଟାଲୀ ୧୩୪ ରନରେ ଅଲଆଉଟ ହୋଇଯାଇଛି। ବ୍ୟାଟିଂରେ ୫ ବଲରେ ଅପରାଜିତ ୨୨ ରନ ଓ ବୋଲିଂରେ ୪ ୱିକେଟ ନେଇଥିବା ସ୍କଟଲ୍ୟାଣ୍ଡର ମାଇକେଲ ଲିସ୍କ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।

ଚଳିତ ବିଶ୍ୱକପରେ ଏହା ସ୍କଟଲ୍ୟାଣ୍ଡର ଦ୍ୱିତୀୟ ମ୍ୟାଚରୁ ପ୍ରଥମ ବିଜୟ। ଫେବୃଆରୀ ୭ରେ ଦଳ ଇଡେନ ଗାର୍ଡେନ୍ସରେ ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିଥିଲା। ହେଲେ ଦଳକୁ ୩୫ ରନରେ ମ୍ୟାଚ୍ ହାରିବାକୁ ପଡ଼ିଥିଲା। କିନ୍ତୁ ଆଜି ଇଟାଲୀ ବିପକ୍ଷ ମ୍ୟାଚ୍ରେ ସ୍କଟଲ୍ୟାଣ୍ଡ ଉଭୟ ବ୍ୟାଟିଂ ଓ ବୋଲିଂରେ ଦମଦମାର ପ୍ରଦର୍ଶନ କରି ଚମତ୍କାର ବିଜୟ ହାସଲ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ସ୍କଟଲ୍ୟାଣ୍ଡ ପାଇଁ ଦୁଇ ଓପନର ଜର୍ଜ ମୁନସୀ ଓ ମାଇକେଲ ଜୋନ୍ସ ଦମଦାର ବ୍ୟାଟିଂ କରିଥିଲେ। ଉଭୟ ପ୍ରଥମ ୱିକେଟ ପାଇଁ ୧୨୬ ରନ ଯୋଡ଼ି ଇଟାଲୀକୁ ଆରମ୍ଭରୁ ହିଁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ମୁନସୀ ୫୪ ବଲରେ ୮୪ ରନ କରିଥିବା ବେଳେ ତାଙ୍କ ବ୍ୟାଟରୁ ବାହାରିଛି ୧୩ଟି ଚୌକା ଓ ୨ଟି ବିଶାଳ ଛକା।

ସେହିପରି ଜୋନ୍ସ ୨ଟି ଛକା ଓ ଗୋଟିଏ ଚୌକା ବଳରେ ୩୭ ରନ କରିଛନ୍ତି। ଅଲରାଉଣ୍ଡର ବ୍ରାଣ୍ଡନ ମ୍ୟାକମୁଲାନ ୧୮ ବଲରେ ଅପରାଜିତ ୪୧ ରନ, ଅଧିନାୟକ ରିଚି ବେରିଙ୍ଗଟନ ୧୧ ବଲରେ ୧୫ ଓ ଶେଷ ଭାଗରେ ମାଇକେଲ ଲିସ୍କ ୫ ବଲରେ ୨୨ ରନର ଅପରାଜିତ ଇନିଂସ ଖେଳିବାରୁ ସ୍କଟଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ କରିଥିଲା। ଚଳିତ ବିଶ୍ୱକପରେ ଏହା ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚ ଦଳଗତ ସ୍କୋର। ଇଟାଲୀ ପକ୍ଷରୁ ଅଲୀ ହାସନ, ଗ୍ରାଣ୍ଟ ସେଟୱାର୍ଟ, ଥୋମାସ ଡାରକା ଓ ଜେଜେ ସ୍ମୁଟ୍ସ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।



ବିଶ୍ୱକପର ଡେବ୍ୟୁ ମ୍ୟାଚରେ ବିଶାଳ ୨୦୮ ରନର ପିଛା କରୁଥିବା ଇଟାଲୀ ପ୍ରଥମ ବଲରେ ହିଁ ଜଷ୍ଟିନ ମୋସ୍କାଙ୍କୁ ହରାଇଥିଲା। ଲିସ୍କ ତାଙ୍କୁ ଆଉଟ କରିଥିଲେ। ଆନ୍ଥୋନୀ ମୋସ୍କା ୧୩ ଓ ଜେଜେ ସ୍ମୁଟ୍ସ ୧୧ ବଲରେ ୨୨ ମଧ୍ୟ ବେଶୀ କିଛି କରିପାରି ନଥିଲେ। ତେବେ ମଧ୍ୟକ୍ରମରେ ହ୍ୟାରୀ ମାନେଣ୍ଟି ଓ ବେନ ମାନେଣ୍ଟି ସ୍ଥିତି ସମ୍ଭାଳି ଦଳୀୟ ସ୍କୋରକୁ ୧୦୦ ପାର କରାଇଥିଲେ।

ଏପରି କି ବେନଙ୍କ ବ୍ୟାଟରୁ ଅର୍ଦ୍ଧଶତକ ମଧ୍ୟ ଦେଖିବାକୁ ମିଳିଥିଲା। ସେ ୩୧ ବଲରେ ୫୨ ଓ ହ୍ୟାରୀ ୨୫ ବଲରେ ୩୭ ରନ କରି ଆଉଟ ହେବା ପରେ ଇଟାଲୀର ବ୍ୟାଟିଂ ଲାଇନ ଅପ ତାସର ଘର ପରି ଭୁଶୁଡ଼ି ପଡ଼ିଥିଲା।

ଗ୍ରାଣ୍ଟ ସେଟୱାର୍ଟ ୨ ରନ, ୱିକେଟ କିପର ଜିଆନ ମେଆଡ ୦, ଥୋମାସ ଡ୍ରାକା କେବଳ ୨ ରନ କରିବାକୁ ସକ୍ଷମ ହୋଇଥିଲେ। ୧୬ ଓଭର ସୁଦ୍ଧା ଇଟାଲୀ ୮ ୱିକେଟ ହରାଇ କେବଳ ୧୩୩ ରନ କରି ପାରିଥିଲା। ତେବେ ୧୭ତମ ଓଭର ବୋଲିଂ କରିବାକୁ ଆସିଥିବା ବ୍ରାଡ ହ୍ୱିଲ ୪ର୍ଥ ବଲରେ ଖାତା ଖୋଲିବା ପୂର୍ବରୁ ଅଲୀ ହାସନଙ୍କୁ ଆଉଟ କରି ଇଟାଲୀ ଇନିଂସକୁ ୧୩୪ ରନରେ ଶେଷ କରି ଦେଇଥିଲେ। ଫିଲ୍ଡିଂ ବେଳେ ଆହତ ହୋଇଥିବା ଇଟାଲୀ ଅଧିନାୟକ ୱୟନେ ମାଡସେନ ଆଜିର ମ୍ୟାଚ୍ରେ ବ୍ୟାଟିଂ କରିବାକୁ ସକ୍ଷମ ହୋଇ ନାହାନ୍ତି। ସ୍କଟଲ୍ୟାଣ୍ଡ ପକ୍ଷରୁ ମାଇକେଲ ଲିସ୍କ ସର୍ବାଧିକ ୪ ୱିକେଟ ନେଇଥିବା ବେଳେ ମାର୍କ ୱାଟ ୨ଟି, ବ୍ରାଡ କୁରିଏ, ବ୍ରାଡ ହ୍ୱିଲ ଓ ଓଲିଭର ଡାଭିସନ ଗୋଟିଏ ଲେଖାଏ ୱିକେଟ ପାଇଛନ୍ତି।

# ଆଦିଦେବ ସଚିନ ତେନ୍ଦୁଲକର ଫିଡ଼ର ସେଣ୍ଟର ନେଟ୍ସ ପାଇଁ ମନୋନୀତ

କେନ୍ଦୁଝର, ୯।୨(ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏନ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୧୪ବର୍ଷରୁ କମ କ୍ରିକେଟରେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳୀ ଭାବେ ଆଦିଦେବ ସାହୁ ସଚିନ ତେନ୍ଦୁଲକର ଫିଡ଼ର ସେଣ୍ଟର ନେଟ୍ସ ଖେଳିବା ପାଇଁ ମନୋନୀତ ହୋଇଛନ୍ତି । ସେ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ୧୪ବର୍ଷରୁ କମ କ୍ରିକେଟରେ ନିଜର ଶ୍ରେଷ୍ଠିବ ପ୍ରଦର୍ଶନ କରିଥିଲେ । ଫେବୃଆରୀ ୯ତାରିଖରୁ ଭୁବନେଶ୍ୱରର କିଟସ ଷ୍ଟାଡିଅମର ଆୟୋଜିତ ନେଟ୍ସ ରେ ସେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳୀ ଭାବେ ସ୍ଥାନ ପାଇଛନ୍ତି ବୋଲି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଆଦିଦେବ କେନ୍ଦୁଝର ଟେଲିଫୋନ ଏକ୍ସଚେଞ୍ଜ ନିକଟରେ ରହୁଥିବା ବେଳେ ପିତା ସତ୍ୟନାରାୟଣ ସାହୁ ଓ ମାତା ଶଶୀକଳା ସାହୁ । ସେ ସେଣ୍ଟ ଜାଭିଅର ସ୍କୁଲରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଫେମସ କ୍ଲବରୁ ସେ ନିୟମିତ ଖେଳୁଥିବାବେଳେ ଦୀପକ କୁମାର ମୁଖିଙ୍କ ପ୍ରଶିକ୍ଷଣ ଓ ଗିରିଶ ଚନ୍ଦ୍ର ହୋତାଙ୍କ ପ୍ରେରଣାରେ ଅଭ୍ୟାସ ଦୈନିକ କରିଥାନ୍ତି ।ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ଭବିଷ୍ୟତରେ ଅଧିକ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ କାମନା କରିଛନ୍ତି ।

## ତମାଣ୍ଡୋ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଦ୍ୱିତୀୟ ଲିଗ ମ୍ୟାଚରେ ଟିସିସି ଭୁବନେଶ୍ୱର ବିଜୟୀ

ଭୁବନେଶ୍ୱର, ୯ ।୨(ସବ୍ୟୁ) : ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରୀକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଟିସିସି ଭୁବନେଶ୍ୱର ଓ ଆରସି ବ୍ରହ୍ମପୁର ପରସ୍ପରକୁ ଭେଟିଥିଲେ। ଏହି ଦ୍ୱିତୀୟ ଲିଗ ମ୍ୟାଚରେ ଟିସିସି ଭୁବନେଶ୍ୱର ୧୪୮ ରନରେ ଆରସି ବ୍ରହ୍ମପୁରକୁ ପରାସ୍ତ କରିଛି। ଆଜି ଟିସିସି ଦଳ ପ୍ରଥମେ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ।ଟିସିସି ଦଳ ନିର୍ଦ୍ଧାରିତ ୨୦ ଓଭର ଖେଳି ୪ ୱିକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲେ।ଟିସିସି ଦଳ ପକ୍ଷରୁ ଅତୁଲ ସଧୱାର ୩୬ ବଲରେ ୮୨ ରନ, ସିଦ୍ଧାନ୍ତ ଜେନା ୨୪ ବଲରେ ୪୯ ରନ ଓ ରାମଚନ୍ଦ୍ର ୩୧ ବଲରେ ୪୦ ରନ କରି ଦଳ ପାଇଁ ବିଶାଳ ରନ ଠିଆ କରିଥିଲେ।ଆରସି ବ୍ରହ୍ମପୁର ଦଳର ବୋଲୋର ମାନେ ଆକ୍ରମଣାତ୍ମକ ଢଙ୍ଗରେ ବୋଲିଂ କରିଥିଲେ ମଧ୍ୟ କିଛି କାମ କରିନଥିଲା।ଆରସି ଦଳର ଟିମ ଡାଭିଡ୍ ୪



ଓଭର ବୋଲିଂ କରି ୪୦ ରନ ଦେଇ ଗୋଟିଏ ୱିକେଟ ଦଖଲ କରିବାରେ ସକ୍ଷମ ହେଉଥିଲେ। ସେହିଭଳି ଖେଳର ଦ୍ୱିତୀୟ ଇନିଙ୍ଗସରେ ଆଇସି ବ୍ରହ୍ମପୁର ୨୬୩ ରନର ବିଜୟ ଲକ୍ଷ ନେଇ ପିଛା କରିଥିଲେ ମଧ୍ୟ ନିର୍ଦ୍ଧାରିତ ୧୬.୨ ଓଭରରେ ସମସ୍ତ ୱିକେଟ ହରାଇ ୧୧୪ ରନରେ ସିମିତ ରହିଥିଲେ। ଟିସିସି ଭୁବନେଶ୍ୱର ଦଳର ରାମଚନ୍ଦ୍ର ବେହେରା ୨ ଓଭର ବୋଲିଂ କରି ୫ ରନ ଦେଇ ୨ ଟି ୱିକେଟ ଦଖଲକୁ ନେଇଥିଲେ। ସେହିଭଳି ନିରଞ୍ଜନ ବେହେରା ୨ ଓଭରରେ ୧୧ ରନ ଦେଇ ୨ ଟି ୱିକେଟ ଓ ସୁସିଲି ବାରିକ ୩.୨ ଓଭରରେ ୩୦ ରନ ଦେଇ ୨ ୱିକେଟ ଦଖଲକୁ ଦଳକୁ ବିଜୟ ଆଡକୁ ଟାଣି ନେଇଥିଲେ।ଫଳରେ ଆରସି ବ୍ରହ୍ମପୁର ଦଳକୁ ୧୪୮ ରନରେ ପରାସ୍ତ ହେବାକୁ ପଡ଼ିଥିଲା।ଆଜିର ଏହି ଟୁର୍ଣ୍ଣାମେଣ୍ଟରେ ରାମଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।ମ୍ୟାଚ ପରିଚାଳନା କରିଥିଲେ ଦିଲିପ କୁମାର ସାମଲ ଓ ବିଭୁ ପ୍ରସାଦ ଚୌଧୁରୀ।ଆଜିର ଏହି ଟୁର୍ଣ୍ଣାମେଣ୍ଟରେ ସାମାଜସେବି କୈଳାସ ଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ।ଆଶନ୍ତା କାଲି ବିଜେତା ୱାରିଅସ ଓ ୟୁବି ରକଷ୍ଟାର ପରସ୍ପରକୁ ଭେଟିବେ।

## ଏସୀୟ ଶୁଟିଂ ଚାମ୍ପିଅନସିପ

# ମାନ୍ୟତା ସିଂଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୯।୨(ସବ୍ୟୁ) : ଓଡ଼ିଶାର ପ୍ରତିଭାଶାଳୀ ଶୁଟର୍ ମାନ୍ୟତା ସିଂ ଏସୀୟ ଶୁଟିଂ ଚ୍ୟାମ୍ପିଅନସିପ୍ ୨୦୨୬ରେ ରୌପ୍ୟ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ନୂଆ ଦିଲ୍ଲୀର ଡ଼ା. କର୍ଣ୍ଣି ସିଂହ ଶୁଟିଂ ରେଞ୍ଜରେ ଆୟୋଜିତ ଏହି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ୧୦ ମିଟର ଏୟାର୍ ରାଇଫଲ୍ କନିଷ୍ଠ ମହିଳା ବର୍ଗରେ ମାନ୍ୟତା ସିଂ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଏସୀୟ ଶୁଟିଂ ଚାମ୍ପିଅନସିପରେ ମାନ୍ୟତା ସିଂ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ମାନ୍ୟତା କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଆଦିତ୍ୟ ବିର୍ଲା-ଗଗନ୍ ନାରାଙ୍ଗ ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟରରେ ଓଟିଏପି ଯୋଜନା ଅଧୀନରେ ୨୦୨୦ ମସିହାରୁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ମାନ୍ୟତାଙ୍କ ଏହି ସଫଳତା ପାଇଁ ଓଡ଼ିଶା ରାଇଫଲ୍ ଆସୋସିଏସନର ସମ୍ପାଦକ ଡ଼ା. ହରିପ୍ରସାଦ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଶୁଟିଂ ଏଚ୍‌ପିସି ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।



# ରାଉରକେଲାରେ ଆଜିଠୁ ପୁରୁଷ ହକି ପ୍ରୋ- ଲିଗ୍

ରାଉରକେଲା : ବର୍ଷକପରେ ରାଉରକେଲାକୁ ଫେରୁଛି ଅନ୍ତର୍ଜାତୀୟ ହକି। ଆସନ୍ତା ୧୦ ତାରିଖରୁ ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆରମ୍ଭ ହେବ ପୁରୁଷ ହକି ପ୍ରୋ-ଲିଗ୍। ଏହାକୁ ଚାତକପରି ଚାହିଁବସିଛନ୍ତି ଜିଲ୍ଲାର ଅସଂଖ୍ୟ ହକିପ୍ରେମୀ। ତେବେ ଏଥର ଏହି ସମ୍ମାନଜନକ ପ୍ରତିଯୋଗିତା ସ୍ଥାନୀୟ ହକିପ୍ରେମୀଙ୍କ ଉତ୍କଣ୍ଠା ଓ ଉତ୍ସାହକୁ ଦ୍ୱିଗୁଣିତ କରିଛି; କାରଣ ଏଥର ୨୪ ଜଣିଆ ଭାରତୀୟ ଦଳରେ ଅଛନ୍ତି ସୁନ୍ଦରଗଡ଼ ଜନ୍ମିତ ୫ ଜଣ ଖେଳାଳି। ଏହି ତାରକା ଖେଳାଳି ହେଉଛନ୍ତି ଅମିତ ରୋହିଦାସ, ଅମନଦୀପ ଲାକ୍ରା, ରୋଶନ କୁଜୁର, ଶୀଳାନନ୍ଦ ଲାକ୍ରା ଓ ନୀଳମ ସଞ୍ଜୀପ ଖେସ୍।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ସି କେ ନାଇଡୁ ଟ୍ରଫି : ବେଙ୍ଗଲ ୧୦୨ ରନରେ ବିଜୟୀ

ବରଗଡ ,(ସବ୍ୟୁ): ବରଗଡ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ଦଳ ମଧ୍ୟରେ ଚାଲିଥିବା ସି କେ ନାଇଡୁ ଟ୍ରଫିର ଇଲାଇଟ ଗ୍ରୁପ ବି ର ମ୍ୟାଚରେ ସୋମବାର ଅନ୍ତିମ ଦିବସରେ ବେଙ୍ଗଲ ଦଳ ଓଡ଼ିଶା ଦଳକୁ ୧୦୨ ରନରେ ହରାଇ ମ୍ୟାଚରୁ ୧୨ ପଏଣ୍ଟ ଲାଭ କରିଥିବା ବେଳେ ଓଡ଼ିଶା ଦଳକୁ ମିଳିଛି ୬ ପଏଣ୍ଟ । ନିଜର ଦ୍ୱିତୀୟ ଇନିଂସର ଗତକାଲିର ଅସମାପ୍ତ ସ୍କୋର ୩୫/୩ ଓ୍ୱିକେଟରୁ ସୋମବାର ସକାଳେ ଖେଳ ଆରମ୍ଭ କରି ବେଙ୍ଗଲ ଦଳ ୫୧ ଓଭର ରେ ୨୭୧/ ୯ ରେ ପାଳି ସମାପ୍ତ ଘୋଷଣା କରି ଓଡ଼ିଶାକୁ ବ୍ୟାଟିଂ ପାଇଁ ଆହ୍ୱାନ କରିଥିଲା । ବେଙ୍ଗଲ ପକ୍ଷରୁ ଗତକାଲି ଆୟୁଷ ସିଂ ୧୨୯ ରନ, ପ୍ରଭାତ ମୌର୍ଯ୍ୟଙ୍କ ୩୮ ରନ , ସୁମିତ ନାଗଙ୍କ ୨୭ ରନ ପରେ ଅଧିନାୟକ ଶଶାଙ୍କ ସିଂ ୨୭ ରନ, ସୁଖମିତ ସିଂ ୧୭ କରିଥିଲେ । ପ୍ରତିପକ୍ଷ ବେଙ୍ଗଲ ଦଳ ପକ୍ଷରୁ ଇର୍ଷାଦ ଆଲମ ୭୧/୫ଓ୍ୱିକେଟ , ରୋହିତ ୬୧ / ୫ ଓ୍ୱିକେଟ ନେଇଥିଲେ । ଆଜିର ମ୍ୟାଚ ପରେ ଜିଲ୍ଲା କ୍ରିକେଟ ଏସୋସିଏସନ ପକ୍ଷରୁ ପୂର୍ବତନ ଭାରତୀୟ ଖେଳାଳୀ ତଥା ବେଙ୍ଗଲ ଦଳର ଅନ୍ୟତମ କୋଚ ଉତ୍ପଳ ଚାଟାର୍ଜୀଙ୍କୁ ସ୍ମାରକୀ , ସାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ମ୍ୟାଚ୍ ରେଫରୀ ଓ ଅମ୍ପାୟର ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା କ୍ରିକେଟ ଏସୋସିଏସନର ପ୍ରାକ୍ତନ ସଭାପତି ଅରୁଣ କୁମାର ମହାନ୍ତି,ପ୍ରାକ୍ତନ ଉପ-ସଭାପତି ପ୍ରଭାତାଦିତ୍ୟ ମିଶ୍ର, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ସମ୍ପାଦକ ରବି ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ , ପ୍ରଦୀପ ନନ୍ଦ , ଗୁରୁଦତ୍ତ ଦାସ , ରଜତ ଦାଶଙ୍କ ସହ କ୍ରିଷ୍ଣା ବିକାଶ ସ୍କୁଲର କ୍ରୀଡା ଅଧିକାରୀ ପିତାମ୍ବର ପ୍ରଧାନ , କୋଚ୍ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ୍ ରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଖେଳକୁ ବିସିସିଆଇର ଅମ୍ପାୟାର ରଞ୍ଜୀବ ଶର୍ମା ଓ ଗଣେଶ ଚରହଟେ ପରିଚାଳନା କରିଥିବାବେଳେ ମ୍ୟାଚ୍ ରେଫରି ଥିଲେ ଗୌରବ ବଶିଷ୍ଟ । ବିସିସିଆଇ ପକ୍ଷରୁ ଅନଲାଇନ୍ ସ୍କୋରର୍ ଥିଲେ ସି ଡି ସୁନିଲ ଓ ବୀରବର ନାୟକ, ସିନିୟର୍ ଭିଡିଓ ସାରଦା ପ୍ରସନ୍ନ ବିଶ୍ୱାଳ ଓ ଭିଡିଓ ଏନାଲିଷ୍ଟ ତାପସ କୁମାର ନାୟକ ରହିଥିଲେ ।

## ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ

# ଭୁବନେଶ୍ୱରକୁ ହରାଇ କେନ୍ଦ୍ରାପଡା ଚାମ୍ପିଅନ

ବାସୁଦେବପୁର, ୯।୨(ସବ୍ୟୁ) : ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱରକୁ ୨- ୦ ଗୋଲରେ ପରାସ୍ତ କରି କେନ୍ଦ୍ରାପଡା ଚାମ୍ପିଅନ ହୋଇଛି । ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଆୟୋଜିତ ଫାଇନାଲ ମ୍ୟାଚରେ ନଟ୍ ଇଏଟ୍ ଭୁବନେଶ୍ୱର ଓ କେନ୍ଦ୍ରାପଡାର ଚାନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ନଟ୍ ଇଏଟ୍ ଭୁବନେଶ୍ୱରକୁ ୨-୦ ଗୋଲରେ ପରାସ୍ତ କରି ଚାନ୍ଦ କ୍ଲବ କେନ୍ଦ୍ରାପଡା ଚମ୍ପିୟନ ହୋଇଛି । ରେଫେରୀ ଭାବେ ପ୍ରସନ୍ନ କୁମାର ନାୟକ ଖେଳ ପରିଚାଳନା କରିଥିବାବେଳେ ମାନସ କୁମାର ବିଶ୍ୱାଳ,ସୁକାନ୍ତ ସିଂ ସହଯୋଗ କରିଥିଲେ ।

# ୭୪ତମ ପୋଲିସ ଆଥଲେଟିକ୍ସ ଚାମ୍ପିଅନସିପ୍

କଟକ, ୯।୨(ସବ୍ୟୁ) : କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ସ ଚାମ୍ପିଅନସିପର ଦ୍ୱିତୀୟ ଦିନର କ୍ରୀଡା ପ୍ରତିଯୋଗିତାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ରାଜ୍ୟର ବିଭିନ୍ନ ପୋଲିସ ଜିଲ୍ଲା, ବାଟାଲିୟନ୍ ଓ ୟୁନିଟର ଖେଳାଳିମାନେ ଉଚ୍ଚ ମାନର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ । ଦ୍ୱିତୀୟ ଦିନରେ ପୁରୁଷ ଓ ମହିଳା ବର୍ଗରେ ବିଭିନ୍ନ ପ୍ରକାର ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୧୦୦ ମିଟର ବାଧାଦୌଡ , ୧୧୦ ମିଟର ବାଧାଦୌଡ, ଟ୍ରିପଲ ଜମ୍ପ, ୨୦୦ ମିଟର, ୪୦୦ ମିଟର, ୫୦୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ଶଟପୁଟ୍, ଡିସକସ୍ ଥ୍ରୋ, ଜାଭେଲିନ ଥ୍ରୋ, ଡେକାଥଲନ ଓ ରିଲେ ଭଳି ପ୍ରତିଯୋଗିତା ହୋଇଥିଲା। ଅନେକ ଖେଳାଳି ଉଲ୍ଲେଖନୀୟ କ୍ରୀଡା କୌଶଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଅଧିକାର କରିଥିଲେ। ଦ୍ୱିତୀୟ ଦିନର ମୁଖ୍ୟ ଇଭେଣ୍ଟ ଓ ପଦକ ବିଜେତା ହେଲେ ୨୦୦ ମିଟର ଦୌଡରେ ବିଘ୍ନରାଜ ମିରିଡିଆଙ୍କୁ ସ୍ୱର୍ଣ୍ଣ, ପୁରୁଷ ୫୦୦୦ ମିଟର ଦୌଡ଼ରେ ଅଶୋକ ଦଣ୍ଡସେନାଙ୍କୁ ସ୍ୱର୍ଣ୍ଣ, ପୁରୁଷ ୧୧୦ ମିଟର ବାଧାଦୌଡ଼ରେ ଅଂଶୁମାନ ରାୟଗୁରୁଙ୍କୁ ସ୍ୱର୍ଣ୍ଣ, ପୁରୁଷ ଟ୍ରିପଲ ଜମ୍ପରେ ତରଣିସେନ ମହନ୍ତଙ୍କୁ ସ୍ୱର୍ଣ୍ଣ, ପୁରୁଷ ଡିସକସ୍‌ରେ କେ. ବାବୁଜିଙ୍କୁ ସ୍ୱର୍ଣ୍ଣ, ମହିଳା ୨୦୦ ମିଟର ଦୌଡ଼ରେ ଶୁଖି ବାସକେଙ୍କୁ ସ୍ୱର୍ଣ୍ଣ, ମହିଳା ୫୦୦୦ ମିଟର ଦୌଡରେ ସୁସ୍ମିତା ଟିଗାଙ୍କୁ ସ୍ୱର୍ଣ୍ଣ, ମହିଳା ୧୦୦ ମିଟର ବାଧାଦୌଡ଼ରେ ସବିତା ଟପୋଙ୍କୁ ସ୍ୱର୍ଣ୍ଣ, ମହିଳା ଲଙ୍ଗ ଜମ୍ପରେ ସୁଚିସ୍ମିତା ପ୍ରଧାନଙ୍କୁ ସ୍ୱର୍ଣ୍ଣ, ମହିଳା ଜାଭେଲିନରେ ରଂଜିତା ଖେସଙ୍କୁ ସ୍ୱର୍ଣ୍ଣ, ପୁରୁଷ ୪ x ୧୦୦ ମିଟର ରିଲେରେ ବ୍ରହ୍ମପୁରକୁ ସ୍ୱର୍ଣ୍ଣ, ମହିଳା ୪ x ୧୦୦ ମିଟର ରିଲେରେ ସୁନ୍ଦରଗଡକୁ ସ୍ୱର୍ଣ୍ଣ, ପୁରୁଷ ଡେକାଥଲନରେ କୋରାପୁଟକୁ ସ୍ୱର୍ଣ୍ଣ ପଦକ ମିଳିଛି। ଏହି ଅବସରରେ ଆଇଜି (କାର୍ମିକ) ପ୍ରବୀଣ କୁମାର, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତିଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ।

## ୩୨ ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦଯାପିତ

# ଖୋର୍ଦ୍ଧା ଦଳଗତ ବିଜେତା

ଭୁବନେଶ୍ୱର, ୯।୨(ସବ୍ୟୁ) : ଗତ ତିନି ଦିନ ଧରି ଚାଲିଥିବା ୩୨ ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗୀତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ଉଦଯାପିତ ହୋଇଯାଇଅଛି । ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଜୟ କୁମାର ମିଶ୍ର ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ୨୦୨୬ ନିମନ୍ତେ ଖୋର୍ଦ୍ଧାର ସୋମେନ ସେନାପତି ସର୍ବ ମୋଟ ୬୨୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ ମ୍ୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ସୁନ୍ଦରଗଡ ର ପ୍ରତିଷ୍ଠା ସିଂ ୪୨୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ ଓମ୍ୟାନ ଆଖ୍ୟା ଅର୍ଜନ କରିଥିଲେ । ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଦଳଗତ ୧୯ ଟି ସ୍ୱର୍ଣ, ୧୪ ଟି ରୋପ୍ୟ ଓ ୮ ଟି କାଂସ୍ୟ ପଦକ ପାଇ ଦଳଗତ ଚମ୍ପିୟାନ ହୋଇଥିବା ବେଳେ କଟକ ୮ ଟି ସ୍ୱର୍ଣ ୭ ଟି ରୋପ୍ୟ ଓ ୭ ଟି କାଂସ୍ୟ ପଦକ ପାଇ ପ୍ରଥମ ରନର୍ସ ଅପ ଓ ସୁନ୍ଦରଗଡ ୭ ଟି ସ୍ୱର୍ଣ ଓ ୨ ଟି ରୋପ୍ୟ ପଦକ ପାଇ ୨ ୟ ରନର୍ସ ଅପ ଆଖ୍ୟା ଅର୍ଜନ କରିଛନ୍ତି । ଆସନ୍ତା ମାର୍ଚ୍ଚ ୨୪ ରୁ ୨୮ କର୍ଣାଟକ ର ମେଙ୍ଗାଲୁର ଅନୁଷ୍ଠିତ ହେବାକୁ ଥିବା ସିନିୟର ଜାତୀୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନେ ଭାଗ ନେବେ । ଏହି ପ୍ରତିଯୋଗୀତାକୁ ଓଡିଶା ଶକ୍ତି ଉତ୍ତୋଳନ ସଂଘର ଅଫିସିଆଲ ପ୍ରଦୀପ କୁମାର ପାତ୍ର, ଏନ ପି ପଟ୍ଟନାୟକ, ଗୋପାଳ ଦାସ, ଉମାକାନ୍ତ ବେହେରା, ଦୀପକ କୁମାର ନାୟକ, ସୁଜିତ ଗିରି, ସନ୍ତୋଷ ଦାସ, ସଦାଶିବ ତ୍ରିପାଠୀ, ବି ଟି ଭି ପ୍ରମଣ ମୂର୍ତ୍ତି,



ତେଜବ କୁମାର ସୁନା, ଲଳିତ କୁମାର ସାହୁ, ରାକେଶ ଶତପଥି, କୀର୍ତ୍ତିନ ବେହେରା, ଘାସିରାମ ହରିଜନ, ଗୀତାଞ୍ଜଳି ନାୟକ, ବାବୁଲା ସାମଲ, ପ୍ରଫୁଲ ଅମନାୟତ, ରାଜେନ୍ଦ୍ର ପରିଡା, ଅବିନାଶ କୁନ୍ଦିର, ଅଜୟ କୁମାର ବେହେରା, ଦୁଷ୍ମନ୍ତ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ସେକ୍ ଫିରୋଜ ଆଲମ୍, ଜାଭେଦ ଅର୍ଶଦ ଓ ଶକ୍ତିପ୍ରସାଦ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ୨୧ ଜିଲ୍ଲାରୁ ୨୦୦ ପୁରୁଷ ଓ ୬୦ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି